
-35

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟଃ !!!

# ଚରମ

ଦ୍ୱିତୀୟ ମହକ ❋ ସପ୍ତମ ପୁଷ୍ପ ❋ ଚତୁର୍ଥ ପାଖୁଡ଼ା ❋ ପଞ୍ଚତ୍ରିଂଶତ୍ତମ ସଂଖ୍ୟା ❋

ସଂପାଦକ : କେଶବଦାସ

ପ୍ରକାଶକ : ପୀତାମ୍ବର ଦାସ, ସାଧାରଣ ସଂପାଦକ,
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ

ମୁଦ୍ରକ ଓ ଅକ୍ଷରସଜ୍ଜା : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ୍,
କଟକ, ଫୋନ- ୦୬୭୧-୨୩୧୧୪୩୧

## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ

ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା
ପିନ୍ - ୭୫୪୨୦୬
ଫୋନ୍ - (୦୬୭୧) ୨୭୬୭୧୦୧

ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ
ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜିଃ କଟକଙ୍କ ଦ୍ୱାରା ପ୍ରକାଶିତ
ଏବଂ ରସଦ୍ ଆଡ୍ ଏଜେନ୍ସି, କଟକଙ୍କ ଦ୍ୱାରା ମୁଦ୍ରିତ । ପ୍ରକାଶକଙ୍କ କର୍ତ୍ତୃକ ସର୍ବସ୍ୱତ୍ତ୍ୱ ସଂରକ୍ଷିତ ।

❋ ଭକ୍ତି ପ୍ରେମାଞ୍ଜଳି : ପ୍ରତି ଖଣ୍ଡ : [illegible] ❋

❋ କେଶବାବ୍ଦ : ପଞ୍ଚଚତ୍ୱାରିଂଶତ୍ ❋ ଅଗ୍ନ୍ୟୁତ୍ସବ ମାସ ❋ ଅଗ୍ନ୍ୟୁତ୍ସବ ପୂର୍ଣ୍ଣିମା ❋

# ପ୍ରବେଶ ପରିଚିତି

❋ ସପ୍ତମ ପୁଷ୍ପ ❋
ଚତୁର୍ଥ ପାଖୁଡ଼ା
ପଞ୍ଚତ୍ରିଂଶତ୍ତମ ସଂଖ୍ୟା

ପୁନଃମୁଦ୍ରଣ-୨୦୧୧

❖ ବୈଦିକ ପ୍ରାର୍ଥନା ❖

ବିଶାଳ ବିଶ୍ୱସ୍ୟ ନିଧାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବୈଃ
ବସୁନ୍ଧରା ବାରି ବିମାନ ବହ୍ନିଃ
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ ॥


| ବିଷୟ | ପୃଷ୍ଠାଙ୍କ |
|---|---|
| **ଅରୁଣସ୍ତମ୍ଭ** | |
| ମଙ୍ଗଳାଚରଣ | ୧ |
| ଶ୍ରୀପାଦୁକା ବନ୍ଦନା | ୧ |
| **ସିଂହଦ୍ୱାର** | |
| ମନ ଚଇତନ ସମ୍ବାଦ | ୨ |
| **ମୁଖଶାଳା** | |
| ସଂପାଦକୀୟ | ୩ |
| 'ଚରମ୍'ର ଚିନ୍ତନ : ଏ ପାଖୁଡ଼ାରେ : ପ୍ରେମରହସ୍ୟ | ୪ |
| **ଶ୍ରୀମନ୍ଦିର** | |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ | ୭ |
| ପୁରାଣ ପୃଷ୍ଠାରୁ ଉଦ୍ଧାଂଶ | ୮ |
| ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ : 'ମୋହ' | ୧୧ |

| ବିଷୟ | ପୃଷ୍ଠାଙ୍କ |
|---|---|
| **ଗରୁଡ଼ସ୍ତମ୍ଭ** | |
| ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ | ୧୬ |
| ବାଲ୍ୟକାଳୁ ଧର୍ମଧନ ସଞ୍ଚିବି | ୧୯ |
| ଉତ୍ତିଷ୍ଠତଃ ! ଜାଗ୍ରତଃ !! | ୨୨ |
| ଜିଜ୍ଞାସା : ଜିଜ୍ଞାସୁ : | ୨୫ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ : | ୨୮ |
| କଲ୍ୟାଣ ଦେଲି ତୋତେ | ୩୧ |
| କେଶବ କୈବଲ୍ୟ କଣିକା | ୩୩ |
| **ନୀଳଚକ୍ର** | |
| 'ଚରମ'ର ସଙ୍କେତ | ୩୫ |
| ବିପରୀତ ରହସ୍ୟଭାବର ବ୍ୟାଖ୍ୟା : | ୩୭ |
| ଉତ୍ସବ ପରିଚିତି - ତ୍ରିଶକ୍ତି କରୁଣା | ୩୮ |
| ଆଶ୍ରମ ସନ୍ଦେଶ | ୪୪ |


## ପତ୍ରିକା ବ୍ୟବହାର ବିଧି

୧. ଶ୍ରଦ୍ଧା, ଭକ୍ତି, ନିଷ୍ଠା ଓ ବିଶ୍ୱାସର ସହିତ ପାଠ କରନ୍ତୁ ।
୨. ନିଷ୍ଠା ଓ ପବିତ୍ରତାର ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୩. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହା ଦ୍ୱାରା ପତ୍ରିକାର ଅଙ୍ଗହାନି ହେବ । ଏହା ଅକ୍ଷମଣୀୟ ଅପରାଧ ।
୪. ଚରମର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ଯତ୍ନର ସହ ସାଇତି ରଖନ୍ତୁ ।
୫. ଆମ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ/ପୁସ୍ତିକାଦି ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।
୬. ନିଜେ ପଢ଼ନ୍ତୁ ଓ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବା ପାଇଁ ପ୍ରବର୍ତ୍ତନା ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।
୭. ପଡ଼ୋଶୀମାନଙ୍କୁ ମଧ୍ୟ ପଢ଼ିବାର ସୁଯୋଗ ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।

- ସଂପାଦକ, 'ଚରମ' ॥



ମୂଳାଧାର କର୍ଣ୍ଣଧାର ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିତ୍ତ ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।।

# ଅନୁଶୀଳନ

## ମଙ୍ଗଳାଚରଣ



ତାତାସି ଲୋକସ୍ୟ ଚରାଚରସ୍ୟ
ତ୍ୱମେକ ଦେବଃ ପୁରାଣସ୍ତ୍ୱମେବ ।"
ତ୍ୱମେବ ନିତ୍ୟଂ ଜଗତୋଽଖିଳସ୍ୟ
ତ୍ୱମେବ ସୁତ ଯଦୁନାଥ ନାଥ ॥

## ଶ୍ରୀପାଦୁକା ସ୍ତୁତି

ଜୟ ଜୟ ପାଦୁକା ଗୋ ନମୁଛୁ ତୋ ପଦେ ।
ଯୁଗଯୁଗ ପାଇଁ ଦେବ ବସ ଆମ ହୃଦେ ॥
ଜୟ ଜୟ ପାଦୁକା ଗୋ ଜୟ ଗୁରୁସ୍ୱାମୀ ।
ସ୍ଥୂଳ ସୂକ୍ଷ୍ମ କାରଣରେ ତୁମେ ଅନ୍ତର୍ଯ୍ୟାମୀ ॥
ଜୟ ଜୟ ପାଦୁକା ଗୋ ଜାଗ୍ରତ ପ୍ରହରୀ ।
ସକଳ ଦୁଃଖ ଦୁର୍ଗତି ନିଅ ପ୍ରଭୁ ହରି ॥
ଜୟ ଜୟ ପାଦୁକା ଗୋ ନାମର ଭଣ୍ଡାର ।
ଦେଇପାରୁ ପ୍ରାଣୀ ହୃଦେ ଆନନ୍ଦ ଅପାର ॥
ଜୟ ଜୟ ପାଦୁକା ଗୋ ଗୁରୁରୂପ ଧରି ।
ନାମମୟ କରୁଅଛୁ ହୃଦୟ ଆମରି ॥

ଜୟ ଜୟ ପାଦୁକା ଗୋ କରୁ ଆନମନା ।
ତୋ ପାଦୁ ଝରୁଛି ସଦା ସୁଦିବ୍ୟ ଚେତନା ॥
ଜୟ ଜୟ ପାଦୁକା ଗୋ ନିଗମ ରହସ୍ୟ ।
ଅଧମରେ ଭୁଲାଉଚୁ ଦେଇ ସ୍ମିତ ହାସ୍ୟ ॥
ଜୟ ଜୟ ପାଦୁକା ଗୋ ଜୟ ବିଶ୍ୱପିତା ।
ଲେଖିଦିଏ ତୋର ପରିଚୟ ହୃଦେ ଗୀତା ॥
ଜୟ ଜୟ ପାଦୁକା ଗୋ ଜୟ ପୀତାମ୍ବରୀ ।
ସନାତନୀ ଧ୍ୱଜା ସାଥେ ଆସ ଅବତରି ॥
ଜୟ ଜୟ ପାଦୁକା ଗୋ ଜାଗ୍ରତ ପ୍ରହରୀ ।
ସକଳ ଦୁରିତ ନାଶ କରଗୋ ଆମରି ॥

ଜୟ ଜୟ ପାଦୁକା ଗୋ ଶୁଣ ହୋ ମିନତି ।
ଦିଅ ଜ୍ଞାନ ପ୍ରେମ ପୁଣି ନିର୍ମଳ ଭକତି ॥




## ମନ ଚଇତନ ସମ୍ବାଦ

କହେ ଚଇତନ ମନ, ଗୁରୁସେବା କର ।
ଗୁରୁ ସାକାର ଆକାର ଗୁରୁ ନିରାକାର ॥
ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁ ମହେଶ୍ୱର ।
ଏକ ଭାବେ ମିଳିଛନ୍ତି ଏକ କଳେବର ॥
ଶ୍ରୀଗୁରୁ ଅଟନ୍ତି ବ୍ରହ୍ମ ସାକ୍ଷାତ୍ ଆକାର ।
ଗୁରୁବିନା ବ୍ରହ୍ମଜ୍ଞାନ ନାହିଁ ସାଧିବାର ॥
ଜ୍ଞାନରେ ମଜ୍ଜିଲେ ଅଜ୍ଞାନଟି ହେବ ନାଶ ।
ବିଷୟା ବିଷକୁ ତେଜି ଜ୍ଞାନ ମାର୍ଗେ ରସ ॥
ବିଷରେ ରସି କେ କହ ପାଏ ଜ୍ଞାନାମୃତ ।
ବିଷୟାରେ ରସି ତୁକି ଜ୍ଞାନୀରେ ସ୍ୱୀକୃତ ??
ଗର୍ବ ଅହଂକାର ସଦାଦିନ ନ ରହିବ ।
ପଢ଼ା ଅପଢ଼ା ମିଶାଅ ଜଗତ ଦେଖିବ ॥
ବ୍ରହ୍ମାଣ୍ଡରେ ଅଛି ଯାହା ପିଣ୍ଡ ମଧ୍ୟେ ଅଛି ।
ତେଣୁ ପିଣ୍ଡ ବ୍ରହ୍ମାଣ୍ଡକୁ ମିଶାଅ ବୋଲୁଛି ॥
ମିଶି ମିଶାଇ ପାରିଲେ ଜ୍ଞାନ ଉଦେହେବ ।
ରସି ରସାଇବୁ ଯେବେ ଜଗତ ଜାଣିବ ॥
କହୁଅଛୁ ଆଣ୍ଟପଣେ ଯେତେଯେତେ କଥା ।
ନ କରିଲେ ନ ପାଇବୁ ଶ୍ରମହେବ ବୃଥା ॥
ପଢ଼ାପଢ଼ି କିଏ ଅବା ହୋଇଅଛି ସାଧୁ ।
ଅପଢ଼ା ପଢ଼ିଲେ ମୁଖେ ଚାଖିବୁରେ ମଧୁ ॥।
ମଧୁରବଚନ ସତ୍ୟ ଶାନ୍ତିକୁ ଧରିଣ ।
ମୋର ତୋର ଭାବ ସିନା ଅଟେ ଅକାରଣ ॥
ପୀଠେ ବସି ମଠ ଯେବେ ତୋଳିବୁରେ ବାବୁ ।
ତ୍ରିକୁଟରେ ବ୍ରହ୍ମଜ୍ୟୋତି ନିଶ୍ଚୟ ଦେଖିବୁ ॥
ଶାଠ ଛାଡ଼ି ପାଠ ପଢ଼ି ସଂସାରରେ ରସି ।
ଶଠ ହୋଇ ବାବୁ ସବୁ ହରାଇବୁ ବସି ॥

ପରନିନ୍ଦା ଅପବାଦ ଅପରକୁ ହିଂସା ।
ଈର୍ଷା ଆଦି ତେଜି ବାବୁ ଧରରେ ଅହିଂସା ॥
ଈର୍ଷା ହିଂସାଦିରେ କେବେ ନାହାଁନ୍ତି ତୋ ପ୍ରଭୁ ।
ସେ ସବୁ ତେଜିଲେ ସେହୁ ତାରି ଦେବେ ଭବୁ ॥
ଯୋଗ ମାର୍ଗେ ଯୋଗୀଜନ ଯାହାଛନ୍ତି କହି ।
ଜଗି ପାରିଲେ, ମନରେ ଯୋଗୀ ହେବୁ ତୁହି ॥
କଥା କହି ମଥା ଗୋଟି ନ ହେବ ନିରୋଳ ।
ମଥା ନୋଇଁ ସହିଗଲେ ପଳାଇବ କାଳ ॥
ବାଳକାଳ ଯାଇ ଯଉବନ ଗଲା ବହି ।
ବୃଦ୍ଧ ଅଙ୍ଗେ କପଟତା ଛାଡ଼ିଲୁ ତ ନାହିଁ ॥
ଛଳନାର ଅଭିନୟ ସାଥେ ଅହଂକାର ।
ଧରିଲୁ କଣ୍ଠି ମୁଖରେ ଉଚ୍ଚାରି ଓଁକାର ॥
ଏଥକୁ ଜ୍ଞାନ ଗାରିମା କେତେକୁ ଯୋଗାଏ ।
ବୃଥା ଜ୍ଞାନୀ ପଣ ମନ, କଳଙ୍କ ଲଗାଏ ॥
ଗୁରୁ ଗଉରବ ବୋଲି ଜାଣି ନ ପାରିଲୁ ।
ଗୁରୁହେବା ଆଶାଧରି ଦ୍ୱାରଦ୍ୱାର ବୁଲୁ ॥
ଉତ୍ତମଗୁରୁଙ୍କୁ ଲଭି ହେଜ ଅନ୍ତରରେ ।
ଗୁରୁ ରୂପ ଅଞ୍ଜନକୁ ରଂଜ ନୟନରେ ॥
ପତରପରି ହୋଇଲେ ହସିବେଟି ଜନ ।
ପଥର ପରି ସହିଲେ ଉଦେହେବ ଜ୍ଞାନ ॥
ଗୁରୁସ୍ୱାମୀ ! ଏ ଅଧମ ଅଜ୍ଞାନ ପାମର ।
ଶ୍ରୀପାଦ ପଙ୍କଜ ମାତ୍ର ଭରସା ମୋହର ॥
ତୁମ୍ଭେ ଥିବ ଯେବେ ମୋର ଭୟ ବା କାହାକୁ ।
କଲ୍ୟାଣ ଦେଉଛ ଟେକି ଆଜାନୁ ବାହୁକୁ ॥
ସହି ରହି ବାହୁଥିବି ତୁମରି ଆଦେଶ ।
ଏତିକି ମାଗୁଣି ତୁମ ଭାବେ କର ବଶ ॥

# ମୁଖଶାଳା

## ସମ୍ପାଦକୀୟ

ଯେଉଁଠି ପ୍ରେମ ରହିଛି, ସେଠାରେ ତ୍ୟାଗ ରହିଛି, ସେଠାରେ ସେବା ମଧ୍ୟ ରହିଛି । ପ୍ରେମ ବାହ୍ୟତଃ ଦୈହିକ ଭଳି ଦେଖଯାଉଥିଲେ ମଧ୍ୟ ଅନ୍ତରଙ୍ଗ ଭାବରେ ତାହା ଶାଶ୍ୱତ ଓ ଆତ୍ମିକ । ଯେଉଁମାନେ ପ୍ରେମ ନାମ ଶୁଣିଲେ ଡ଼େଇଁ ପଡ଼ନ୍ତି, ନାକ ଟେକନ୍ତି ବା ବିକାର ଗ୍ରସ୍ତ ହୋଇ ଯାଆନ୍ତି, ସେମାନେ ଏ ନିଖିଳ ସୃଷ୍ଟିରେ ସବୁଠାରୁ ବଡ଼ କାମୁକ/କାମୁକା । ସେମାନଙ୍କର ଇହକାଳ, ପରକାଳ-ଦୁଇକୂଳ ବୁଡ଼ିଯାଏ, ମଝି ଦରିଆରେ ବୁଡ଼ି ମରିବା ଛଡ଼ା ସେମାନଙ୍କର ଅନ୍ୟଗତି ନଥାଏ । ମଣିଷ ମଣିଷକୁ ପ୍ରେମକରେ, ମଣିଷ ଦେବତାକୁ ମଧ୍ୟ ପ୍ରେମକରେ । ମଣିଷ ମଣିଷକୁ ଆଶୀର୍ବାଦ କରେ, ଦେବତା ମଣିଷକୁ ବରଦାନ କରନ୍ତି ।

ଆମ ଗୋଚରରେ ଏପରି ବ୍ୟକ୍ତି ମଧ୍ୟ ଅଛନ୍ତି ଯେଉଁମାନେ ଚୋରା ପୀରତିରେ ଧୂରନ୍ଧର ଅଥଚ 'ପ୍ରେମ' ଶବ୍ଦଟିର ଉଚ୍ଚାରଣ ଶୁଣିଲେ, ସେମାନଙ୍କ ଦେହରେ ଚମକ ଖେଳିଯାଏ, 'ପ୍ରେମ' ଶବ୍ଦ ଉଚ୍ଚାରଣ ବେଳକୁ ସେମାନଙ୍କ ତୁଣ୍ଡ ଖନି ମାରିଯାଏ । ଭାବି ଦେଖତ ଥରେ, ଏପରି ପୁଅ ବା ଝିଅ, ପୁରୁଷ ବା ସ୍ତ୍ରୀ, ବିବାହିତ ବା ଅବିବାହିତ, ବିବାହିତା ବା ଅବିବାହିତା, 'ପ୍ରେମ'କୁ ନେଇ କେଉଁଠି ଥୋଇଲେଣି ! ମଣିଷକୁ ଯିଏ ପ୍ରେମ କରି ଶିଖିନି, ସେ ପୁଣି କେଉଁ ସ୍ପର୍ଦ୍ଧାରେ ଭଗବାନଙ୍କୁ ପ୍ରେମ କରିବ, କେଜାଣି !! ଭଗବାନ ଠାକୁରଙ୍କୁ ହିଁ ତାହା ଜଣା । 'ଚରମ' ପୃଷ୍ଠାରେ 'ପ୍ରେମ' ପ୍ରସଙ୍ଗରେ ଧାରାବାହିକ ସନ୍ଦର୍ଭ ପ୍ରକାଶ ପାଇ ସାରିଛି ।

ନିଷ୍କପଟ ଭାବରେ, ଛଳନା ନ କରି, ମିଥ୍ୟା ଅଭିନୟର ଆଶ୍ରୟ ନ ନେଇ ଦେହ, ମନ, ପ୍ରାଣ ଓ ହୃଦୟ ଦେଇ ଯେଉଁ ନୈସର୍ଗିକ ଭଲ ପାଇବା-ତାହାହିଁ ତ ପ୍ରେମ । ଏଠାରେ ଦେହ କଥା ଉଲ୍ଲେଖ କରିବାର ତାତ୍ପର୍ଯ୍ୟ ଅବଶ୍ୟ ରହିଛି । ଏ ଦେହ ଭୋଗ ବିଳାସର ଦେହ ନୁହେଁ । ଏ ଦେହ ମନ, ପ୍ରାଣ, ହୃଦୟର ଆଧାର ମାତ୍ର । ଯେପରି ତୁମେ ଜଣକୁ ସରବତ୍ ଦେବାକୁ ଚାହୁଁଛ । ଦେବ କେଉଁଥିରେ ? ସେଥିପାଇଁ ତୁମେ ଗ୍ଲାସଟିଏ ଲୋଡ଼ ନାହିଁକି ? ସେହିପରି ତୁମେ ଜଣକୁ ସ୍ନେହ କରିବ, କିପରି ? ତା' ଦେହଟି ଲୋଡ଼ା ନାହିଁକି ? ଠିକ୍ ସେହି ନ୍ୟାୟରେ ପ୍ରେମ କରିବା ପାଇଁ ଦେହଟିଏ ଲୋଡ଼ାପଡ଼େ । ଠାକୁରଙ୍କୁ ପ୍ରେମ କରିବା ପାଇଁ ମଧ୍ୟ ମୋର ତାଙ୍କର ଶରୀର ଲୋଡ଼ା ପଡ଼ିଥାଏ ।

ଶରୀର ମାୟା ଶରୀର ହୋଇପାରେ । ଏ ତାତ୍ତ୍ୱିକ ଗବେଷଣା କରି ସିଦ୍ଧାନ୍ତ ଗ୍ରହଣ କରିବାର ପ୍ରୟାସ ମୋର ନାହିଁ । ମାୟା ଶରୀର ହେଲେ ମଧ୍ୟ, ତାହା ମୋ ପାଇଁ ପବିତ୍ର, ମୋ ପାଇଁ ତୀର୍ଥ । ସେହି କାୟାର ମାୟାରେ ବାନ୍ଧି ହୋଇଗଲେ ମଧ୍ୟ ମୋର ଶୋଚନା ନାହିଁ । ମୁଁ ଦୃଢ଼ତାର ସହିତ ତାଙ୍କର ଅମୀୟ ବାଣୀ- 'ଅହଂତ୍ୱାଂ ସର୍ବ ପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚ'-ରେ ବିଶ୍ୱାସ କରେ । ଶ୍ରୀକୃଷ୍ଣଙ୍କର ଛଳ ରୋଗର ନିରାକରଣ ପାଇଁ ଦେବର୍ଷି ନାରଦଙ୍କୁ ଗୋପଗୋପୀମାନେ ନିଜନିଜର ପାଦଧୂଳି ଦେବା ପରି ମୁଁ ପଛେ ଶତକୋଟି ଜନ୍ମ ନରକ ଯନ୍ତ୍ରଣା ଭୋଗ କରିବାକୁ ପ୍ରସ୍ତୁତ କିନ୍ତୁ ତାଙ୍କୁ ପ୍ରାଣ ଦେଇ ଭଲ ପାଇବା ବା ପ୍ରେମ କରିବାକୁ କସ୍ମିନ୍‌କାଳେ ତ୍ୟାଗ କରି ନ ପାରେ ।


ଏହି ଭାବରେ ହିଁ ପ୍ରେମ କରାଯାଏ । ପ୍ରତ୍ୟକ୍ଷ ଭାବରେ ଆମ ଗହଣରେ ଆଜି ଯାହାଙ୍କୁ ପାଇ ଆମେ ସଂସାରକୁ କ୍ଷଣକ ପାଇଁ ହେଲେ ଭୁଲି ଯାଇ ପାରୁଛେ, ତାଙ୍କୁ ସ୍ଥୂଳ ଭାବରେ ପ୍ରେମ କରି ମନ ମନାଇ ସାରିବା ପରେ, ତାଙ୍କ ପାଇଁ ତ୍ୟାଗର ସର୍ବଶ୍ରେଷ୍ଠ ପରାକାଷ୍ଠା ଦେଖାଇ ସାରିବା ପରେ ହିଁ ଆମର ସୂକ୍ଷ୍ମ ଭାବର ପ୍ରେମ ଉଦ୍ରେକ ହେଉ । ଏହାହିଁ ହେଉ ଆମ୍ଭମାନଙ୍କର ଚରମ ସାଧନା । ଏ ସାଧନାରେ ନରହୁ ଛଳକପଟ, ମିଥ୍ୟାଚାର । ପ୍ରଭୁ ଏହି ପଥରେ ଆମକୁ ଆଗେଇ ନିଅନ୍ତୁ । ଏତିକି ପ୍ରାର୍ଥନା ।


ଅଳମତି ବିସ୍ତରେଣ ? ଶ୍ରୀକେଶବ ସମର୍ପଣମସ୍ତୁ ! ଓମିତି ନମସ୍କାରାନ୍ତେ-

ବିନୀତ,

କେଶବ ଦାସ ।

# 'ଚରମ'ର ଚିନ୍ତନ





# ଏ ପାଖୁଡ଼ାରେ

## ପ୍ରେମ ରହସ୍ୟ

ପ୍ରେମରେ ଯୋଗ ବିୟୋଗ, ମିଳନ ବିଚ୍ଛେଦର ମୁଖ୍ୟ ଚାରିଗୋଟି ଭାବାବସ୍ଥା ଅନୁଭବ କରାଯାଇଥାଏ । ବ୍ୟକ୍ତିର ଚିତ୍ତବୃତ୍ତି ଅନୁସାରେ ପ୍ରେମରେ ଏହି ଚାରିଗୋଟି ଭାବାବସ୍ଥା ମୁଖ୍ୟତଃ ଦେଖାଯାଇଥାଏ । (୧) ନିତ୍ୟଯୋଗ ବା ପ୍ରେମରେ ଯୋଗ । (୨) ନିତ୍ୟଯୋଗ ବା ପ୍ରେମରେ ବିୟୋଗ । (୩) ବିୟୋଗରେ ନିତ୍ୟଯୋଗ ବା ପ୍ରେମ । ଏବଂ (୪) ବିୟୋଗରେ ବିୟୋଗ ।

ଭକ୍ତ ସହିତ ଭଗବାନ ଠାକୁରଙ୍କର ପରସ୍ପର ମିଳନ ଘଟିଲେ, ନିତ୍ୟଯୋଗ (ପ୍ରେମ)ରେ ଯୋଗ (ମିଳନ) ହୁଏ । ଏହା ଜୀବାତ୍ମା ସହିତ ପରମାତ୍ମାଙ୍କର ଏକ ବିନ୍ଦୁରେ ଅବସ୍ଥାନ ଅବସ୍ଥା ଅଟେ । ସଂସାରରେ ଅତିଅଳ୍ପ (କତିପୟ)ଭକ୍ତଙ୍କ ଭାଗ୍ୟରେ ଏହି ଦୁର୍ଲଭ ପ୍ରେମମିଳନ ସମ୍ଭବ ହୋଇଥାଏ । ଯେପରି ଦ୍ୱାପର ସଂସ୍କୃତିରେ ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କର ପରସ୍ପର ମିଳନ ହୋଇଥିଲା । ଏହା ପ୍ରଥମ ପ୍ରକାର ଭାବାବସ୍ଥା ।

ଭଗବାନ ଠାକୁରଙ୍କ ସହିତ ଭକ୍ତର ପରସ୍ପର ମିଳନ ହେବା ପରେ ମଧ୍ୟ ଭକ୍ତ ଆକୁଳ ହୃଦୟରେ ଭାବିବସେ, ଠାକୁରେ ! ମୋତେ ଛାଡ଼ି କୁଆଡ଼େ ଚାଲିଗଲ? ଏହି ଅବସ୍ଥାରେ ନିତ୍ୟଯୋଗ (ପ୍ରେମ)ରେ ବିୟୋଗ (ବିଚ୍ଛେଦ) ହୁଏ । ଏହି ଅବସ୍ଥାରେ ଜୀବାତ୍ମା ସହିତ ପରମାତ୍ମାଙ୍କର ମିଳନ ହେଲେ ମଧ୍ୟ ପରସ୍ପର ଏକ ବିନ୍ଦୁରେ ଅବସ୍ଥାନ ନକରି ଦୁଇଟି ପୃଥକ ବିନ୍ଦୁରେ ଅବସ୍ଥାନ କରି ଏକ ସରଳ ରେଖା ଅଙ୍କନ କରିବା ଅବସ୍ଥା ଅଟେ । ଏହି ସଂସାରରେ ଏପରି ମିଳନାତ୍ମକ ବିରହ ବିଚ୍ଛେଦ ମଧ୍ୟ ଅତ୍ୟଳ୍ପ ସଂଖ୍ୟକ ଭକ୍ତଙ୍କ ସୌଭାଗ୍ୟରେ ଥାଏ । ସମସ୍ତଙ୍କ ପକ୍ଷରେ ଏହି ଭାବାବସ୍ଥାରେ ପହଞ୍ଚିବା ସମ୍ଭବ ହୋଇ ନ ଥାଏ । ଏହା ପ୍ରେମସାଧନା ସାପେକ୍ଷ ଅଟେ । ପ୍ରେମରହସ୍ୟର ଏହା ଦ୍ୱିତୀୟ ଭାବାବସ୍ଥା ।

ଭଗବାନ ଠାକୁରେ ସ୍ଥୂଳତଃ ଭକ୍ତ ନିକଟରେ ବିଦ୍ୟମାନ ନାହାନ୍ତି । ମାତ୍ର ଭକ୍ତ ମନରେ ତାଙ୍କ ପ୍ରସଙ୍ଗରେ ପ୍ରଗାଢ଼ ଚିନ୍ତନ ହେଉଛି, ଭକ୍ତ ଝୁରିହେଉଛି ଠାକୁରଙ୍କୁ । ମାନସିକ ସ୍ତରରେ ଭକ୍ତ ଭଗବାନ ଠାକୁରଙ୍କର ପ୍ରତ୍ୟକ୍ଷ ମିଳନ ଆନନ୍ଦ ଅନୁଭବ କରି ପାରୁଛି । ଏହି ଅବସ୍ଥାରେ ବିୟୋଗ ବା ବିରହ ବିଚ୍ଛେଦରେ ନିତ୍ୟଯୋଗ ବା ପ୍ରେମ ହୁଏ । ଏହି ଅବସ୍ଥାରେ ଜୀବାତ୍ମା ପୂର୍ବ ଅବସ୍ଥାରେ ଥିବା ବିନ୍ଦୁରୁ ସରଳରେଖାର ସରଳ ପଥଦେଇ ପରମାତ୍ମା ଅବସ୍ଥାନ କରୁଥିବା ବିନ୍ଦୁରେ ମାନସିକ ସ୍ତରରେ ଉପନୀତ ହୋଇ ପରୋକ୍ଷ ମିଳନ ଲାଭର ଅବସ୍ଥା ଅଟେ । ସଂସାରରେ ଏପରି ବିରହାତ୍ମକ ମିଳନର ମାଧୁର୍ଯ୍ୟ ମଧ୍ୟ ଅଳ୍ପ କେତେଜଣ ଭକ୍ତ ଆସ୍ୱାଦନ କରିବାର ସୌଭାଗ୍ୟ ଲାଭକରି ନିଜନିଜର ଜୀବନକୁ ଧନ୍ୟ କରିପାରିଛନ୍ତି । ପ୍ରେମ ସାଧନାରେ ପରିପକ୍ୱ ସାଧକଙ୍କ ପକ୍ଷରେ ଏହା ସମ୍ଭବ । ଏହା ପ୍ରେମତତ୍ତ୍ୱର ତୃତୀୟ ଭାବାବସ୍ଥା ।

ଭଗବାନ ଠାକୁରେ ବାସ୍ତବରେ ପ୍ରତ୍ୟକ୍ଷ ଭାବରେ ଭକ୍ତ ନିକଟରେ ବିଦ୍ୟମାନ ନାହାନ୍ତି । ଭକ୍ତ ମଧ୍ୟ ମନ ମଧ୍ୟରେ ଚିନ୍ତା କରୁଛି - ସତରେ ଠାକୁରେ, ତୁମେ ମୋ ଠାରୁ କେତେ ଦୂରରେ ! ସତରେ କଣ ମୋର ଭାଗ୍ୟରେ

ତୁମକୁ ନିକଟରେ ପାଇବା ସମ୍ଭବ ହେବ ? କାହିଁ କେତେ ଦୂରରେ ମୁଁ ଆଉ କାହିଁ କେତେ ଦୂରରେ ତୁମେ । ମାନସିକ ସ୍ତରରେ ଭକ୍ତ ଭଗବାନଠାକୁରଙ୍କର ପ୍ରତ୍ୟକ୍ଷ ବିରହ/ବିଚ୍ଛେଦ ଜନିତ ଯନ୍ତ୍ରଣାହିଁ ଭୋଗ କରୁଛି । ଏହି ଅବସ୍ଥାରେ ବିୟୋଗ ବା ବିରହ ବିଚ୍ଛେଦ ହୁଏ । ଅବଶ୍ୟ ଏହା ମଧ୍ୟ ଯୋଗ ବା ମିଳନ (ପ୍ରେମ)ର ଏକ ସୂକ୍ଷ୍ମ ଅବସ୍ଥା । ମାତ୍ର ଏହି ବିରହର ଆନନ୍ଦ ସମସ୍ତେ ଅନୁଭବ କରିପାରନ୍ତି ନାହିଁ । ଦୁଃଖ/ଅବସାଦ/ବିଷର୍ଣ୍ଣତାରେ କାତର ହୋଇ ଉଠନ୍ତି । ହୀନମନ୍ୟତାରେ ପ୍ରତ୍ୟେକ ନିଜକୁ ତୁଚ୍ଛମନେ କରନ୍ତି । ବିଷାଦଗ୍ରସ୍ତ ହୁଅନ୍ତି । ଏପରି ଭକ୍ତ ଆମ ଗ୍ରହଣରେ ଶତ ପ୍ରତିଶତ ଅଛନ୍ତି । ଏହା ପ୍ରେମତତ୍ତ୍ୱ ରହସ୍ୟର ଚତୁର୍ଥ ଭାବାବସ୍ଥା ।

ଉପରୋକ୍ତ ଚାରିଗୋଟି ଭାବାବସ୍ଥା ମଧ୍ୟରୁ ଯେକୌଣସି ଭାବାବସ୍ଥାରେ ଭକ୍ତ ରହିଥିଲେ ମଧ୍ୟ ଭଗବାନ ଠାକୁରଙ୍କ ସହିତ ତା'ର ନିତ୍ୟଯୋଗ (ପ୍ରେମ) ଯଥାରୀତି ରହେ । ବିୟୋଗ ବିଚ୍ଛେଦ ବିରହ କସ୍ମିନ୍ କାଳେ ହୁଏନା । ଆମ ବିଚାର ଅନୁଭବରେ ଏହାହିଁ ପ୍ରେମ । ଏହାହିଁ ପ୍ରେମର ରହସ୍ୟ । ଏହାହିଁ ପ୍ରେମର ମୌଳିକ ତତ୍ତ୍ୱ । ଭକ୍ତ ହିଁ ପ୍ରେମୀ ବା ପ୍ରେମିକ ଓ ଠାକୁରେ ହେଉଛନ୍ତି ସଦା ପ୍ରେମମୟ ବା ସଦା ପ୍ରେମାସ୍ପଦ । ପ୍ରେମର ଆଦାନପ୍ରଦାନ ପାଇଁ ଭକ୍ତ ଏବଂ ଠାକୁରଙ୍କ ମଧ୍ୟରେ ମଧ୍ୟେ ମଧ୍ୟେ ମିଳନ ବିଚ୍ଛେଦ, ସଂଯୋଗ ବିୟୋଗର ଅପୂର୍ବ ଲୀଳା ହିଁ ହୋଇଥାଏ ।

ପ୍ରେମତତ୍ତ୍ୱର ପରାକାଷ୍ଠା ରାଧାଭାବ ବା ଗୋପିକା ଭାବରେ ପୂର୍ଣ୍ଣରୂପେ ବିରାଜିତ । ରାଧାଭାବ ବା ଗୋପିକା ଭାବ ସୂକ୍ଷ୍ମାତିସୂକ୍ଷ୍ମ ମାନସିକ ସ୍ତରର ଭାବ ଅଟେ । ପ୍ରେମ ସାଧନର ଏହା ଉଚ୍ଚ ପର୍ଯ୍ୟାୟର ମନୋଭାବ । ସବୁଜ ପତ୍ରଟିଏ ଦେଖିଲେ, ଠାକୁରଙ୍କ ଶ୍ୟାମଳ ତନୁକାନ୍ତି, ନୀଳ କଇଁଟିଏ ମଧ୍ୟରେ ଠାକୁରଙ୍କରପ୍ରେମ ରସଘନ ନୀଳନୟନ, ଚମ୍ପାଫୁଲଟିଏ ଦେଖିଲେ ଠାକୁରଙ୍କର ବସନ ପରିଧାନ ସ୍ମରଣରେ ଜାଗ୍ରତ ହୋଇଉଠିବା ରାଧାଭାବ ବା ଗୋପିକା ଭାବର ମୂଲ୍ୟ ବହନ କରେ । ଫୁଲଟିଏ ଦେଖିଲେ, ଫଳଟିଏଦେଖିଲେ, ସେହିପରି ଯାହା ଭକ୍ତ ଦୃଷ୍ଟିରେ ଭଲ, ସୁନ୍ଦର ଯାହା ଦେଖିଲେ, ତାକୁ ନେଇ ଠାକୁରଙ୍କ ପାଇଁ ତାଙ୍କରି ସେବାରେ ବା ବ୍ୟବହାରରେ ଲଗାଇବାକୁ ମନକୋଣରେ ନୀରବ ଆକୁଳତା ସୃଷ୍ଟିହେବା ରାଧାଭାବ ବା ଗୋପିକା ଭାବର ସ୍ୱାକ୍ଷର ବହନ କରେ। ଯାହା କିଛି ନିଜେ ଉପଭୋଗ ନ କରି ଠାକୁରଙ୍କ ପାଇଁ ଉତ୍ସର୍ଗ କରିଦେବାର ମାନସିକ ପିପାସା ହିଁ ରାଧାଭାବ ବା ଗୋପିକା ଭାବର ଉଜ୍ଜ୍ୱଳ ନିଦର୍ଶନ । ଭଗବଦ୍ ପ୍ରେମର ଏହା ସର୍ବଶ୍ରେଷ୍ଠ ଦୃଷ୍ଟାନ୍ତ । ଏ ପ୍ରେମରେ ଅହଂକାର ନ ଥାଏ, ଲୋକ ଦେଖାଣିଆ ନୁହେଁ ଏହି ପ୍ରେମ । ଏ ପ୍ରେମ ଅନାବିଳ, ନିଷ୍କପଟ, ନିଚ୍ଛନ୍ଦ, ନିରୋଳ, ନିର୍ମଳ ।

ରାଧାଭାବ ବା ଗୋପିକା ଭାବର ଅନ୍ୟ ଏକ ଦିଗନ୍ତ ଉନ୍ମୋଚନ କରେ ଅନୁରାଗ, ଅଭିମାନ୍, ଛଳ କଳହ ଓ ମୃଦୁମଧୁର ପ୍ରେମସିକ୍ତ ଭର୍ତ୍ସନା । ଭକ୍ତ ପ୍ରେମିକ ପ୍ରେମମୟ ଠାକୁରଙ୍କ ପାଖରେ ଅନୁରାଗ ମିଶ୍ରିତ ଅଭିମାନ କରେ । ମୁହଁ ଫୁଲାଏ । ହୃଦୟ ସିନ୍ଦୁକରେ ପ୍ରେମଭକ୍ତିର ପରିପକ୍ୱ ଭାବ ସଞ୍ଚିତ ରଖି ଠାକୁରଙ୍କ ସହିତ ଛଳକଳହ କରେ । ଗାଳିଗୁଲଜ ଦିଏ । ପାଖକୁ ନଯାଇ ଦୂରେଇ ରହେ । ଜାଗତିକ ପ୍ରେମକୁ ଲକ୍ଷ୍ୟକର । ପ୍ରେମିକ କଣ୍ଟ ଦେଇ ଆସିଲେ ନାହିଁ କମ୍ବା କୌଣସି କାରଣରୁ ବିଳମ୍ବରେ ଆସିଲେ କିମ୍ବା ବରାଦ ମୁତାବକ ଉପହାର ସାମଗ୍ରୀ ଆଣିଲେ ନାହିଁ କିମ୍ବା ନିମ୍ନମାନର ସାମଗ୍ରୀ ଆଣିଲେ ଯେ ମନକୁ ଗଲା ନାହିଁ । ପ୍ରେମିକା ମୁହଁ ଫୁଲାଏ । ପାଖକୁ ନ ଯାଇ ଦୂରେଇ ରହେ । କଥାବାର୍ତ୍ତା କରେ ନାହିଁ । ପାଖକୁ ଡାକିଲେ ଯାଏ ନାହିଁ । ମୁହଁ ଫଣ ଫଣ କରି କଳହ କରେ । ବେଳେବେଳେ ଖଟା ମିଠା ଗାଳିଗୁଲଜ ମଧ୍ୟ କରେ । ସଚରାଚର ଗାର୍ହସ୍ଥ୍ୟ ଧର୍ମରେ ଥିବା ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ବି ଏପରି ଘଟଣା ବହୁବାର ଘଟିଥାଏ । ପରମ ପ୍ରେମାସ୍ପଦ ଭଗବାନଠାକୁରଙ୍କ ସହତ ପ୍ରେମିକ ଭକ୍ତର ମଧ୍ୟ ଏହିପରି ଆଚରଣ ଦୃଶ୍ୟମାନ ହୁଏ । ଭକ୍ତଶିଷ୍ୟର ଏପରି ଆଚରଣ ଭଗବାନ ଠାକୁରଙ୍କୁ ଲଙ୍କା ମରିଚ ଚୋବାଇ ଖାଇବା ପରି ଆନନ୍ଦ ଦିଏ । ତୁମେ ହୁଏତ ଲଙ୍କା ମରିଚ ଖାଅ ନାହିଁ । ମାତ୍ର ଯେଉଁମାନେ ଲଙ୍କା ମରିଚ ଖାଆନ୍ତି ସେମାନଙ୍କୁ

ଅବଶ୍ୟ ଲକ୍ଷ୍ୟ କରିଥିବ । ଲଙ୍କା ମରିଚ ଚୋବାଇ ଖାଇବା ମାତ୍ରେ ସେମାନେ ହୁହା, ହୁହା ହେଉଥିବେ, ନାକରୁ ଆଖିରୁ ପାଣି ଗଡି ପଡୁଥିବ, ତଥାପି ଲଙ୍କା ମରିଚ ଚୋବାଉଥିବେ । ଲଙ୍କା ମରିଚ ଚୋବାଇବାର ଏହାହିଁ ମଜା । ଠାକୁରେ ସେହିପରି ମଜା ଲୁଟନ୍ତି ପ୍ରେମିକ ଭକ୍ତ ସହିତ ସୂକ୍ଷ୍ମ/ସ୍ଥୂଳ ସୂତ୍ରରେ ଲୀଳା ରଚନା କରି । ଲୀଳାମୟଙ୍କର ଅପାରଲୀଳା । ସେ ତତ୍ତ୍ୱର ଆଦି ଅନ୍ତ, କାରଣ ଅକାରଣ କିଛି ହିଁ ନାହିଁ । ଇଚ୍ଛାମୟ ସେ, ଇଚ୍ଛା ହେଲାକ୍ଷଣ ଲୀଳାଟିଏ ରଚି ଦେଉଥାଆନ୍ତି । ଭକ୍ତଦାସ ରାଗ ଅଭିମାନ କଲେ, ଗୋଟିଏ ପଟେ ତାଙ୍କୁ ଛୁଞ୍ଚି ଫୋଡ଼ିଲା ପରିଯନ୍ତ୍ରଣା ହେଉଥାଏ ତ ଅନ୍ୟପଟରେ ସେ କୁତୁକୁତୁ ଅନୁଭବ କରି କୁହୁଳି ଉଠୁଥାନ୍ତି । ଠିକ୍ ମାଘମାସର ଜାଡ ଦିନରେ ଖରା ପୋହିଲା ପରି । ଖରାରେ ଯାଇ ବସ, ଖରା ଟଣଟଣ ହୋଇ କାଟିବ । ଛାଇକୁ ପଳାଇ ଆସ, ଦେଖିବ ଶୀତରେ ଲୋମମୂଳ ଟାଙ୍କୁରି ଉଠୁଛି । ଭକ୍ତ ଆଉ ଭଗବାନଙ୍କ ମଧ୍ୟରେ ଏହିପରି ଲୀଳା ପ୍ରତି ମୁହୂର୍ତ୍ତରେ ହିଁ ଘଟି ଚାଲିଛି ।

ରାଧାଭାବ ବା ଗୋପିକାଭାବରେ ରାଗ ଦ୍ୱେଷ ନଥାଏ । ତହିଁରେ ଥାଏ ଅନୁରାଗ ଓ ପ୍ରେମର ପ୍ରାଚୁର୍ଯ୍ୟ । ପ୍ରେମିକା ବା ସ୍ତ୍ରୀ ଉପର୍ଯ୍ୟାଲୋଚିତ କୌଣସି କାରଣରୁ ଅଭିମାନ କରିଥିଲେ, ପ୍ରେମିକ ବା ସ୍ୱାମୀ ମାନ ଭଂଜନ କରନ୍ତି । ଏପରିକି 'ଦେହି ପଦପଲ୍ଲବ ମୁଦାରଂ' ପର୍ଯ୍ୟନ୍ତ କଥା ଯାଇ ଉଠେ । ତହୁଁ ଅଭିମାନିନୀ ପ୍ରେମିକା ବା ସ୍ତ୍ରୀର ସମସ୍ତ ଅଭିମାନ କରକାତୁଲ୍ୟ ତରଳିଯାଏ । ସେ ଲୋଟିପଡେ ପ୍ରେମିକ/ସ୍ୱାମୀର ବକ୍ଷରେ । ସେହିପରି ଗୁରୁସ୍ୱାମୀଙ୍କ ଠାରେ ଅଭିମାନ କରିଥିବା ପ୍ରେମିକଭକ୍ତ ମାନଭଂଜନ ପରେ ପ୍ରଭୁଙ୍କ ପାଦତଳେ ଲୋଟି ଯାଏ । ପରମପ୍ରେମଭାବରେ ପରମପ୍ରେମମୟ ଠାକୁର ଭଗବାନଙ୍କର ପଦଚୁମ୍ବନ କରେ । କି ଅପୂର୍ବ ଆନନ୍ଦ ତହିଁରେ ନିହିତ । ପ୍ରେମାସ୍ପଦଙ୍କର ପ୍ରେମାବତାର ପାଦଦ୍ୱୟର ପ୍ରେମାମୃତ ଆସ୍ୱାଦନର ମାଧୁର୍ଯ୍ୟର ଆତିଶଯ୍ୟରେ ଆତ୍ମହରା ହୋଇ ଯାଏ ପ୍ରେମିକଭକ୍ତ ଦାସ । ଭାବଗ୍ରାହୀ ଭାବମୟ ଠାକୁରେ ଭକ୍ତଦାସର ହୃଦୟର ଭାବ ଠିକ୍ ବୁଝିପାରନ୍ତି ଗୋଟିଏ ମୁହୂର୍ତ୍ତରେ । ସେଥିରେ ତାଙ୍କର ହେଳା ହୁଏ ନାହିଁ । ପ୍ରେମ ମିଳନ ଓ ବିରହ ବିଚ୍ଛେଦର ତିଳକୁଣ୍ଡଳିତ ଚନ୍ଦ୍ର ଚନ୍ଦ୍ରିକା ମଧ୍ୟରେ ମନୋରାଜ୍ୟରେ ଭକ୍ତ ଓ ଭଗବାନଙ୍କର ମଧୁଚନ୍ଦ୍ରିକା ସମ୍ପନ୍ନ ହୁଏ । ସ୍ୱର୍ଗୀୟ ଆନନ୍ଦରେ ଭରପୁର ଏହି ମିଳନ ଲଗ୍ନ । ଭାବରାଜ୍ୟରେ ଭକ୍ତ ଓ ଭଗବାନ ଏକ ଓ ଅଭିନ୍ନ ହୋଇଯାଆନ୍ତି ॥ କ୍ରମଶଃ ॥

ooo

**କରମ ଗଲା ମଣାଣି ଭୂଇଁ,**
**ଧରମ କୂଅକୁ ପଡ଼ିଲା ଡେଇଁ ।**
**ଶୋଇଛୁ ଅଳସେ ତୁ ଡେଇଁ ଡେଇଁ,**
**ଚରମ ପ୍ରାପତି ଲକ୍ଷ୍ୟ ତୋ କାହିଁ ??**

**ଏଇ ବୟସରୁ ଏଇୟା କରିବୁ**
**ଗରବରେ ପଡୁ ଫାଟି ।**
**ସଳଖ ପଥରେ ନ ଚଳିଲେ ତୁ'ରେ**
**କାଳ ନେଇ ଯିବ ଚାଟି ॥**

ଶ୍ରୀମନ୍ଦିର

## ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍

**ଅଚ୍ୟୁତଙ୍କ ଲେଖନୀରୁ** — **ବିପରୀତ ରହସ୍ୟ ଭାବ**

ବିପରୀତ ରହସ୍ୟ ଭାବ କିଏ ଶୁଣିବ ।
ଶୁଣିକରି ସାଧୁଜନେ ଅର୍ଥ କରିବ ॥୦॥

ତାଳଗଛେ ଫଳଇ ଆମ୍ବ
ଶହେ ବରଷକେ କୋଇଲି ହେବ ।
ତିନଶ ବରଷେ ସେ ଆମ୍ବ ପାଚିବ
ସେ ଆମ୍ବ ପାଚିଲେ କିଏ ଖାଇବ ।
ସମଜିଲେ ଭାବ ଚେତନା ଜାଗିବ
ଅଣସମଜର ଭେଳା ବୁଡିବ ॥୧॥

ଲାଞ୍ଜ ବାଟେ ଚରଇ ଗାବ
ମୁଖ ବାଟେ କରେ ମଳ ପ୍ରସାବ
ଛିଅକୁ ଅଟଇ ଦୁଇ ବରଷ
ଛଡମାସରେ ସେ ଗର୍ଭବାସ ।
ନାହିଁ ତାର ଇନ୍ଦ୍ରି ନାହିଁ ତା'ର ଯୋନି
କହ କେଉଁବାଟେ କଲା ପ୍ରସବ ॥୨॥

ବିନା ଜଳେ ଚଳଇ ନାବ
ଷୋଳଜଣ ହେଲେ ବୋଝାଇ ହେବ ।
ତିନିଜଣକେ ସେ ନାବ ବୁଡିବ
ଯମୁନାରୁ କେହ୍ନେ ପାରି ହୋଇବ ।
ଅସମ୍ଭବ କର୍ମ ସମ୍ଭବ ହବ
ଗୁରୁସେବି ଯେହୁ ହେତୁ କରିବ ॥୩॥

ଶରୀରକୁ ଭେଦ କରିବ
କଥା ଚାରିପଦ ପନ୍ଦର ଭାବ ।
ଭାବି ଭାବି ଏଥୁଁ ଅର୍ଥ କରିବ
ତେବେହେଁ ଗହନ ଭେଦ ପାଇବ
ପାଠୁଆ ହୋଇଲେ ଛ'ମାସ ବୁଲିବ
ଗୀତରେଅଚ୍ୟୁତ ଭାବ କରିବ ॥୪॥

୦୦୦

ଏହି କବିତାର ଭାବାର୍ଥ ପରବର୍ତ୍ତୀ ସଂଖ୍ୟାରେ ପତ୍ରସ୍ଥ ହେବ ।




*ପୁରାଣର ଗଳ୍ପାଂଶ ଯେଭଳି ସୁଖ ପାଠ୍ୟ ତା'ର ଅନ୍ତର୍ନିହିତ ଭାବ ସେହିପରି ଦୁର୍ଲଭ । ସେହି ଦୁର୍ଲଭ ଭାବକୁ ପାଠକ ପାଠିକାମାନେ ଚିନ୍ତନ ମନନ କରି ପାରିଲେ ସ୍ଥିର ଲକ୍ଷ୍ୟ ଓ ଲୟରେ ନିଜ ନିଜର ଚଲାପଥରେ ଅବିଚଳିତ ଭାବରେ ଆଗେଇ ଯାଇ ଲକ୍ଷ୍ୟ ପ୍ରାପ୍ତି କରି ପାରିବେ - ଏଥିରେ କ'ଣ ବା ସନ୍ଦେହ ଅଛି ? ଗଭୀର ଚିନ୍ତନ, ଅନୁଶୀଳନ ଓ ବିଶ୍ଳେଷଣରୁ ହିଁ ପୌରାଣିକ ଗଳ୍ପାଂଶର ଅନ୍ତର୍ଗତ ଭାବ ଓ ଅନ୍ତରଙ୍ଗ ତତ୍ତ୍ୱ ସମୂହ ମାନସପଟରେ ଫୁଟି ଉଠେ । ଲୋଡା କେବଳ ଅଧ୍ୟବସାୟ, ଧୈର୍ଯ୍ୟ, ସ୍ଥୈର୍ଯ୍ୟ ଓ ଗବେଷଣାତ୍ମକ ମନୋଭାବ । ସହୃଦୟ ପାଠକ ପାଠିକା ଭାଇଭଉଣୀମାନେ ଏ ଦିଗରେ ମନୋନିବେଶ କରି ଲାଭବାନ ହୋଇ ପାରିଲେ, ଆମର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହେବ । ସେହି ଲକ୍ଷ୍ୟରେ 'ଚରମ' ପୃଷ୍ଠାରେ ଏହି ନିୟମିତ ସ୍ତମ୍ଭର ସଂଯୋଜନା ।*

**ଗଳ୍ପାଂଶ**

## ଦେବର୍ଷି ନାରଦ ଚରିତ

### ବ୍ରହ୍ମବୈବର୍ତ୍ତ ପୁରାଣ : ପ୍ରଥମଭାଗ : ବ୍ରହ୍ମଖଣ୍ଡରୁ ଉଦ୍ଧୃତ :

ସତ୍ୟଯୁଗର କଥା, ପିତା ବ୍ରହ୍ମାଙ୍କର ବିରୋଧ କରି ନାରଦ ବ୍ରହ୍ମାଙ୍କ ଅଭିଶାପରେ ଧରାଧାମରେ ଗନ୍ଧର୍ବକୁଳରେ ଜନ୍ମ ହେଲେ । ନାରଦ ମଧ୍ୟ ବ୍ରହ୍ମାଙ୍କୁ ଅଭିଶାପ ଦେବାରୁ ସେ ଅପୂଜ୍ୟ ହୋଇ ରହିଲେ । ବ୍ରହ୍ମାଙ୍କ ଅଭିଶାପରୁ ନାରଦ ନିଜର ଦେବ ଶରୀର ତ୍ୟାଗ କରି ଧରାପୃଷ୍ଠରେ ଜଣେ ହରିଭକ୍ତ ଗନ୍ଧର୍ବରାଜଙ୍କ ରାଣୀ ଗର୍ଭରେ ବିନ୍ଦୁସ୍ୱରୂପରେ ପ୍ରବେଶ କଲେ । ଯଥା ସମୟରେ ରାଣୀ ଅପୂର୍ବ ସୁନ୍ଦର ପୁତ୍ର ସନ୍ତାନଟିଏ ପ୍ରସବ କଲେ । ଗୁରୁ ବଶିଷ୍ଠ ପୁତ୍ରଟିର ନାମ ଦେଲେ ଉପବର୍ହଣ । ଶୁକ୍ଳପକ୍ଷର ଚନ୍ଦ୍ରକଳା ସଦୃଶ ଉପବର୍ହଣ ବୃଦ୍ଧି ପ୍ରାପ୍ତ ହୋଇ ଯଥାକାଳରେ ଯୌବନ ପ୍ରାପ୍ତ ହେଲେ । ନାନା ବିଦ୍ୟାଧ୍ୟୟନ ପରେ ବଶିଷ୍ଠଙ୍କ ଠାରୁ ହରିମନ୍ତ୍ର ଗ୍ରହଣ କରି ଗଣ୍ଡକୀତୀରକୁ ତପସ୍ୟା କରିବା ପାଇଁ ଗଲେ । ଏକଦା ପଞ୍ଚାଶତ ଗନ୍ଧର୍ବ ରମଣୀ ଏକତ୍ର ସେଠାରୁ ସ୍ନାନ କରିବାକୁ ଆସିଥିଲେ । ଉପବର୍ହଣଙ୍କ ରୂପ ଯୌବନରେ ମୁଗ୍ଧା ହୋଇ ସେହିଁ ରମଣୀମାନେ କାମାନଳରେ ଦଗ୍ଧ ହୋଇ ମୂର୍ଚ୍ଛିତା ହୋଇ ପଡିଲେ ଓ ଶେଷରେ ମୃତ୍ୟୁ ବରଣ କଲେ । ସେମାନେ ଚିତ୍ରରଥଙ୍କ ଗୃହରେ ପୁନର୍ବାର ଜନ୍ମ ଗ୍ରହଣ କରି ଯୌବନ ପ୍ରାପ୍ତି ପରେ ଉପବର୍ହଣଙ୍କୁ ପତି ରୂପେ ବରଣ କଲେ । ଉପବର୍ହଣ ମଧ୍ୟ ଜପତପ ତ୍ୟାଗ କରି ନିର୍ଜନ ପ୍ରଦେଶରେ ସେମାନଙ୍କ ସହିତ ରତିରଙ୍ଗରେ କାଳାତିପାତ କରିବାକୁ ଲାଗିଲେ । ଶେଷରେ ରାଜ୍ୟକୁ ଫେରି ସିଂହାସନ ଆରୋହଣ କରି ଉପବର୍ହଣ ପ୍ରଜାଶାସନ କଲେ ।

ଦିନେ ରାଜା ଉପବର୍ହଣ ବ୍ରହ୍ମାଙ୍କ ଭୁବନକୁ ଯାଇଥିଲେ । ସେଠାରେ ଅପ୍ସରୀମାନଙ୍କ ନୃତ୍ୟ ଉପଭୋଗ କରୁଥିବା ସମୟରେ ରମ୍ଭାର ମୁଖ, ସ୍ତନ, ନିତମ୍ବ, ଜଘନରେ କାମବିକାର ଜାତ ହେବାରୁ ତାଙ୍କର ବୀର୍ଯ୍ୟପାତ

ହେଲା ଓ ସେ ମୂର୍ଚ୍ଛିତ ହେଲେ । ବ୍ରହ୍ମା ତାଙ୍କୁ ଶୂଦ୍ରଯୋନିରେ ଜନ୍ମହେବା ପାଇଁ ଅଭିଶାପ ଦେଲେ । ତହୁଁ ଉପବର୍ହଣ ଦେହତ୍ୟାଗ କଲେ । ଏଥିରେ ତାଙ୍କର ପଞ୍ଚାଶତ ପତ୍ନୀ ପତି ବିରହରେ କ୍ରନ୍ଦନ କରିବାକୁ ଲାଗିଲେ । ସେମାନଙ୍କ ମଧ୍ୟରେ ମାଳାବତୀ ଉପବର୍ହଣଙ୍କର ସର୍ବାପେକ୍ଷା ଅଧିକ ପ୍ରଣୟିନୀ ଥିଲେ । ସେ ବହୁତ ବିଳାପ କଲେ । ଶେଷରେ ପତିଙ୍କ ଶବକୁ ବକ୍ଷରେ ଧରି କୌଶକୀ ନଦୀକୁ ଯାଇ ବ୍ରହ୍ମା, ବିଷ୍ଣ, ଶିବଙ୍କୁ ଅଭିଶାପ ଦେବାପାଇଁ ଉଦ୍ୟତ ହେଲେ । ତାଙ୍କର ରୂପ, ଯୌବନ, କାନ୍ତି ଓ ପତିଭକ୍ତିରେ ବ୍ରହ୍ମାଦି ଦେବଗଣ ଆତଙ୍କିତ ହୋଇଗଲେ । ଶେଷରେ ବିଷ୍ଣୁ ବ୍ରାହ୍ମଣ ବେଶରେ ମାଳାବତୀଙ୍କ ନିକଟକୁ ଆସି ତାଙ୍କୁ ସାନ୍ତ୍ୱନା ଦେଲେ । ମାଳାବତୀର ଅନୁରୋଧରେ ବିଷ୍ଣୁ ଯମ ଓ ମୃତ୍ୟୁକନ୍ୟାମାନଙ୍କୁ ସେଠାକୁ ଆହ୍ୱାନ କଲେ । ମାଳାବତୀ ସେମାନଙ୍କ ସହିତ ଆଲୋଚନା କଲେ । ଏହାପରେ ବ୍ରହ୍ମା ସହିତ ଦେବଗଣ ମଧ୍ୟ ସେଠାରେ ଉପସ୍ଥିତ ହେଲେ କିନ୍ତୁ ବ୍ରାହ୍ମଣ ବାଳକରୂପୀ ବିଷ୍ଣୁଙ୍କୁ ଚିହ୍ନିପାରିଲେ ନାହିଁ । ବ୍ରହ୍ମା କହିଲେ, ଉପବର୍ହଣ ମୋର ପୁତ୍ର ନାରଦ ଅଟେ । ଅଭିଶାପ ଗ୍ରସ୍ତ ହୋଇ ଗନ୍ଧର୍ବ କୁଳରେ ଜନ୍ମ ହୋଇଛି । ପୁଣି ଅଭିଶାପରୁ ମୃତ୍ୟୁମୁଖରେ ପଡିଛି । ମାତ୍ର ଏହାର ଆୟୁଷ ସରିନାହିଁ । ଆହୁରି ସହସ୍ରବର୍ଷ ଏହାର ଆୟୁଷ ଅଛି । ଶ୍ରୀହରିଙ୍କ କୃପାରୁ ମୁଁ ଏହାକୁ ବଞ୍ଚାଇ ଦେଇ ପାରିବି । ଏହାପରେ ବିଷ୍ଣୁଙ୍କ ଆଦେଶରେ ବ୍ରହ୍ମା ଉପବର୍ହଣଙ୍କୁ ପୁନର୍ଜୀବନ ପ୍ରଦାନ କଲେ । ଉପବର୍ହଣ ଚମତ୍କାର ସୁନ୍ଦର ଶରୀର ଲାଭ କରି ପୁନର୍ଜୀବନ ପାଇଲେ । ପୁନଶ୍ଚ ବିଶିଷ୍ଟ ଉପବର୍ହଣ ଓ ମାଳାବତୀଙ୍କୁ କୃଷ୍ଣମନ୍ତ୍ର, ହରିମନ୍ତ୍ର, ଶିବମନ୍ତ୍ର ପ୍ରଦାନ କଲେ । ଉପବର୍ହଣ ମାଳାବତୀଙ୍କ ସହିତ ସମସ୍ତ ରାଣୀମାନଙ୍କୁ ସଙ୍ଗରେ ଧରି କାନନ ବିହାର କରିବାକୁ ଯାଇ ନାନା ରତିରଙ୍ଗରେ ମହାସୁଖରେ ଦିନ ବିତାଇଲେ ।

ଏହାପରେ ବ୍ରହ୍ମାଙ୍କ ଶାପ ଅନୁସାରେ ଉପବର୍ହଣ ଯଥାକାଳରେ ଦେହ ତ୍ୟାଗ କରି ଶୂଦ୍ରାଣୀ ଗର୍ଭରେ ବିନ୍ଦୁ ରୂପରେ ଅବସ୍ଥାନ କରିବାକୁ ଲାଗିଲେ । ତେଣେ ମାଳାବତୀ ଗଙ୍ଗାକୂଳରେ ଚିତାଗ୍ନି ସ୍ଥାପନ କରି ଆତ୍ମ ବିସର୍ଜନ କଲା । ଆପଣା ସତୀତ୍ୱ ପ୍ରଭାବରୁ ମାଳାବତୀ ଜାତିସ୍ମରା ହୋଇ ସୃଞ୍ଜୟଙ୍କ ଗୃହରେ କନ୍ୟାରୂପେ ଜନ୍ମଗ୍ରହଣ କଲେ । ସୃଞ୍ଜୟ ଥିଲେ ମନୁବଂଶର ବିଖ୍ୟାତ ରାଜା । ମାଳାବତୀ ଅଗ୍ନିରେ ଝାସ ଦେବା ସମୟରେ ଉପର୍ବହଣଙ୍କୁ ପରଜନ୍ମରେ ପତି ରୂପେ ପାଇବା ପାଇଁ ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କୁ ପ୍ରାର୍ଥନା କରିଥିଲେ ।

ଉପବର୍ହଣ କିପରି ଶୂଦ୍ର ଯୋନିରେ ଜନ୍ମ ହେଲେ ଏବେ ତାହା ବୁଝାଇ କହିବା । ପୂର୍ବେ ଦ୍ରୁମିଳ ନାମରେ ଜଣେ ରାଜା ଥିଲେ । ସେ କାନ୍ୟକୁବ୍ଜରେ ରାଜତ୍ୱ କରୁଥିଲେ । ତାଙ୍କର କଳାବତୀ ନାମରେ ପତିପରାୟଣ ପତ୍ନୀଥିଲେ । ତିନିଭୁବନରେ ତାଙ୍କ ପରି ରୂପବତୀ ଓ ଗୁଣବତୀ କେହି ନଥିଲେ । ମାତ୍ର ସେ ସନ୍ତାନବତୀ ହୋଇ ନଥିଲେ, ତେଣୁ-ଦୁଃଖିତା ଥିଲେ । ସେ ଦିନେ କାଶ୍ୟପ ମୁନିଙ୍କ ନିକଟକୁ ପୁତ୍ର ପାଇବା ଆଶାବାନ୍ଧି ଗଲେ । କଳାବତୀ ଯାଇ ଦେଖିଲେ ମୁନି ଧ୍ୟାନଯୋଗରେ ବସିଥିଲେ । କିଛି କ୍ଷଣ ପରେ ମୁନିଙ୍କର ଧ୍ୟାନଭଗ୍ନ ହେଲା । କଳାବତୀ ତାଙ୍କ ନିକଟକୁ ନଯାଇ କିଛି ଦୂରରେ ଛିଡା ହୋଇ ରହିଲେ । ମୁନିଙ୍କର ଅପରୂପ ରୂପବତୀ ଯୁବତୀ କଳାବତୀଙ୍କୁ ଦେଖି ପାଖକୁ ଯାଇ ଆସିବାର କାରଣ ପଚାରିଲେ । ତହୁଁ ଲାଜ ଓ ଭୟ ମିଶ୍ରିତ କଣ୍ଠରେ ଶ୍ରୀହରିଙ୍କୁ ସ୍ମରଣ କରି କଳାବତୀ କହିଲେ - 'ମୁଁ କାନ୍ୟକୁବ୍ଜ ରାଜା ଦ୍ରୁମିଳଙ୍କର ଗୋପନାରୀ ପତ୍ନୀ । ସ୍ୱାମୀଙ୍କ ଆଦେଶରେ ପୁତ୍ର ଆଶାରେ ଆପଣଙ୍କ ନିକଟକୁ ଆସିଛି । ଦୟା କରି ମୋ ଗର୍ଭରେ ଆପଣ ପୁତ୍ରଟିଏ ଦିଅନ୍ତୁ ।' ଏହାକହି କଳାବତୀ ମୁନିଙ୍କୁ ସମ୍ଭୋଗ ପାଇଁ ଆହ୍ୱାନ କଲେ । ମାତ୍ର ମୁନି ନାନା ଶାସ୍ତ୍ରତତ୍ତ୍ୱ ବୁଝାଇ ଏ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲେ । ଦୈବଯୋଗରୁ ସେହି ସମୟରେ ଅପ୍ସରୀ ମେନକା ବେଶଭୂଷା ହୋଇ ଏହି ପଥରେ ଯାଉଁ ଯାଉଁ କାଶ୍ୟପ ମୁନିଙ୍କ ଆଶ୍ରମରେ ଉପସ୍ଥିତ ହେଲେ । ମେନକାଙ୍କର ରୂପ ଯୌବନରେ ବିମୋହିତ କାଶ୍ୟପ ସ୍ଥିର ହୋଇ ରହି ପାରିଲେ ନାହିଁ । ତାଙ୍କର ବୀର୍ଯ୍ୟ ସ୍ଖଳନ ହେଲା । ଋତୁସ୍ନାନ କରି ଯାଇଥିବା କଳାବତୀ ସେହି ବୀର୍ଯ୍ୟକୁ ଜଳସହିତ ପାନ କରିବାରୁ,

ତାଙ୍କର ଗର୍ଭ ଉଦୟ ହେଲା । ସେ ମୁନିଙ୍କୁ ପ୍ରଣାମ କରି ରାଜପୁରୀକୁ ଫେରି ପତିଙ୍କୁ ସବୁକଥା ଗୋଟି ଗୋଟି କରି କହିଲେ । ରାଜା ଦ୍ରୁମିଳ ସନ୍ତୁଷ୍ଟ ହୋଇ ପୁତ୍ରଟିଏ ଜାତ ହେବ ବୋଲି କହି ତପସ୍ୟା କରିବାକୁ ରାଜ୍ୟ ତ୍ୟାଗ କରି ଚାଲିଗଲେ । ଯିବା ପୂର୍ବରୁ ବ୍ରାହ୍ମଣଙ୍କ ଦାୟିତ୍ୱରେ ରାଣୀଙ୍କୁ ଛାଡ଼ିଲେ । ବ୍ରାହ୍ମଣ ରାଣୀଙ୍କୁ ନିଜର ମାଆ ପରି ପାଳନ ପୋଷଣ କଲେ । ରାଜା ଦ୍ରୁମିଳ ଗଙ୍ଗାକୂଳରେ ତପ ଆଚରଣ କାଳରେ ଦେହତ୍ୟାଗ କଲେ ।

କିଛି ଦିନ ଅନ୍ତେ ଯଥା ସମୟରେ ଗୋପ ସୁନ୍ଦରୀ କଳାବତୀ ପୁତ୍ର ସନ୍ତାନଟିଏ ଜନ୍ମଦେଲେ । କାଶ୍ୟପଙ୍କ ବୀର୍ଯ୍ୟରୁ ଜାତ ହୋଇଥିବାରୁ ସେ ତପ୍ତ ସ୍ୱର୍ଣ୍ଣବର୍ଣ୍ଣର ରୂପକାନ୍ତି ଶୁକ୍ଳପକ୍ଷର ଚନ୍ଦ୍ର ପରି କ୍ରମଶଃ ବଢ଼ିବାକୁ ଲାଗିଲା । ପାଞ୍ଚବର୍ଷ ବେଳକୁ ସେ ଜାତିସ୍ମର ହେତୁ ଜ୍ଞାନ ଲାଭ କରି ପୂର୍ବଜନ୍ମର ମନ୍ତ୍ର ତା'ସ୍ମୃତିରେ ଜାଗି ଉଠିଲା । ସର୍ବଦା ହରିନାମ ଗାନ କରି ଅଶ୍ରୁଜଳରେ ଭାସିଭାସି ନେ ନାଚୁଥାଏ । ପୁତ୍ରଟି ଅନାବୃଷ୍ଟି କାଳରେ ଜନ୍ମ ହୋଇଥିବାରୁ ଓ ଜନ୍ମ ଲାଭ ପରେ ବର୍ଷା ହେବାରୁ ତାଙ୍କୁ ନାରଦ ନାମ ଦିଆଗଲା । ଶାସ୍ତ୍ରାନୁସାରେ ନାର ଶବ୍ଦର ଅର୍ଥ ଜ୍ଞାନ ବା ନାର ଶବ୍ଦରୁ ଜ୍ଞାନ ଜାତ ହୁଏ । ସେ ସମସ୍ତଙ୍କୁ ଜ୍ଞାନ ଦାନ କରୁଥିବାରୁ ଅନେକ ତା'ଙ୍କୁ ନାରଦ ବୋଲି ଡାକିବାକୁ ଲାଗିଲେ । ଏକଦା ନର ନାମରେ ଜଣେ ମୁନିଥିଲେ । ଅପୁତ୍ରିକ କଶ୍ୟପଙ୍କୁ ଦୟାକରି ସେ ଏହି ପୁତ୍ରଗୋଟି ଅର୍ପଣ କରିଥିବାରୁ ପୁତ୍ରର ନାମ ନାରଦ ହେଲା । ପୁତ୍ରର ବୟସ ପାଞ୍ଚବର୍ଷ ସମୟରେ ଏକଦା ଚାରିଜଣ ସେହି ବୟସର ବାଳକ ଆସି ପହଞ୍ଚିଲେ । ସମସ୍ତଙ୍କର ବୟସ ପାଞ୍ଚବର୍ଷ । ସମସ୍ତେ ସମ ବୟସ୍କ । ସେମାନଙ୍କୁ ଦେଖି ବ୍ରାହ୍ମଣ ଆନନ୍ଦ ହୋଇ ଭକ୍ତିସହକାରେ ସତ୍କାର କଲେ । ସେମାନେ ଖାଇବା ପରେ କଳାବତୀ ପୁତ୍ର ନାରଦ ସେହି ବଳକା ଫଳମୂଳ ଆନନ୍ଦରେ ଖାଇଲା । ଏହାଦେଖି ଚତୁର୍ଥ ବ୍ରାହ୍ମଣ (ପୁତ୍ର) ନାରଦଙ୍କ ପିଠି ଥାପୁଡେଇ ଦେଇ ତାଙ୍କୁ ଶ୍ରୀକୃଷ୍ଣ ମନ୍ତ୍ର ପ୍ରଦାନ କରି ପୂଜା ଉପାସନା ବିଧି ବତାଇ ଦେଲେ ।

ଦିନେ ସଂଧ୍ୟା ସମୟରେ କଳାବତୀ ସ୍ନାନ କରିବା ପାଇଁ ଯାଉଥିବା ସମୟରେ ସର୍ପଦଂଶନରୁ ମୃତ୍ୟୁ ବରଣ କଲେ । ପୁତ୍ର ମାତାର ମୃତ୍ୟୁପରେ ବ୍ରାହ୍ମଣ ଘରୁ କାନ୍ଦି କାନ୍ଦି ବାହାରିଗଲା । ଗଙ୍ଗା ତୀରକୁଯାଇ ଶ୍ରୀକୃଷ୍ଣ ମନ୍ତ୍ର ଜପତପ କରି ସମୟ ବିତାଇବାକୁ ଲାଗିଲା । ପୂର୍ଣ୍ଣ ଏକ ହଜାର ବର୍ଷ ପାନାହାର ତ୍ୟାଗ କରି ସେ ତପଜପ ଆଚରଣ କଲା । ଶେଷରେ ସେ ସେହି ଶ୍ରୀକୃଷ୍ଣଙ୍କୁ ଦର୍ଶନ ମଧ କଲା । ସେହି ସ୍ଥାନରେ ସେ ଦେହ ବିସର୍ଜନ କଲା । ସେହି ସମୟରେ ସେ ଶ୍ରୀକୃଷ୍ଣଙ୍କୁ ଧ୍ୟାନ ଜପ କରୁଥିଲା । ଏହାଦେଖି ଦେବଗଣ ଦୁନ୍ଦୁଭି ବଜାଇଲେ ଓ ଆନନ୍ଦରେ ପୁଷ୍ପ ବୃଷ୍ଟି କଲେ ।

ଏହିପରି ଭାବରେ ନାରଦ ପିତୃଶାପରୁ ମୁକ୍ତ ହେଲେ ॥

୦୦୦

ଯେବଣ ରୂପକୁ ତୁହି କରିଛୁ ଦର୍ଶନ ।
ଆଉ ଦେଖି ନ ପାରିବୁ ତାହା କଦାଚନ ॥
ଦୃଢ଼ନାହିଁ ଚିତ୍ତ ଯେଉଁ ଯୋଗୀମାନଙ୍କର ।
ଦର୍ଶନ ନ ପାନ୍ତି ଏହି ରୂପକୁ ନେତ୍ରର ॥

ତୋର ନିଜ କଳେବର ତେଜି ଯେତେବେଳେ ।
ପାଇବୁ ଦିବ୍ୟ ଶରୀର ଜାଣ ସେହି କାଳେ ॥
ଆମ୍ଭର ଏରୂପ ପୁଣି ଦର୍ଶନ କରିବୁ ।
ଜନମ ମରଣ ତେଜି ସୁଖରେ ରହିବୁ ॥

# ଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ

# ମୋହ

*'ଶକ୍ତି ନାହିଁ ବଳ କାହାରି ଜଗତେ । ନିୟତିକୁ ନେବ ନିଜ ଇଚ୍ଛା ମତେ ।।'*

*ଅଦୃଷ୍ଟର ଇଚ୍ଛା ବିରୁଦ୍ଧରେ, ବ୍ରହ୍ମଙ୍କର ଇଚ୍ଛା ବିରୁଦ୍ଧରେ, ପରାତ୍ପର ପରମପୁରୁଷ ଚରମ ପାଦଙ୍କର ଇଚ୍ଛା ବିରୁଦ୍ଧରେ ଯାଇ କାର୍ଯ୍ୟରେ ସଫଳତା ଲାଭ କରିବ - ଏଭଳି ଶକ୍ତି ଏ ଜଗତରେ କାହାରି ନାହିଁ । ସେ ଯୋଗୀ ହୁଅନ୍ତୁ କି ଭୋଗୀ ହୁଅନ୍ତୁ, ବ୍ରହ୍ମଚାରୀ ହୁଅନ୍ତୁ କି ଗୃହସ୍ଥ ହୁଅନ୍ତୁ, ସମସ୍ତେ ସେହି ବ୍ରହ୍ମଙ୍କର ଇଚ୍ଛାଧିନ । ମାୟା ମୋହରେ ଭ୍ରାନ୍ତିରେ ପଡ଼ି ଉଦ୍‌ଭ୍ରାନ୍ତ ହୁଅନ୍ତି ସମସ୍ତେ । ପୁଣି ମାୟା ମୋହର ପରଦା ହଟିଗଲେ ମେଘମୁକ୍ତ ଆକାଶରେ ସୂର୍ଯ୍ୟଙ୍କର ଅନନ୍ତ କିରଣ ସମସ୍ତଙ୍କୁ ଉଜ୍ଜ୍ୱଳ ଆଲୋକିତ କରିଦିଏ । ଏହି ମର୍ମରେ 'ମୋହ'ର ଅବତାରଣା । ଏ ସଂଖ୍ୟାରେ ଏହି ନିୟମିତ ସ୍ତମ୍ଭରେ ପ୍ରଭୁପାଦ ଗୁରୁସ୍ୱାମୀ ଠାକୁରଙ୍କର ଦର୍ଶନ ତତ୍ତ୍ୱରୁ ଆମର ଅଞ୍ଜଳି :....*

## 'ଗୁର୍ବାଗଂଜନ ମୋହ'ର ଏକ ପ୍ରକରଣ :

## ତତ୍ତ୍ୱସାତ୍ତ୍ୱିକ ମୋହ

*(ସଂପାଦନାର ତ୍ରୁଟି ବଶତଃ 'ଗୁର୍ବାଗଂଜନ ମୋହ'ର ଗୋଟିଏ ପ୍ରକରଣ : 'ତତ୍ତ୍ୱସାତ୍ତ୍ୱିକ ମୋହ' 'ଚରମ' : ସପ୍ତମ ପୁଷ୍ପ : ପ୍ରଥମ ପାଖୁଡ଼ା : ଏକତ୍ରିଂଶତମ (୩୧ଶ) ସଂଖ୍ୟାରେ ପତ୍ରସ୍ଥ ହେବା ପରିବର୍ତ୍ତେ 'ସସ୍ତ୍ରୀକ ଆଧାତ୍ମିକ ମୋହ' ପତ୍ରସ୍ଥ ହୋଇଯାଇଛି । ଗତ ସଂଖ୍ୟାରେ 'ସସ୍ତ୍ରୀକ ଆଧାତ୍ମିକ ମୋହ'ର ଦ୍ୱିତୀୟ ପ୍ରକରଣ 'ଗୃହସ୍ଥ ରାଜଗୁରୁ ମୋହ' ପତ୍ରସ୍ଥ ହେବା ପରେ ଚଳିତ ସଂଖ୍ୟାରେ 'ତତ୍ତ୍ୱ ସାତ୍ତ୍ୱିକ ମୋହ' ପ୍ରସଙ୍ଗରେ ଆଲୋଚନା ପତ୍ରସ୍ଥ କରୁଛୁ । ଆମର ଅନିଚ୍ଛା ଜନିତ ତ୍ରୁଟି ମାର୍ଜନା କରି ସହୃଦୟ ପାଠକ ପାଠିକା ଭାଇଭଉଣୀମାନେ ତ୍ରିଂଶତମ (୩୦ଶ) ସଂଖ୍ୟାର ଅନୁସୃତିରେ ଏହା ପାଠକରିବା ପାଇଁ ସବିନୟ ଅନୁରୋଧ କରୁଛୁ ।। - ସଂପାଦକ, 'ଚରମ' ।।*

*ଏହି ସଂଖ୍ୟାରୁ ଧାରାବାହିକ ଭାବରେ 'ତତ୍ତ୍ୱସାତ୍ତ୍ୱିକ ମୋହ' ପ୍ରସଙ୍ଗରେ ଆଲୋଚନା ପତ୍ରସ୍ଥ ହେବ ।)*

ଗୁର୍ବାଗଂଜନ /ଗୁରୁଗଂଜନ /ସାତ୍ତ୍ୱିକ ମୋହ ଚତୁର୍ବିଂଶତମ ପ୍ରକରଣ 'ବିଯୁକ୍ତ ମୋହ' ପ୍ରସଙ୍ଗରେ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଶ୍ରୀମୁଖରୁ ତତ୍ତ୍ୱଜ୍ଞାନ ସଂକ୍ରାନ୍ତରେ ଆଲୋଚନା ଶୁଣି ସାରିବା ପରେ ଜିଜ୍ଞାସୁ ଶିଷ୍ୟ ପ୍ରଭୁଙ୍କ ପଦ୍ମପାଦ ସନ୍ନିଧାନରେ ପଦ୍ମାସନରେ ଯୋଡ଼ହସ୍ତରେ ସକଳ ନମ୍ରତାର ସହିତ ଉପବେଶନ କରି କହିଲେ :

ଶିଷ୍ୟ ଉବାଚ :

ହେ ପ୍ରଭୁ କରୁଣା ସାଗର । ସକଳ ତତ୍ତ୍ୱର ଆକର ।।
ହୃଦୟଗତେ ଦୟା ବହି । କ୍ରମାନ୍ୱୟରେ ଦେଲେ କହି ।।
ଗୁର୍ବାଗଂଜନ ମୋହ ଗୋଟି । ସଂଶୟ ମୋର ଗଲା ତୁଟି ।।

ବାକି ତତ୍ତ୍ୱ ସାତ୍ତ୍ୱିକ ମୋହ । ବ୍ୟାଖ୍ୟା କରିଣ ବେଗେ କୁହ ॥
ଏ ମୋହ ଗ୍ରାସେ କେଉଁ ମତେ । କି ହୁଏ ପ୍ରାଣୀଏ ପଡ଼ନ୍ତେ ॥
କି ରୂପେ କାର୍ଯ୍ୟ କରେ ଏହା । ଜାଣିବା ପାଇଁ ଇଚ୍ଛା ତାହା ॥
ଇଚ୍ଛାମୟ ହେ ଭଗବାନ । କହି ତୁଟାଅ ମୋ ଅଜ୍ଞାନ ॥
ଏହାର କିବା ପ୍ରକରଣ । ବୁଝାଇ କୁହ ସକାରଣ ॥
ବିଭାଗ ଅନୁଭାଗ ମାନ । ବତାଇ ଦିଅ ନାରାୟଣ ॥

ଜିଜ୍ଞାସୁ ଶିଷ୍ୟ ଠାକୁରଙ୍କୁ ବିନୟର ସହିତ କହିଲେ, ପ୍ରଭୁ ! ଗୁର୍ବାଗାଂଜନ ମୋହର ପ୍ରକରଣଗୁଡ଼ିକ କ୍ରମାନ୍ୱୟରେ ବୁଝାଇ ଦେଇ ଆପଣ ମୋର ଯଥେଷ୍ଟ ଅଜ୍ଞାନତା ଦୂର କରିଦେଇ ଅଛନ୍ତି । ପଚିଶ ଗୋଟି ପ୍ରକରଣ ମଧ୍ୟରୁ ଏ ପର୍ଯ୍ୟନ୍ତ ଚବିଶ ଗୋଟି ପ୍ରକରଣ ସମ୍ପର୍କରେ ବୁଝାଇ ସାରିଛନ୍ତି । ବାକି ଶେଷରେ ତତ୍ତ୍ୱସାତ୍ତ୍ୱିକ ମୋହ ପ୍ରସଙ୍ଗରେ ସକାରଣ ଓ ସୋଦାହରଣ ବ୍ୟାଖ୍ୟା କରି ମୋର ଅଜ୍ଞାନତା ଦୂର କରନ୍ତୁ । ଏହା କିପରି ଭାବରେ ଜୀବକୁ ଗ୍ରାସ କରେ ? ଏ ମୋହରେ ଗ୍ରସ୍ତ ଜୀବର ଆଚରଣ କିପରି ହୁଏ ? ପୁଣି ଯଦି ଏ ମୋହର ବିଭାଗ, ଅନୁ ବିଭାଗ ଥାଏ, ତେବେ ସେ ସବୁ ଗ୍ରନ୍ଥି ଫିଟାଇ ମୋ ଆଗରେ ସମସ୍ତ ବିବରଣୀ ବୁଝାଇ କୁହନ୍ତୁ ।

ଜିଜ୍ଞାସୁ ଭକ୍ତ ଶିଷ୍ୟର ଏପରି ହାର୍ଦ୍ଦିକ ପ୍ରାର୍ଥନାରେ ଶ୍ରୀଶ୍ରୀ ଗୁରୁସ୍ୱାମୀ ପରମ ସନ୍ତୋଷ ପ୍ରକାଶ କରି ହସି ହସି କହୁଛନ୍ତି;

**ଶ୍ରୀ ଶ୍ରୀ ଗୁରୁସ୍ୱାମୀ ଉବାଚ :**

ହସି ବୋଲନ୍ତି ନାରାୟଣ । ଶୁଣ ହୋ ଜ୍ଞାନ ପରାୟଣ ॥
କହିବା ତୁମକୁ ବୁଝାଇ । ସକଳ ସଂଶୟ ତୁଟାଇ ॥
ସଭିଙ୍କୁ ଏଇଟି ନ ଘାରେ । ଯୋଗୀଙ୍କୁ ଏହା ଘାରି ପାରେ ॥
ଯୋଗମାର୍ଗରେ କାୟା ସାଧି । ଯୋଗୀ ଯେ ଲଭଇ ସମାଧି ॥
ସେହି ସ୍ତରରେ ପରଂବ୍ରହ୍ମ । ପରୀକ୍ଷା କରନ୍ତି ଉତ୍ତମ ॥
ମୋହିନୀ ମାୟା ଯୋଗମାୟା । ଭାବାଂଶେ ବିସ୍ତାରିତ କାୟା ॥
ପରୀକ୍ଷା ପାଇଁ ଉପନୀତ । ହୁଅନ୍ତି ଯୋଗୀର ନିକଟ ॥
ନାନା ଭାବରେ ମୋହ ଦେଇ । କବଳ କରେ ଯୋଗୀ ଦେହୀ ॥
ଯୋଗୀ ତା' ଜାଣି ନ ପାରଇ । ମୋହ ଜାଲରେ ସେ ପଡ଼ଇ ॥
ମୋହ ବଶରୁ ଅଘଟଣ । ଘଟଇ ବହୁତ ତୁ ଜାଣ ॥
ଜ୍ଞାନ ତତ୍ତ୍ୱକୁ ଛୁପାଇଲେ । ତତ୍ତ୍ୱ ସାତ୍ତ୍ୱିକରେ ପଡ଼ିଲେ ॥
ଏପରି କେତେ କେତେ ଅଛି । କେତେ ବା କହିବିରେ ବାଛି ??
କହୁଛି ଦେଇ ଉପାଖ୍ୟାନ । ଶୁଣ ହୋ ଦେଇ ଧୀରେ ଧ୍ୟାନ ॥

ଶ୍ରୀଶ୍ରୀଶ୍ରୀ ଗୁରୁସ୍ୱାମୀ ପରମ ସନ୍ତୋଷ ପ୍ରକାଶ କରି ପ୍ରିୟ ଜିଜ୍ଞାସୁ ଶିଷ୍ୟକୁ ଜ୍ଞାନପରାୟଣ ବୋଲି ସମ୍ବୋଧନ କରି ହସି ହସି କହୁଛନ୍ତି; ବତ୍ସ, ତୁମର ସକଳ ସଂଶୟ ଛିନ୍ନ କରି ବୁଝାଇ କହୁଅଛି, ଶୁଣ । ଏହି ତତ୍ତ୍ୱ ସାତ୍ତ୍ୱିକ ମୋହ ଧରାଧାମରେ ସର୍ବସାଧାରଣ ସମସ୍ତ ପ୍ରାଣୀଙ୍କୁ ଘାରେ ନାହିଁ । କେବଳ ଯୋଗ ମାର୍ଗରେ ଗତି କରି ଯୋଗୀଗୁରୁ, ତତ୍ତ୍ୱଗୁରୁ, ଜ୍ଞାନୀଗୁରୁ—ଏଭଳି ଗୁରୁମାନଙ୍କୁ ହିଁ ଏହି ମୋହ ଘାରି ପାରେ । ଯେଉଁ ଜୀବ ଯୋଗମାର୍ଗରେ ଗତି କରି କାୟା ସାଧନ କରିବା ପରେ ସମାଧି ସ୍ତରରେ ପହଞ୍ଚି ଯାଇଥାଏ, ସେହିମାନଙ୍କୁ ସେହି ସମାଧିସ୍ତରରେ ପରଂବ୍ରହ୍ମଙ୍କ ଇଚ୍ଛାରୁ ଏହି ମୋହ ଗ୍ରାସ କରେ । ପରଂବ୍ରହ୍ମ ହିଁ ସମାଧିସ୍ତର ଯୋଗୀମାନଙ୍କୁ ଲୀଳା ସଙ୍ଗିନୀ ମୋହିନୀ ମାୟା-ଯୋଗମାୟା ଓ ତା'ର ଭାବାଂଶ ମାଧ୍ୟମରେ ଇଚ୍ଛା କରି କଠୋର ପରୀକ୍ଷା କରନ୍ତି ।

ଯୋଗୀ ଯୋଗ ମାର୍ଗରେ ଯୋଗ ଅବସ୍ଥାରେ ସମାଧି ସ୍ତରରେ ପହଞ୍ଚିବା ପରେ ପ୍ରଥମେ ଭାବ ସମାଧି ଅବସ୍ଥା, ତା'ପରେ ସବିକଳ୍ପ ସମାଧି ଅବସ୍ଥାରେ ପହଞ୍ଚେ । ସବିକଳ୍ପ ସମାଧିର ୨୧ (ଏକୋଇଶ) ଗୋଟି ପାବଚ୍ଛ ଗୋଟିକ ପରେ ଗୋଟିଏ ଅତିକ୍ରମ କରି ସାରିବା ପରେ 'ଦ୍ୱରାଦ୍ ସବିକଳ୍ପ' ଅବସ୍ଥା ପଡ଼େ । ଏହି ସ୍ତରରେ ଯୋଗୀ ବ୍ରହ୍ମାଣ୍ଡରେ ଥିବା ଜ୍ଞାନ ତତ୍ତ୍ୱରୁ ପିଣ୍ଡ ସମ୍ବନ୍ଧୀୟ ସମସ୍ତ ତତ୍ତ୍ୱଜ୍ଞାନର ଜ୍ଞାନୀ ହୁଅନ୍ତି । ଏହି ଅବସ୍ଥାରେ ଯୋଗୀର ଭାବ, ଚିତ୍ତ, ଚେତା, ବୁଦ୍ଧି ଇତ୍ୟାଦି ବିଶୁଦ୍ଧ ଥାଏ । ଏହି ସ୍ତରରେ ପରଂବ୍ରହ୍ମଙ୍କର ପରୀକ୍ଷା ଚକ୍ର ଆରମ୍ଭ ହୁଏ । ମୋହିନୀ ମାୟାଙ୍କ ଅଂଶ ଯୋଗମାୟା ବ୍ରହ୍ମଙ୍କର ଇଚ୍ଛାମତେ ଯୋଗୀକୁ ପରୀକ୍ଷା କରିବା ପାଇଁ ମାୟା ମାଧ୍ୟମରେ ଆଗେଇ ଆସନ୍ତି ।

ଯୋଗୀର 'ଦ୍ୱରାଦ୍ ସବିକଳ୍ପ' ଅବସ୍ଥାରେ ପରଂବ୍ରହ୍ମଙ୍କର ଆଜ୍ଞାନୁସାରେ ଯୋଗୀର ଧ୍ୟାନ ଚକ୍ଷୁରେ ହରିଦ୍ରାବର୍ଣ୍ଣର ଆଲୋକ ରେଖା ସଙ୍କେତ ଦିଅନ୍ତି । ଏହି ସଙ୍କେତର ଉଦ୍ଦେଶ୍ୟ ହେଉଛି-ଆଶ୍ରମ ପ୍ରତିଷ୍ଠା କରି ଜନ କଲ୍ୟାଣ ଲକ୍ଷ୍ୟରେ ବ୍ରହ୍ମତତ୍ତ୍ୱ ଜ୍ଞାନ ବିତରଣ କରିବା । ଯେ ପର୍ଯ୍ୟନ୍ତ ଏହି ସଙ୍କେତ ନ ମିଳିଛି, ଆଜ୍ଞା ହୋଇ ନାହିଁ ବୋଲି ବୁଝିବାକୁ ହେବ । ଏହି 'ଦ୍ୱରାଦ୍ ସବିକଳ୍ପ' ଅବସ୍ଥାରେ ଯୋଗୀ ଜ୍ଞାନକୁ ସାତ୍ତ୍ୱିକ ମୋହ ବଳରୁ ଶକ୍ତ ଭାବରେ ଧରି ରଖିଥାଏ । ଯୋଗୀ ଯଦି ନିଜ ବୁଦ୍ଧି ଜ୍ଞାନ ପ୍ରୟୋଗ କରେ, ତେବେ ତାହା ବ୍ରହ୍ମଙ୍କର ଇଚ୍ଛା ବିରୁଦ୍ଧ ହୁଏ । ତେଣୁ ଯୋଗମାୟାର ସଙ୍କେତ ଦ୍ୱାରା ବ୍ରହ୍ମଙ୍କର ଆଜ୍ଞା ମିଳିବା ପର୍ଯ୍ୟନ୍ତ ଅପେକ୍ଷାରତ ହେବା ହିଁ ଉଚିତ ପନ୍ଥା ।

ପୁଣି କେତେକ ଗୁରୁଅଙ୍ଗ ସଙ୍କେତ ପାଇ ମଧ୍ୟ ବୁଦ୍ଧିଜ୍ଞାନକୁ ଚାପି ରଖନ୍ତି ଓ ବ୍ରହ୍ମଙ୍କ ଆଜ୍ଞାକୁ ସ୍ୱୀକାର କରନ୍ତି ନାହିଁ । ନିଜ ନିଜର ଶିଷ୍ୟମାନଙ୍କୁ ନିଜେ ପରୀକ୍ଷା କରି ଜ୍ଞାନଦାନ କରନ୍ତି । ଶିଷ୍ୟକୁ ପରୀକ୍ଷା କରିବା ପାଇଁ ମଧ୍ୟ ଯୋଗମାୟାଙ୍କ ସଙ୍କେତ ମିଳେ । ସେହି ସଙ୍କେତ ପାଇବା ପରେ ଗୁରୁ ଶିଷ୍ୟକୁ ଉପଯୁକ୍ତ ବୋଲି ଅନୁଭବ କରନ୍ତି । ସେହି ସଙ୍କେତାନୁସାରେ ଗୁରୁ ଶିଷ୍ୟକୁ ଉପଯୁକ୍ତ ପାତ୍ର ବୋଲି ବିବେଚନା କରି ଶିଷ୍ୟର ଅନ୍ତଃକରଣକୁ ଲକ୍ଷ୍ୟ କରନ୍ତି । ପ୍ରାଥମିକ ଅବସ୍ଥାରେ ସ୍ଥୂଳ ଆସନ, ଯମ, ନିୟମ, ଧାରଣା, ଧ୍ୟାନ, ପ୍ରାଣାୟାମ, ପ୍ରତ୍ୟାହାର ପଦ୍ଧତି ଶିକ୍ଷା ଦିଅନ୍ତି । ମାଧ୍ୟମିକ ଅବସ୍ଥାରେ ସୂକ୍ଷ୍ମ ଧ୍ୟାନ, ପ୍ରାଣାୟାମାଦିର ପଦ୍ଧତି ଶିକ୍ଷା ଦିଅନ୍ତି । ଶିଷ୍ୟ ଏସବୁ ବିଦ୍ୟାରେ ଉତ୍ତୀର୍ଣ୍ଣ ହେଲେ, ଗୁରୁ ଶିଷ୍ୟକୁ ମନ୍ତ୍ରତତ୍ତ୍ୱ ଜ୍ଞାନ, ବ୍ରହ୍ମବିଦ୍ୟାର କାରଣ ବୁଝାଇ ଦିଅନ୍ତି । ଏହି ସ୍ତରରେ ଶିଷ୍ୟର କୁଣ୍ଡଳିନୀ ହଠାତ୍ ଜାଗ୍ରତ ଅବସ୍ଥାକୁ ଆସିଲେ, ଗୁରୁ ଏହା ଉପଲବ୍ଧି କରି ବାହ୍ୟ ଶିକ୍ଷା ବନ୍ଦ କରି ଦିଅନ୍ତି । ଏହି ଅବସ୍ଥାରେ ଗୁରୁ ଜ୍ଞାନତତ୍ତ୍ୱର ବିଦ୍ୟା ଲୁଚାଇ ଛପାଇ ରଖି ଯଦି ଶିଷ୍ୟକୁ ଶିକ୍ଷା ଦେଲେ ନାହିଁ, ତେବେ ସେ ଗୁରୁ 'ତତ୍ତ୍ୱ ସାତ୍ତ୍ୱିକ ମୋହ'ଗ୍ରସ୍ତ ବୋଲି ବୁଝାଯାଏ ।

ଧରାପୃଷ୍ଠରେ ଅନେକ ଯୋଗୀ ଗୁରୁଅଙ୍ଗ ଏହିପରି ନାନା ଭାବରେ ତତ୍ତ୍ୱସାତ୍ତ୍ୱିକ ମୋହରେ ପତିତ ହୋଇ ଯୋଗମାୟାର ପ୍ରଭାବରୁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପାରନ୍ତି ନାହିଁ । ପୁଣି ପରବର୍ତ୍ତୀ କାଳରେ ବ୍ରହ୍ମଙ୍କ ଇଚ୍ଛାରୁ ଯୋଗମାୟା ମୋହର ପଟଳ ଘୁଞ୍ଚାଇ ନେଲେ, ସେମାନେ ମୋହଗ୍ରସ୍ତ ଅବସ୍ଥାରୁ ରକ୍ଷାପାଇ ଜଗତର କଲ୍ୟାଣ ଉଦ୍ଦେଶ୍ୟରେ ସତ୍‌କର୍ମାଦିରେ ବିନିଯୁକ୍ତ ହୁଅନ୍ତି ।

'ତତ୍ତ୍ୱସାତ୍ତ୍ୱିକ ମୋହ'ର ଏହିପରି ପ୍ରକ୍ରିୟାକୁ ଅଧିକ ସରଳ କରି ବୁଝାଇବା ପାଇଁ ପରମଦୟାଳୁ ଠାକୁରେ ନିମ୍ନଲିଖିତ ଉପାଖ୍ୟାନଟି ଉଦାହରଣ ସ୍ୱରୂପ ପ୍ରିୟ ଜିଜ୍ଞାସୁ ଶିଷ୍ୟକୁ କହିଲେ:

ଏକଦା **ସତ୍ୟାନନ୍ଦ** ନାମରେ ଜଣେ ଯୁବକ ଥିଲେ । ସେ ବାଲ୍ୟକାଳରୁ ସତ୍ୟ ଧର୍ମପରାୟଣ ଥାଇ ତାଙ୍କର ପିତୃମାତୃଦତ୍ତ ନାମକୁ ସାର୍ଥକ କରିଥିଲେ । ସେ ସାଧାରଣ ଯୁବକଙ୍କ ପରି ନ ଥିଲେ । ସର୍ବଦା ଧର୍ମଶାସ୍ତ୍ର ଓ ପୁରାଣ ଆଦି ପଠନ, ମନନ, ଚିନ୍ତନ ଓ ଧ୍ୟାନ ଆଦି କର୍ମରେ ବ୍ୟସ୍ତ ରହୁଥିଲେ । ପିତାଙ୍କର ସେ କନିଷ୍ଠ ସନ୍ତାନ ଥିବାରୁ ତାଙ୍କର ଗୃହ ଜଞ୍ଜାଳ ପ୍ରତି ବିକର୍ଷଣରେ ଅନ୍ୟମାନେ ବ୍ୟସ୍ତ ହେଉ ନଥିଲେ । ଦିନେ ପିତାମାତାଙ୍କର ଅନୁମତି ନେଇ ସେ ଜଣେ ଯୋଗୀଗୁରୁଙ୍କ ଆଶ୍ରମକୁ ଗଲେ । ଆଶ୍ରମରେ ଗୁରୁଙ୍କ ତତ୍ତ୍ୱାବଧାନରେ ରହି ଯୋଗ ବିଦ୍ୟା, ତତ୍ତ୍ୱଜ୍ଞାନ ଓ ଯୋଗମାର୍ଗ ପଦ୍ଧତି ବିଷୟରେ ଶିକ୍ଷା କରିବାକୁ ଲାଗିଲେ । ଗୁରୁକୃପାରୁ ଓ ନିଜର ଯୋଗାଭ୍ୟାସ ବଳରୁ ସେ ଯଥାଶୀଘ୍ର କ୍ରମାନ୍ୱୟରେ ଯମ ସାଧନ, ଆସନ ସାଧନ, ଧାରଣା ଓ ଧ୍ୟାନ ଯୋଗ, ଷଡ୍‌ଚକ୍ରଧ୍ୟାନ, ଲୟଯୋଗ, ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତି ଓ ତୂର୍ଯ୍ୟ

ଅବସ୍ଥା ଅତିକ୍ରମ କରି ସମାଧିସ୍ତରରେ ଉପନୀତ ହେଲେ । ସମାଧିସ୍ତରରେ ସେ ବହୁ ଉର୍ଦ୍ଧ୍ୱକୁ ଉଠି ପାରିଥିବାରୁ ଲକ୍ଷ୍ୟ କରି ଗୁରୁ ତାଙ୍କୁ ପରମ ସନ୍ତୋଷରେ ଦୀକ୍ଷାନ୍ତ କରି ଆଶ୍ରମରୁ ବିଦାୟ ଦେଲେ । ଦୀକ୍ଷାନ୍ତ ପରେ ତାଙ୍କର ନାମ ହେଲା ବ୍ରହ୍ମଚାରୀ **ବିଶୁଦ୍ଧାନନ୍ଦ** ସରସ୍ୱତୀ । ଯୋଗୀବର **ବିଶୁଦ୍ଧାନନ୍ଦ** ଏକ ସ୍ରୋତସ୍ୱିନୀ ନଦୀ କୂଳରେ ଗୋଟିଏ ସୁରମ୍ୟ ସ୍ଥାନରେ ତପୋବନ ନିର୍ମାଣ କରି ତହିଁ ମଧ୍ୟରେ ଆଶ୍ରମ ପ୍ରତିଷ୍ଠା କରି ଯୋଗମାର୍ଗରେ ଲିପ୍ତ ରହିଲେ ।

କାଳକ୍ରମେ ସେହି ତପୋବନରେ ସେ ଗୋଟିଏ ଗୁରୁକୁଳ ପ୍ରତିଷ୍ଠା କରି ଶିଷ୍ୟ ଗ୍ରହଣ କଲେ ଓ ସେମାନଙ୍କୁ ଯମ, ନିୟମ, ଆସନ, ଧାରଣା, ଧ୍ୟାନ, ପ୍ରତ୍ୟାହାର, ପ୍ରାଣାୟାମ ଆଦି ଶିକ୍ଷା ଦେବା ସହିତ ତତ୍ତ୍ୱଜ୍ଞାନ ଓ ବେଦ ମଧ୍ୟ ପଢ଼ାଇବାକୁ ଲାଗିଲେ । ତାଙ୍କର ଅନେକ ଶିଷ୍ୟଙ୍କ ମଧ୍ୟରୁ **ମେଧାନନ୍ଦ** ନାମରେ ଜଣେ ସ୍ପଷ୍ଟବାଦୀ, ବିଶ୍ୱାସୀ ଓ ସଚ୍ଚୋଟ ଶିଷ୍ୟ ଥିଲେ । **ବିଶୁଦ୍ଧାନନ୍ଦ ମେଧାନନ୍ଦଙ୍କର** ଅନ୍ତଃକରଣକୁ ଲକ୍ଷ୍ୟ କରି ଶିକ୍ଷା ଦେଉଥିଲେ । **ମେଧାନନ୍ଦ** ଥିଲେ ତାଙ୍କର ପ୍ରିୟଶିଷ୍ୟ ।

ଠିକ୍ ଏହି ସମୟରେ ସୃଷ୍ଟି ଚକ୍ରର ଖେଳ ଆରମ୍ଭ ହୋଇଗଲା । ବ୍ରହ୍ମଙ୍କ ନିର୍ଦ୍ଦେଶରେ ମୋହିନୀମାୟା ଯୋଗମାୟାଙ୍କୁ ଆଜ୍ଞାଦେଲେ ବିଶୁଦ୍ଧାନନ୍ଦଙ୍କୁ କଠୋର ପରୀକ୍ଷାରେ ପକାଇବା ପାଇଁ । ଯୋଗମାୟା ନିଜର ଭାବାଂଶ ମଧ୍ୟରୁ ଊର୍ମାଳି ଓ ଯାମ୍ୟାଳିଙ୍କୁ ଏହି ପରୀକ୍ଷାର ଦାୟିତ୍ୱ ଅର୍ପଣ କଲେ ଓ ସ୍ୱସ୍ତିମାଳିକୁ ସେମାନଙ୍କର ସହାୟିକା ରୂପେ ନିଯୁକ୍ତ କଲେ । ଏଇଠୁ ଆରମ୍ଭ ହୋଇଗଲା ଅସଲ ନାଟକ ।

ଦିନେ ପ୍ରଭାତ ପୂର୍ବରୁ ବ୍ରାହ୍ମ ମୁହୂର୍ତ୍ତରେ ସ୍ନାନାଦି ଶୌଚକର୍ମ ସମାପନ କରିବା ପାଇଁ **ବିଶୁଦ୍ଧାନନ୍ଦ** ନଦୀତୁଠରେ ପହଞ୍ଚି ଦେଖିଲେ ଗୋଟିଏ ଛାୟାମୂର୍ତ୍ତି । 'କିଏ ? ତୁମେ ଏଠାରେ ଏହି ନିଶାନ୍ତ ପ୍ରହରରେ ?' ପଚାରିଲେ **ବିଶୁଦ୍ଧାନନ୍ଦ** । ସେ ଶୁଣିବାକୁ ପାଇଲେ ନାରୀକଣ୍ଠରେ କ୍ଷୀଣ କ୍ରନ୍ଦନ ଧ୍ୱନି । ପାଖକୁ ଯାଇ ଅସ୍ତଗାମୀ ଚନ୍ଦ୍ରର ନୀଳାଭ ଆଲୋକରେ ଦେଖିଲେ ଜଣେ ଯୁବତୀ ମଥା ପୋତି ବସି କଇଁ କଇଁ କାନ୍ଦୁଛି । **ବିଶୁଦ୍ଧାନନ୍ଦ** ନିକଟରେ ଛିଡ଼ା ହୋଇ କୋମଳ କଣ୍ଠରେ ସାନ୍ତ୍ୱନା ଦେବା ଭଙ୍ଗୀରେ ପଚାରିଲେ- 'କିଏ ତୁମେ ? କାନ୍ଦୁଛ ବା କାହିଁକି ଏହି ବ୍ରାହ୍ମ ମୁହୂର୍ତ୍ତରେ ନିର୍ଜନ ଏହି ନଦୀ ତୁଠରେ ?' ଯୁବତୀ ଗୁରୁ **ବିଶୁଦ୍ଧାନନ୍ଦଙ୍କୁ** ପ୍ରଣାମ କରି ଛିଡ଼ାହୋଇ କହିଲା- 'ମୁଁ ? ମୁଁ ଜଣେ ପ୍ରେମିକା ଯୁବତୀ । ମୋ ପ୍ରେମିକର କଥାରେ ପଡ଼ି ଘରୁ ରାତିରେ ଏକାକିନୀ ଏଠାକୁ ଆସିଥିଲି ତାଙ୍କ ସହିତ ଦୂରସ୍ଥାନକୁ ପଳାୟନ କରିବା ପାଇଁ । ଦୁର୍ଭାଗ୍ୟ ମୋର ରାତି ପାହିବାକୁ ବସିଲାଣି, ହେଲେ ତାଙ୍କର ଦେଖାନାହିଁ । କ'ଣ କରିବି ସ୍ଥିର କରି ପାରୁନାହିଁ । ଘରକୁ ଫେରି ଯାଇ ପାରିବି ନାହିଁ । ମୋତେ ଲଜ୍ଜା ଲାଗୁଛି । ହେ ମହାପୁରୁଷ ! ଆପଣ ମୋତେ ରକ୍ଷା କରନ୍ତୁ । ଆପଣଙ୍କ ପାଦତଳେ ମୋତେ ସ୍ଥାନ ଦିଅନ୍ତୁ ।' ମାୟାର ଖେଳ ଆରମ୍ଭ ହୋଇ ଯାଇଛି । ସେହି ମାୟାର ସୂକ୍ଷ୍ମ ପ୍ରଭାବରେ ପ୍ରଭାବିତ ହୋଇ ବିଶୁଦ୍ଧାନନ୍ଦ କୋମଳ କଣ୍ଠରେ କହିଲେ, 'ହଉ, ଅପେକ୍ଷା କର । ମୁଁ ସ୍ନାନାଦି କର୍ମ ସମାପନାନ୍ତେ ତର୍ପଣ କରି ସାରିବା ପରେ ଆଶ୍ରମକୁ ନେଇ ତୁମକୁ ଆଶ୍ରୟ ଦେବି ।' ଆନନ୍ଦ ଅଧୀରା ହୋଇ ଯୁବତୀ କନ୍ୟା ବିଶୁଦ୍ଧାନନ୍ଦଙ୍କର ପାଦସ୍ପର୍ଶ କରି ପ୍ରଣାମ କଲା । ଗୁରୁ ତା'ର ମସ୍ତକ ସ୍ପର୍ଶ କରି ଆଶୀର୍ବାଦ ଦେଲେ, 'ସୌଭାଗ୍ୟବତୀ ଭବ ।' ଇତି ମଧ୍ୟରେ ମାୟାର ଖେଳ ଆହୁରି ଘନୀଭୂତ ହୋଇଉଠିଥିଲା । ବ୍ରହ୍ମଚାରୀ **ବିଶୁଦ୍ଧାନନ୍ଦ ସରସ୍ୱତୀ** ଆପାଦମସ୍ତକ ତଡ଼ିତ୍ ସ୍ରୋତର ଚମକ ଅନୁଭବ କଲେ । ଯୁବତୀକୁ ଆଲିଙ୍ଗନ ପାଶରେ ଆବଦ୍ଧ କରିବା ମାତ୍ରେ, ସେହି ଯୁବତୀ **ବିଶୁଦ୍ଧାନନ୍ଦଙ୍କର** ଅଧର ଚୁମ୍ବନ କଲା । ପାଲା ଆରମ୍ଭ ହୋଇଗଲା । ମାୟାର ପ୍ରଭାବରୁ ଯୁବତୀଟି ପ୍ରତି ଆସକ୍ତ ହୋଇ ଉଠିଲେ ବ୍ରହ୍ମଚାରୀ । ସ୍ନାନାନ୍ତେ ଯୁବତୀକୁ ଧରି ଆଶ୍ରମକୁ ଫେରି ଆସି ଶିଷ୍ୟ **ମେଧାନନ୍ଦଙ୍କୁ** ଯୁବତୀଟି ପାଇଁ ଗୋଟିଏ କକ୍ଷ ଖାଲି କରିଦେବାକୁ ନିର୍ଦ୍ଦେଶ ଦେଲେ । **ସ୍ପଷ୍ଟବାଦୀ ମେଧାନନ୍ଦ** ଆପତ୍ତି କରି କହିଲା, 'କିନ୍ତୁ ଗୁରୁଦେବ ! ଗୁରୁକୁଳରେ ଯୁବତୀ କନ୍ୟା ରହିବା କ'ଣ ବିଧିସଙ୍ଗତ ? ବ୍ରହ୍ମଚାରୀ **ବିଶୁଦ୍ଧାନନ୍ଦ** ବିରକ୍ତି ପ୍ରକାଶ କରି କହିଲେ, 'ଏ ଆଶ୍ରମର ପରିଚାଳକ ମୁଁ ନା ତୁମେ ? ତୁମକୁ ଯାହା ନିର୍ଦ୍ଦେଶ ଦିଆଗଲା, ତାହା ପାଳନ କର । ତାହାହିଁ ତୁମର କର୍ତ୍ତବ୍ୟ । ଯାଅ ।' ଆଶ୍ରମରେ ସେହି ଯୁବତୀଙ୍କର ରହିବାର ସମସ୍ତ ବନ୍ଦୋବସ୍ତ ସଙ୍ଗେ ସଙ୍ଗେ ହୋଇଗଲା ।

ବିଶୁଦ୍ଧାନନ୍ଦଙ୍କର ଆସକ୍ତି ଧୀରେ ଧୀରେ ଦାନା ବାନ୍ଧିବାକୁ ଲାଗିଲା । ସ୍ନେହରେ ସେ ଯୁବତୀର ଆଶ୍ରମିକ ନାମ କରଣ କଲେ **'ସୁପ୍ରିୟା'** । ବ୍ରହ୍ମଚାରୀ ଶିଷ୍ୟଗଣଙ୍କୁ ପରାମର୍ଶ ଦେଲେ ତାକୁ **'ସୁପ୍ରିୟା ମାଆ'** ବୋଲି ସମ୍ବୋଧନ କରିବାକୁ । **ସ୍ପଷ୍ଟବାଦୀ ମେଧାନନ୍ଦ** କିନ୍ତୁ ଅନ୍ତର୍ଗତ ପ୍ରତିବାଦ ସ୍ୱରୂପ ଥରେ ହେଲେ ବି **'ସୁପ୍ରିୟା ମା'** **ବୋଲି ସମ୍ବୋଧନ** କରେ ନାହିଁ କିମ୍ବା ସେ ଯୁବତୀ ସହିତ କଥାବାର୍ତ୍ତା ମଧ୍ୟ କରେ ନାହିଁ । ଦିନକୁ ଦିନ **ସୁପ୍ରିୟା** **ବିଶୁଦ୍ଧାନନ୍ଦଙ୍କର** ନିକଟବର୍ତ୍ତୀ ହେବାକୁ ଲାଗିଲା । ସେବା ଶୁଶ୍ରୁଷାଦିରେ ଗୁରୁଜୀଙ୍କୁ ସନ୍ତୁଷ୍ଟ କରି ଗୁରୁଜୀଙ୍କ ଅନୁମତିକ୍ରମେ ଆଶ୍ରମ ପରିଚାଳନାରେ ଧୀରେ ଧୀରେ ହସ୍ତକ୍ଷେପ କରିବାକୁ ଲାଗିଲା । ଆଶ୍ରମରେ ବିଶୃଙ୍ଖଳାଜନିତ ସଙ୍କଟ ଦେଖାଦେଲା । ଏହି ସଙ୍କଟମୟ ମୁହୂର୍ତ୍ତରେ **ମେଧାନନ୍ଦ** ନିଜର ବିଶ୍ୱସ୍ତତା, ସଚ୍ଚୋଟପଣିଆ ଓ ସ୍ପଷ୍ଟବାଦିତାରୁ ଆଶ୍ରମର ଆବାସିକ ଶିଷ୍ୟଗଣଙ୍କୁ ବହୁ ଭାବରେ ରକ୍ଷା କରିବାକୁ ଉଦ୍ୟମ କରୁଥିଲା ।

**ବିଶୁଦ୍ଧାନନ୍ଦ ମେଧାନନ୍ଦର** ଅନ୍ତଃକରଣକୁ ଲକ୍ଷ୍ୟ କରି ସେ ବ୍ରହ୍ମତତ୍ତ୍ୱଜ୍ଞାନ ଶିକ୍ଷାପାଇଁ ଉପଯୁକ୍ତ ବୋଲି ଜାଣିବା ପରେ ମଧ୍ୟ **ସୁପ୍ରିୟାର** ପ୍ରରୋଚନାରେ ପଡ଼ି ଉପଯୁକ୍ତ ଶିଷ୍ୟକୁ ଉପଯୁକ୍ତ ତତ୍ତ୍ୱଜ୍ଞାନ ଦେବାରୁ ବଞ୍ଚିତ କରୁଥିଲେ । ଏଣେ **ସୁପ୍ରିୟା** ପ୍ରତି **ବିଶୁଦ୍ଧାନନ୍ଦଙ୍କର** ଆସକ୍ତି କ୍ରମଶଃ ପରିପକ୍ୱ ହୋଇ ମୋହରେ ପରିଣତ ହୋଇଯାଇଥିଲା । ତତ୍ତ୍ୱଜ୍ଞାନୀ ସାତ୍ତ୍ୱିକ ଗୁଣପରାୟଣ ଗୁରୁ ବ୍ରହ୍ମଚାରୀ **ବିଶୁଦ୍ଧାନନ୍ଦ** ସରସ୍ୱତୀ 'ତତ୍ତ୍ୱସାତ୍ତ୍ୱିକ ମୋହ'ଗ୍ରସ୍ତ ହୋଇ ସାରିଥିଲେ । ବ୍ରହ୍ମଙ୍କର ଇଚ୍ଛାନୁସାରେ ମୋହିନୀ ମାୟାର ମୋହ, ଯୋଗମାୟାଙ୍କର କଠୋର ପରୀକ୍ଷା ଓ ଭାବାଂଶ ଉର୍ମାଳି, ଯାମ୍ୟାଳି ଓ ସ୍ୱସ୍ତିମାଳିଙ୍କର ମାୟାଜାଲ ବିସ୍ତାରରୁ ରକ୍ଷା ପାଇ ପାରିଲେ ନାହିଁ **ବିଶୁଦ୍ଧାନନ୍ଦ** ସରସ୍ୱତୀ । ଗୁରୁଙ୍କର କାଳକ୍ଷେପଣ ନୀତିରେ **ମେଧାନନ୍ଦ** କ୍ରମେ ଅସନ୍ତୋଷ ପ୍ରକାଶ କରିବାକୁ ଲାଗିଲେ । **ସୁପ୍ରିୟାର** କାନକୁହାରେ ପଡ଼ି ଦିନେ ଅକସ୍ମାତ୍ ଗୁରୁ ଘୋଷଣା କରି ଜଣାଇଦେଲେ- 'ମେଧାନନ୍ଦ, ତୁମେ ଆଜି ହିଁ ଗୁରୁକୁଳ ଆଶ୍ରମ ତ୍ୟାଗ କର । ଏଠାରେ ତୁମର ଆଉ ସ୍ଥାନ ନାହିଁ । ତୁମେ ଇଚ୍ଛା କଲେ, ଅନ୍ୟ ଗୁରୁ ଗ୍ରହଣ କରି ତାଙ୍କ ତତ୍ତ୍ୱାବଧାନରେ ତୁମର ସାଧନକ୍ରିୟା ଚଳାଇନେଇ ପାର, ନଚେତ୍ ସ୍ୱଗୃହକୁ ଯାଇ ସଂସାରୀ ହୋଇପାର । ତାହା ତୁମ ନିଜସ୍ୱ ଇଚ୍ଛା ଉପରେ ନିର୍ଭର କରେ ।'

ମୋହଗ୍ରସ୍ତ ଗୁରୁଙ୍କର ବିଚାରବିଭ୍ରାଟ ହେତୁ କ୍ରମେ ଗୁରୁକୁଳରୁ ଶିଷ୍ୟମାନେ ଜଣକ ପରେ ଜଣେ ବିଦାୟ ନେବାକୁ ଲାଗିଲେ । ଘୋର ଅବ୍ୟବସ୍ଥା ମଧ୍ୟରେ ଗୁରୁକୁଳ ଓ ଆଶ୍ରମ ପରିଚାଳନା କ୍ରମଶଃ ଦୁଃସହ ହୋଇ ଉଠିଲା । ଅକସ୍ମାତ୍ ଅଚାନକ ଭାବରେ ଦିନେ ସଂଧ୍ୟାରେ **ସୁପ୍ରିୟାର** ପୂର୍ବପ୍ରେମିକ ସେଠାରେ ପହଞ୍ଚି ବ୍ରହ୍ମଚାରୀ ବିଶୁଦ୍ଧାନନ୍ଦ ସରସ୍ୱତୀଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି **ସୁପ୍ରିୟାକୁ** ସାଥିରେ ନେଇ ବାହୁଡ଼ିଗଲା ।

ବ୍ରହ୍ମଙ୍କ ଇଚ୍ଛାରୁ ମାୟା ନାଟକର ଯବନିକା ପାତ ହେଲା । ବ୍ରହ୍ମଚାରୀ ପଶ୍ଚାତ୍ତାପ ଓ ଅନୁତାପରେ ମ୍ରିୟମାଣ ହୋଇଗଲେ । ତାଙ୍କର ମାୟାମୋହର ସୁନେଲି ସ୍ୱପ୍ନ ତୁଟିଗଲା । ଅତୀତକୁ ରୋମନ୍ଥନ କରି ସେ ନିଜକୁ ନିଜେ ଧିକ୍କାର କଲେ, ଲଜ୍ଜିତ ହେଲେ । 'ସତରେ କ'ଣ ଘଟିଗଲା ଏସବୁ ! କିଏ ଏଥିପାଇଁ ଦାୟୀ ? ସୁପ୍ରିୟା ? ମେଧାନନ୍ଦ ! ନା ସେ ନିଜେ ? ଅଦୃଷ୍ଟର ଖେଳ ହିଁ ବଳବାନ । ଜଗତ୍‌ପତି ପରାତ୍ପର ପରମ ପୁରୁଷଙ୍କର ଇଚ୍ଛା ହିଁ ବଳବତୀ'— ସ୍ୱଗତୋକ୍ତି କରୁଥିଲେ **ବିଶୁଦ୍ଧାନନ୍ଦ** ସରସ୍ୱତୀ ।

ପୁଣି ନିଜର ବିଶୁଦ୍ଧ ବୁଦ୍ଧି, ଚିତ୍ତ, ଚେତା, ହେତୁ, ଚୈତନ୍ୟ ଓ ଜ୍ଞାନକୁ ପୁନରୁଜ୍ଜୀବିତ କରି ସେ ଆଶ୍ରମର ପୁନର୍ଗଠନ କଲେ, ଗୁରୁକୁଳରେ ଲାଗିଗଲା ଶିଷ୍ୟମାନଙ୍କର ଗହଳି । ହସି ଉଠିଲା ଆଶ୍ରମ କାନନ-ତପୋବନ । ଯୋଗ ଶିକ୍ଷା, ତତ୍ତ୍ୱଜ୍ଞାନ ଅଧ୍ୟାପନା, ବେଦଧ୍ୱନିରେ ଆଶ୍ରମର ଗଗନ ପବନ ମୁଖରିତ ହେଲା । ଜଗତ କଲ୍ୟାଣକର, ଜନ ହିତକର, ସମାଜ ମଙ୍ଗଳକର କାର୍ଯ୍ୟରେ ପୂର୍ଣ୍ଣ ମନପ୍ରାଣ ହୃଦୟରେ ଗୁରୁ ବ୍ରହ୍ମଚାରୀ **ବିଶୁଦ୍ଧାନନ୍ଦ** ସରସ୍ୱତୀ ମହାରାଜ ନିଜକୁ ନିଜ ଶିଷ୍ୟମଣ୍ଡଳୀକୁ ନିୟୋଜିତ କଲେ ।। (କ୍ରମଶଃ)

○○○



## ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ

## ନାରୀ ହିଁ ପ୍ରକୃତି

ପୁରୁଷ ପ୍ରକୃତି ବେନି ଭାବେ ଖେଳେ ଏକ ବ୍ରହ୍ମ ସବୁ ଠାଇଁ
ତେଜବୀର୍ଯ୍ୟଶୌର୍ଯ୍ୟ ସ୍ନେହ ଶ୍ରଦ୍ଧା ପ୍ରେମ ଲୀଳା ସଂରଚନ ପାଇଁ ।।
ପ୍ରକୃତିର ରୂପ ହ୍ଲାଦିନୀ, ମାୟାର ସ୍ୱରୂପ ମୋହିନୀ ହୋଇ
ସବୁରି ମଧରେ ଲୀଳାଖେଳାକରେ ନିରାକାର ବ୍ରହ୍ମ ସେଇ ।।

*ବିଚିତ୍ର ଏ ସୃଷ୍ଟି । ସ୍ରଷ୍ଟା ତା'ର ତହୁଁ ବିଚିତ୍ର । ସକଳ ବିଚିତ୍ରତା ମଧରେ ଆହୁରି ବିଚିତ୍ର ପ୍ରକୃତି, ମାୟା, ମୋହ, ମମତାର ମୂର୍ତ୍ତିମନ୍ତ ବିଗ୍ରହ ନାରୀ । ପ୍ରକୃତରେ ନାରୀ =ନ + ଅରୀ । ବ୍ରହ୍ମଙ୍କର ଅପ୍ରାକୃତିକ ଇଚ୍ଛାରୁ ପ୍ରକୃତି ସ୍ୱରୂପା ନାରୀର ଅରୀ ହିଁ କେହି ନାହାନ୍ତି, କେହି ତା'ରଶତ୍ରୁ ହୋଇ ପାରନ୍ତି ନାହିଁ । ମାୟା ଶକ୍ତିରେ ସେ ଶକ୍ତିଶାଳିନୀ । ମାୟା ଜାଲରେ ସେ ବାନ୍ଧି ପାରିଛି ଏ ବିଶ୍ୱ ସୃଷ୍ଟିକୁ । ତା'ର ବନ୍ଧନରୁ ମୁକୁଳି ଯାଇଚି, ଏଭଳି ଶକ୍ତିଧର କିଏ ଜନ୍ମିଛି ଏ ସସାଗରା ଧରାରେ ? ମାଆ ରୂପରେ ସନ୍ତାନକୁ, ଜାୟା ରୂପରେ ପତିଙ୍କୁ, ଭଗ୍ନୀ ରୂପରେ ଭାଇକୁ, କନ୍ୟାରୂପରେ ପିତାଙ୍କୁ ସେ ସ୍ନେହ, ମମତା, କରୁଣା, ପ୍ରେମର ଆଦି ବନ୍ଧନରେ ବାନ୍ଧି ରଖିଛି । ଏହାହିଁ ତ ମାୟା ! ଏହାହିଁ ତ ପ୍ରକୃତି !! ଏହାହିଁ ତ ନାରୀର ସ୍ୱରୂପ !!!*

'ଚରମ' : ସପ୍ତମ ପୁଷ୍ପ : ତୃତୀୟ ପାଖୁଡ଼ା : ଚତୁଃତ୍ରିଂଶତମ ସଂଖ୍ୟାର ଅନୁସ୍ମୃତିରୁ :

(୧) ବୈଷ୍ଣବୀ ମାୟା :

### ଭାବାଂଶ

(୪) କୁକୁଞ୍ଜନା ମାୟା :

ମୋହିନୀ ମାୟାର ପ୍ରଥମ ରୂପ ବୈଷ୍ଣବୀ ମାୟା ଏବଂ ବୈଷ୍ଣବୀ ମାୟାର ଚତୁର୍ଥ ଭାବାଂଶ କୁକୁଞ୍ଜନା ମାୟା । ମହାଶୂନ୍ୟର ବ୍ରହ୍ମ କୈଟଭ କକ୍ଷରେ କୁକୁଞ୍ଜନା ମାୟା ଇଚ୍ଛାମତେ ରୂପ ଧାରଣ କରେ । ଏହାର ବର୍ଣ୍ଣ ଲାଲ । ଆକାରରେ ଲମ୍ବାକୃତି । ତେଣୁ ଏହା ସୂକ୍ଷ୍ମ ଜଗତ ପର୍ଯ୍ୟନ୍ତ ବିସ୍ତୃତ । ସୂକ୍ଷ୍ମ ଜଗତରେ ଏହା ଧୂମ୍ରାଭ ରୂପ ଧାରଣ କରେ । ପ୍ରକୃତିର କାୟା ବିସ୍ତାର ପରି କୁକୁଞ୍ଜନା ମାୟା ସୂକ୍ଷ୍ମରେ ବିସ୍ତାର ଲାଭ କରେ । ଏହାର ଅବୟବ ୪ଧଳ ସଂପୂର୍ଣ୍ଣ ନାରୀ ଅବୟବ ଭଳି । ଲମ୍ବିତ କୁଞ୍ଚିତ ନୀଳ କେଶରାଶି ଆଜାନୁ ଲମ୍ବିତ । ସୁନ୍ଦର ରୂପ ଶୋଭା । ଚମ୍ପା କଢ଼ି ପରି ହାତର ଆଙ୍ଗୁଳି । ଦନ୍ତପଙ୍କ୍ତି ଡାଳିମ୍ବ ମଞ୍ଜି ଭଳି । ନୀଳ ଆଖି ଦୁଇଟି ପଦ୍ମପାଖୁଡ଼ା ପରି । ନୀଳ ଚକ୍ଷୁଦ୍ୱୟରୁ ରକ୍ତବର୍ଣ୍ଣର ରଶ୍ମି ନିର୍ଗତ ହେଉଥାଏ । ସେହି ରଶ୍ମି ସକଳ ଡ଼ିମ୍ବାକୃତି ହୋଇ ଅନେକ ବ୍ରହ୍ମପିଣ୍ଡରେ ପରିଣତ ହୋଇଯାଏ । ବ୍ରହ୍ମଶାବକ ଗୁଡ଼ିକୁ ସଙ୍ଗରେ ଧରି କୁକୁଞ୍ଜନା ମାୟା ବ୍ରହ୍ମାଣ୍ଡ ଦ୍ୱାରରେ ଘୁରି ବୁଲୁଥାଏ । କୁକୁଞ୍ଜନା ମାୟାର ଘୂର୍ଣ୍ଣନ ଅବସ୍ଥାକୁ ଲୟ ରଖି ବ୍ରହ୍ମଗୁଣ ପିଣ୍ଡଗୁଡ଼ିକୁ ପୁନଶ୍ଚ ଏହି ମାୟା ଶରୀରରେ ମିଶିଯାଇ ନିଜ ନିଜରଅସ୍ତିତ୍ୱ ହରାଇ ବସନ୍ତି । କୁକୁଞ୍ଜନା ମାୟା

ଶରୀରରେ ବ୍ରହ୍ମଗୁଣ ପିଣ୍ଡଗୁଡ଼ିକ ମିଶିଯିବା ପରେ ବ୍ରହ୍ମ ଯେପରି କୋଟିଏ ସୂର୍ଯ୍ୟର ତେଜ ବିସ୍ତାର କରେ, ସେହିପରି ଏହି ମାୟା ସେତିକି ତେଜରେ କାୟା ବିସ୍ତାର କରେ ଓ ସେହି ତେଜ କଣ୍ଟାୟୁକ୍ତ ରେଖା ଗ୍ରହଣ କରେ । ଏହି କଣ୍ଟାୟୁକ୍ତ ରେଖାଗୁଡ଼ିକ ଦେଖିବାକୁ ନୀଳବର୍ଣ୍ଣ । ବ୍ରହ୍ମ ବ୍ରହ୍ମାଣ୍ଡ ସର୍ଜନା କରିବା ସମୟରେ ପ୍ରକୃତି ମାୟାର ଭାବ ଗ୍ରହଣ କରେ । ଏହି ସୂକ୍ଷ୍ମଭାବ ସମୂହ ଷୋଡ଼ିଶ ଆକୃତି ବିଶିଷ୍ଟ ହୋଇ ଦେଖାଯାଉଥାଆନ୍ତି । ଏଗୁଡ଼ିକ ଲାଲବର୍ଣ୍ଣର ଓ ଆକାର ଆକୃତିରେ ଚକ୍ରାକାର ଅଟନ୍ତି । କୁକୁଞ୍ଜନା ମାୟା ପ୍ରତ୍ୟେକ ବ୍ରହ୍ମାଣ୍ଡରେ ବିଚରଣ କରେ । ପ୍ରତ୍ୟେକ ବ୍ରହ୍ମାଣ୍ଡ ସର୍ଜନା ପରେ କୁକୁଞ୍ଜନା ମାୟା ସେହି ବ୍ରହ୍ମାଣ୍ଡରେ ବିଚରଣ କରି ଦୃଢ଼ ସଂକଳ୍ପ ବଦ୍ଧ ଭାବକୁ ସ୍ତମ୍ଭ ସଦୃଶ ପ୍ରକାଶ କରି ଇଚ୍ଛାମତେ ଝୁଲାଇବାକୁ ଚାହେଁ । ନୀଳବର୍ଣ୍ଣ ଧାରଣ କରି ଏହିଁ ସଂକଳ୍ପ ସ୍ତମ୍ଭ କୋଟିକୋଟି ସଂଖ୍ୟାରେ ଠିଆ ହୋଇଯାଆନ୍ତି । ଗୃହନିର୍ମାଣ ପାଇଁ ଯେପରି ଖମ୍ବର ଆବଶ୍ୟକ ପଡ଼େ, ସେହିପରି କୁକୁଞ୍ଜନା ମାୟାଦ୍ୱାରା ସ୍ତମ୍ଭ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୁଏ । ଏହାଦ୍ୱାରା ମାୟା କାୟା ବିସ୍ତାର କରିବା ଆରମ୍ଭ କରେ । ସମୟ ସମୟରେ ଏହି ସଂକଳ୍ପ ସ୍ତମ୍ଭଗୁଡ଼ିକ ଚମତ୍କପ୍ରଦ ଧ୍ୱନି ଦିଅନ୍ତି । ଏହି ଧ୍ୱନି ଦେବା ସମୟରେ ସହସ୍ରାଂଶୁର ଆଲୋକର ତେଜ ଦେଖାଯାଏ । ଏହି ସହସ୍ରାଂଶୁର ତେଜ ବୈଷ୍ଣବୀ ମାୟାର ଚକ୍ଷୁଦ୍ୱୟରୁ ସୃଷ୍ଟି ହୋଇଥାଏ । ବୈଷ୍ଣବୀ ମାୟାଙ୍କ ଚକ୍ଷୁଦ୍ୱୟରୁ ଏହି ତେଜ ସୃଷ୍ଟି ହେବା ସମୟରେ ବ୍ରହ୍ମଙ୍କ ଚାରିପାଖରେ ସମାନ ଚିହ୍ନ (=) ଭଳି ଅସଂଖ୍ୟ ରେଖାପାତ ହୁଏ । ଏହି ସଂକେତରୁ ବ୍ରହ୍ମ ବୈଷ୍ଣବୀଙ୍କୁ ଆଦେଶ ଦେବା ସୂଚନା ମିଳେ ।

ବୈଷ୍ଣବୀ ମାୟା ଯେଉଁ ସବୁ ଭାବଅଂଶ ନେଇ ଖେଳ ଖେଳୁଚି, ସେସବୁ ଭାବଅଂଶର ଇଙ୍ଗିତ ପୁଞ୍ଜପୁଞ୍ଜ ଆଲୋକ (ଜ୍ୟୋତିଃ) ବିନ୍ଦୁ ଭଳି । ଏହି ପୁଞ୍ଜ ପୁଞ୍ଜ ଜ୍ୟୋତିଃବିନ୍ଦୁରୁ ଭାବ ଅଂଶ ମାୟା ବୈଷ୍ଣବୀମାୟାର ଆଦେଶକୁ ଇଙ୍ଗିତ ଦ୍ୱାରା ଜାଣିପାରେ । ବୈଷ୍ଣବୀ ମାୟାର ହାତରୁ ଆଲୋକ ରଶ୍ମି ଲଞ୍ଜା ଭଳି କୁକୁଞ୍ଜନା ମାୟା ଆଡ଼କୁ ଗତିକରେ । ଏହି ଲଞ୍ଜାକୃତି ଆଲୋକ ରଶ୍ମିର ବିସ୍ତାରରୁ ବୈଷ୍ଣବୀମାୟାର ଛତିଶଭାବାଂଶ ଜ୍ଞାନଶକ୍ତିର ଆଦେଶାନୁବଦ୍ଧ ସଚେତନ ହୋଇଯାଆନ୍ତି । ବୈଷ୍ଣବୀଙ୍କୁ ବ୍ରହ୍ମଙ୍କର ଆଦେଶ ଏବଂ ଛତିଶ (୩୬) ଭାବାଂଶକୁ ବୈଷ୍ଣବୀଙ୍କର ଆଦେଶ ଓ ଚେତାବନୀ ସମାନ୍ତରାଳ ଭାବରେ ବ୍ରହ୍ମାଣ୍ଡରେ ଗତି କରୁଥାଏ । ବୈଷ୍ଣବୀଙ୍କର ଚତୁର୍ଭୁଜା ରୂପ । ବୈଷ୍ଣବୀଙ୍କର ପ୍ରତ୍ୟେକ ମାୟା ଲାଲ ବର୍ଣ୍ଣ । ମାତ୍ର ଭାବାଂଶ ମାୟାଗୁଡ଼ିକରେ ଏହା ଧୂମବର୍ଣ୍ଣ ହୋଇଯାଏ । ବୈଷ୍ଣବୀର ଏହି ଅବସ୍ଥା ହିଁ 'ବିଶ୍ୱରୂପା' ଅବସ୍ଥା । ବୈଷ୍ଣବୀର 'ବିଶ୍ୱରୂପା' ଅବସ୍ଥାର ରୂପକୁ ଭାବାଂଶ ମାୟାଗୁଡ଼ିକ ଭୟ କରନ୍ତି । ଭୟରେ ବୈଷ୍ଣବୀର ପାଦତଳକୁ ଚାଲି ଯାଆନ୍ତି । ସେଠାରେ ନୀଳବର୍ଣ୍ଣ ଆଲୋକପିଣ୍ଡ ହୋଇ ଆଶ୍ରୟ ନିଅନ୍ତି । ବୈଷ୍ଣବୀର ଜ୍ୟୋତିଃ ବିଦ୍ୟୁତ୍ ଛଟା ଭଳି ଏବଂ ରୂପ ପ୍ରଜ୍ୱଳିତ ଅଗ୍ନିଭଳି । ବୈଷ୍ଣବୀର 'ବିଶ୍ୱରୂପା' ରୂପପ୍ରାପ୍ତି ଅବସ୍ଥାରେବୈଷ୍ଣବୀଙ୍କ ପ୍ରତି ବ୍ରହ୍ମଙ୍କର କଠୋର ଆଦେଶ ଥାଏ । ବୈଷ୍ଣବୀ ସେହି ଆଦେଶ ପାଳନ କରି ପ୍ରଜ୍ୱଳିତ ଅଗ୍ନିତୁଲ୍ୟ ରୂପଧରି ଅନେକ ମାୟାରୂପ ସୃଷ୍ଟିକରେ ଓ ପୁଣି କାର୍ଯ୍ୟଶେଷରେ ସେଗୁଡ଼ିକ ଲୀନ କରାଏ । କେବଳ ଛତିଶ (୩୬) ଭାବାଂଶ ମାୟାଙ୍କୁ ସକ୍ରିୟ ରଖି ଅନ୍ୟ ମାୟା ରୂପଗୁଡ଼ିକ ନିଜର ଜ୍ୱଳନ୍ତ ଅଗ୍ନିରେ ଲୀନ କରିଦିଏ । ଏକଶତ ଆଠ ସୂର୍ଯ୍ୟଙ୍କର ତେଜ ଅଗ୍ନି ଏକତ୍ର ହେଲେ ଯେଉଁ ପ୍ରକାର ଅଗ୍ନି ପିଣ୍ଡ ସୃଷ୍ଟି ହେବ, ସେହିପରି ତେଜସ୍ୱିୟ ଅଗ୍ନି ତୁଲ୍ୟ ବୈଷ୍ଣବୀର 'ବହୁରୂପା' ବିଗ୍ରହ ।

ମାୟାଦେବୀ ମଣ୍ଡଳ ବିଭାଗୀୟ । ପର୍ଯ୍ୟାୟକ୍ରମରେ ଏହା ବିଶାଳ ଆକୃତିର ହରିଦ୍ରା ରଶ୍ମି ଦ୍ୱାରା ନିଜର ସ୍ଥିତି ବଜାୟ ରଖେ । ଯେଉଁ ମୁହୂର୍ତ୍ତରେ ପ୍ରକୃତିଦେବୀଙ୍କ ସହିତ ମାୟା ଦେବୀଙ୍କର ଭେଟ ହୁଏ, ସେହି ଦର୍ଶନ ତତ୍ତ୍ୱରେ ମାୟାଦେବୀ ବ୍ରହ୍ମ ସ୍ୱରୂପା ହୋଇ ଦେଖା ଦିଅନ୍ତି । ଭାବ, ଜ୍ଞାନ, ଭକ୍ତି, ଚୈତନ୍ୟାଦି ଯାହାସବୁ ଜ୍ଞାନଦେବୀଙ୍କ ଦ୍ୱାରା ପ୍ରାପ୍ତ ହୁଏ, ଭକ୍ତ ତାହାହିଁ ଗ୍ରହଣ କରିଥାଆନ୍ତି ।

କୁକୁଞ୍ଜନା ମାୟାର ମହାଶୂନ୍ୟରେ ସପ୍ତରଙ୍ଗର ଲୀଳାଖେଳା ହୁଏ । ସପ୍ତରଂଗରୁ ଶକ୍ତିମାନେ ବ୍ରହ୍ମଙ୍କର ଇଚ୍ଛାନୁସାରେ ଭିନ୍ନଭିନ୍ନ ରୂପ ଗ୍ରହଣ କରି ଥାଆନ୍ତି । ଶକ୍ତିମାନେ ରୂପନେବା ପରେ ପରେ ସେମାନଙ୍କର ରକ୍ଷାକର୍ତ୍ରୀ

କୁକୁଞ୍ଜନା ମାୟା ସେମାନଙ୍କୁ ନିଜ ଆୟତ୍ତକୁ ନେଇଆସେ । ବିଦ୍ୟୁତ୍ (ବିଜୁଳି) ଝଲକର ହଳଦିଆ ବଳୟ ଦୈବାତ୍ ଶକ୍ତିଭଳି ପୂର୍ବରୁ ସୃଷ୍ଟି ହୋଇ ରହିଅଛି । କୁକୁଞ୍ଜନା ମାୟା ଶକ୍ତିଗୁଡ଼ିକୁ ଆୟତ୍ତକୁ ଆଣି ସେହି ବଳୟ ମଧ୍ୟକୁ ପ୍ରତ୍ୟାବର୍ତ୍ତନ କରେ ।

ପ୍ରତ୍ୟେକ ଦେବୀ ତାଙ୍କର ସହଚରୀମାନଙ୍କୁ ଧରି ନୀଳ, ଗୈରିକ, ହରିଦ୍ରା, ଶ୍ୟାମଳାଦି ବର୍ଣ୍ଣରେ ଶକ୍ତିର ଅଧିକାର ନେଇ ମହାଶୂନ୍ୟରେ ଭାସମାନ ଅବସ୍ଥାରେ ଥାଆନ୍ତି । କୁକୁଞ୍ଜନା ମାୟାର ଗୋଟିଏ ଶକ୍ତି କୁକ୍ଷୁଝ୍ୟ ଶକ୍ତି । ଏହା ଦେଖିବାକୁ ରକ୍ତବର୍ଣ୍ଣ (ଲାଲ) ସୂର୍ଯ୍ୟଭଳି । କୁକୁଞ୍ଜନା ମାୟାର ଏହି କୁକ୍ଷୁଝ୍ୟ ଶକ୍ତି ମଧ୍ୟରେଦେବୀମାନେ ଶକ୍ତିର ଅଧିକାର ନେଇ ଗୋପନରେ ଲୁଚି ରହିଥାନ୍ତି । ଏହି ଅବସ୍ଥାରେ କୁକୁଞ୍ଜନା ମାୟା ନିଜର ସୀମା ଓ କର୍ମ ପରିସର ମଧ୍ୟରେ ଗୁପ୍ତରେ ରହି ବ୍ରହ୍ମାଣ୍ଡର ମାୟାକୁ ନିଜ ଦୃଷ୍ଟି ପଥରେ ଆଣେ । ଏହି କାର୍ଯ୍ୟରେ ଖିଲାପ ରହିଲେ, ବ୍ରହ୍ମ ନିଜେ ଇଚ୍ଛା କରି ମାୟାକୁ ଦୂରେଇ ଦିଅନ୍ତି । ମାୟା ଦୂରେଇ ଯିବା ପରେ ସ୍ୱୟଂ ବ୍ରହ୍ମ ଆପେ କର୍ତ୍ତୃତ୍ୱ ଜାହିର୍ କରନ୍ତି । ଏହାହିଁ ହେଉଛି ମାୟା ପ୍ରକୃତି ବ୍ରହ୍ମଙ୍କର ଦଣ୍ଡାଦେଶ । ଯେଉଁଦିନ ମାୟା ଧାରଣ କରିଥିବା ବର୍ଣ୍ଣର ବଳୟ ଉପରେ ବୟାଳିଶ ଗୋଟି ଲାଲ ଆଲୋକ ରେଖା ଅଙ୍କିତ ହେବ, ସେହିଦିନ ମାୟା ଦଣ୍ଡାଦେଶରୁ ମୁକ୍ତ ହୋଇ ପୁଣି ପୂର୍ବପରି କାର୍ଯ୍ୟ କରିଚାଲିବ । ଦଣ୍ଡରୁ ମୁକ୍ତି ପାଇବା ପରେ ମାୟା ପୁନର୍ବାର ଯଥାସ୍ଥାନକୁ ଚାଲି ଆସି ପୂର୍ବଭଳି କାର୍ଯ୍ୟର ଦାୟିତ୍ୱ ବହନ କରି ତୁଲାଇବ ।

ମର୍ତ୍ତ୍ୟଧାମରେ ଯେଉଁ ସାଧକ ସିଦ୍ଧିଲାଭ କରିବାପରେ ଦର୍ଶନ ଲାଭ କରନ୍ତି, ସେହି ସମୟରେ କୁକୁଞ୍ଜନା ମାୟାର ଦୁଇହଜାର ବତ୍ରିଶ (୨୦୩୨)ଟି ଧବଳବର୍ଣ୍ଣ ଗୋଲାକାର ଆକୃତି ବିଶିଷ୍ଟ ସ୍ଫଟିକ ସ୍ୱଚ୍ଛଜ୍ୟୋତିଃ ପିଣ୍ଡ ଦେବୀଶକ୍ତିର ଚତୁଃପାର୍ଶ୍ୱରେ ଘୁରିବୁଲନ୍ତି । ଘୂର୍ଣ୍ଣନ ଅବସ୍ଥାରେ ଯଦି ସାଧକର ଜ୍ଞାନପ୍ରାପ୍ତି ହୁଏ ତେବେ ଦେବୀଶକ୍ତିର ଜ୍ୟୋତିର୍ମୟ ରୂପ ମଧ୍ୟରେ ସବୁଜବର୍ଣ୍ଣର ରଶ୍ମିରେଖା ଦେଖାଯିବ । ସାଧକ ଅନୁଭବ କରିବ ଯେ, ତାହାର ପ୍ରକୃତ ଜ୍ଞାନପ୍ରାପ୍ତି ହେଲା । ଏହି ଅବସ୍ଥାକୁ ଆଶିଷ ପ୍ରଦାନ କୁହାଯାଏ । ଏସବୁ ବୈଷ୍ଣବୀମାୟାରଅଧିକାର ଅନ୍ତର୍ଭୁକ୍ତ । ଭାବାଂଶରେ କୁକୁଞ୍ଜନା ମାୟା ଲୀଳା ସୃଷ୍ଟିକରେ । ଆଦେଶାନୁସାରେ ବୈଷ୍ଣବୀ ରୂପର ଚତୁସ୍ପାର୍ଶ୍ୱରେ ମାୟାବଳୟ ସୃଷ୍ଟିକରେ । କାରଣ ବୈଷ୍ଣବୀ ଯେତେବେଳେ ବହୁରୂପା ହୁଏ, ସେ ସମୟରେ ଆୟୁଧତକ ସୃଷ୍ଟିକରେ । ଏହା ବ୍ରହ୍ମାଙ୍କର ଆଦେଶ ଅନୁଯାୟୀ କାର୍ଯ୍ୟକାରୀ ହୋଇଥାଏ । କୁକୁଞ୍ଜନା ମାୟା ସହସ୍ରଭୁଜା ଆୟୁଧମାନ ଆଲୋକ ସଜ୍ଜା ଦ୍ୱାରା ଗଚ୍ଛିତ କରି ରଖିଥାଏ । ଆବଶ୍ୟକତା ଅନୁଯାୟୀ ଆୟୁଧମାନ ତିଆରି ହୋଇ ଆଲୋକସଜ୍ଜା ମଧ୍ୟରେ ଛପି ରହିଯାଏ । ଏହି ଆୟୁଧର ଗଚ୍ଛିତ ମଣ୍ଡଳ ଗୃହକୁ 'ବର୍ଣ୍ଣବଜ୍ରାୟୁଧ ଗୃହ' କୁହାଯାଏ । (କ୍ରମଶଃ) ॥

○○○

ଦେଖେଇ ହୋଇବା ପଣରେ
ସମସ୍ତଙ୍କୁ ବଳିଲୁ,
ଆପଣା ବଡ଼ିମା ସଜେଇ
ଅହଂ ପଥେ ଚଳିଲୁ ।
ଗୁରୁ ଲଘୁ ଜ୍ଞାନ ହଜେଇ
ଦେଲୁ ଦୂରେଇ ଗଲୁ,
ତଥାପି ଛଳନା କରୁଛୁ
ତଳକୁ ତୁ ଖସିଲୁ ॥

# ବାଲ୍ୟକାଳୁ ଧର୍ମଧନ ସଞ୍ଚିବି

ଦେଇଛି ଜୀବନ ବନ୍ଧୁ ପରିଜନ
ଦେଇଅଛି ସବୁ ସେହି
ଜଗତ କରତା ଭାଗ୍ୟର ବିଧାତା
ସେହି ଏହାସିନା ବିହି ॥

ହାତଧରି ସିଏ ପଥ ବାହିନିଏ
ଚଳାଇ ସଂସାର ପଥେ
ତା'ପାଦରେ ମଥା ନତ କରି ତୋର
ତୋଳ ପଦରେଣୁ ମାଥେ ॥

ବିଶ୍ୱବକ୍ଷରେ ଶିଶୁ, କିଶୋରକିଶୋରୀ ମାନଙ୍କର ସ୍ଥାନ ସ୍ୱତନ୍ତ୍ର । କଅଁଳ ଶିଶୁର ଓଠରେ ଟେନାଟିଏ ହସ କାହା ମନପ୍ରାଣ ହରଣ କରି ନନିଏ ସତେ ! ଶିଶୁ କଣ୍ଠର ତୋତଟି ଭାଷାରେ ସତେ ଯେପରି ଅମୃତବୋଳା ହୋଇଯାଇଛି ! ଟିକିଟିକି ଆଖିର ନରମ ଚାହାଁଣିରେ ଭରି ରହିଛି ସତେ ଯେପରି କେତେ ଯୁଗଯୁଗର ନୀରବ ଭାଷା ଆଉ ଭାବର ଛଟା ! ଶିଶୁ ପ୍ରାଣରେ ଦେବାବତରଣ ହିଁ ହୋଇଥାଏ । ପରିବାର, ସଂସାର, ସମାଜର ମୋହରେ ଧିରେ ଧିରେ ବାନ୍ଧି ହୋଇଯାଏ ନିଷ୍ପାପ ଶିଶୁପ୍ରାଣ । କେହି କେବେ କ'ଣ ବାସ୍ତବଭାବରେ କିଛି ବ୍ୟବସ୍ଥା କରିଥାଏ ଏହି ନିଷ୍ପାପ ଶିଶୁ ସନ୍ତାନକୁ ପାପପଙ୍କରୁ ଦୂରରେ ରଖି କୈବଲ୍ୟ ପ୍ରାପ୍ତିପଥରେ ଆଗେଇ ନେବା ପାଇଁ? ଏହାହିଁ ଆମର ଦୁର୍ଭାଗ୍ୟ । 'ଚରମ' ପୃଷ୍ଠାରେ ଶିଶୁବାଳକ ବାଳିକା, କିଶୋର କିଶୋରୀମାନଙ୍କୁ ଯଥାର୍ଥ ପଥନିର୍ଦ୍ଦେଶ କରିବା ପାଇଁ ଆମର ଏହି କ୍ଷୁଦ୍ର ନଗଣ୍ୟ ଉଦ୍ୟମ ମାତ୍ର । ସେହି ଦେବ ଶିଶୁମାନଙ୍କର କୋମଳ କରପତ୍ରରେ ଆମର ଉପହାର -

'ଚରମ' : ସପ୍ତମ ପୁଷ୍ପ : ତୃତୀୟ ପାଖୁଡ଼ା : ଚତୁଃତ୍ରିଂଶତ୍ତମ (୩୪ଶ) ସଂଖ୍ୟାର ଅନୁସ୍ମୃତିରୁ :

## ଦେବଶିଶୁ ସୁଧାନନ୍ଦ

ଗୁରୁ ଅମେଧାନନ୍ଦ ଶୂନ୍ୟବାଣୀକୁ ସମ୍ମାନ ଜଣାଇ ଶିଷ୍ୟ ସୁଧାନନ୍ଦ ଉପରେ ଆଶ୍ରମର ଦାୟିତ୍ୱ ନ୍ୟସ୍ତ କରି ସମସ୍ତଙ୍କୁ ଖୋଲା ଆଶୀର୍ବାଦ ଦେଇ ଏକୋଇଶ ବର୍ଷ ପାଇଁ ଆଶ୍ରମ ଛାଡ଼ିଲେ । ପାଦରେ କାଠର କଠୋଉ, ଶରୀରରେ ଗୈରିକ ବସ୍ତ୍ର, କାନ୍ଧରେ ଝୁଲାମୁଣି, କପାଳରେ ଚନ୍ଦନ ଓ ସିନ୍ଦୁରର ଟିପା, ଧଳା ଶ୍ମଶ୍ରୁ, ଧଳାକେଶ । ପାଦେ ପାଦେ ଆଗେଇ ଚାଲିଲେ ଅମେଧାନନ୍ଦ । ଅଶ୍ରୁଳ ନୟନରେ ଅନେଇ ରହିଥାନ୍ତି ସୁଧାନନ୍ଦ ଓ ଆଶ୍ରମର ଆବାସିକ ବାଳକଗଣ । ସବୁଜ ବନଲତାର ଅନ୍ତରାଳରେ ଅଦୃଶ୍ୟ ହୋଇଗଲେ ଅମେଧାନନ୍ଦ । ପଛରେ ରହିଗଲା ତାଙ୍କର ପ୍ରିୟ ତପୋବନ, ତପୋବନ ମଧ୍ୟରେ ଗୁରୁକୁଳ ଆଶ୍ରମ ଓ ଆଶ୍ରମର ବାଳକ ଶିଷ୍ୟଗଣ । ଆଗକୁ ଆଗକୁ କ୍ରମଶଃ ଏକଲୟରେ ଆଗେଇ ଚାଲିଛନ୍ତି ଗୁରୁ ଅମେଧାନନ୍ଦ । ଦୀର୍ଘ ପାଦପାତରେ କାଠ କଠୋଉର ଆଘାତ ସୃଷ୍ଟି କରୁଛି ଐକତାନିକ ଶବ୍ଦ । ବନଭୂମି ପ୍ରକମ୍ପିତ ହେଉଛି ସେ ଶବ୍ଦରେ ।

ସକାଳୁଆ ଚୈତ୍ର ପବନ ସୁଶୀତଳ ବୋଧ ହେଉଥିଲା । ନାନାପ୍ରକାର ବନଫୁଲର ମହକରେ ମହକି ଉଠିଥିଲା ବନଭୂମି । ବିଭିନ୍ନ ଜାତିର ପକ୍ଷୀଙ୍କର କଳରବ ବନଭୂମିକୁ ମୁଖରିତ କରିଥିଲା । ଯଥାକାଳରେ ସୂର୍ଯ୍ୟଦେବ ଉଦୟ ହେଲେ । ସୂର୍ଯ୍ୟଙ୍କର ସୁନେଲି କିରଣ ସ୍ପର୍ଶରେ ବନର ବୃକ୍ଷଲତା ଚହଟି ଉଠିଲେ । ତତ୍ତ୍ୱଗୁରୁ ଅମେଧାନନ୍ଦ ଏକଲକ୍ଷ୍ୟରେ ଆଗେଇ ଚାଲିଥିଲେ । ସତେ ଯେପରି ତାଙ୍କର ଗତିରୋଧ କରିବାର ଶକ୍ତି କାହାରି ହିଁ ନଥିଲା । କ୍ରମେ ବନଭୂମି ଅତିକ୍ରମ କଲେ, କେତେ ପ୍ରାନ୍ତର, କାନ୍ତାର, କ୍ଷେତ, ନଦନଦୀ, ଜନପଦ ଅତିକ୍ରମ କରି ସେ ଏକମୁଖୀ ହୋଇ ଆଗେଇ

ଚାଲିଥିଲେ । ଚୈତ୍ରମାସ ସୂର୍ଯ୍ୟଙ୍କର ପ୍ରତାପ କ୍ରମଶଃ ପ୍ରଚଣ୍ଡ ବୋଧ ହେଲା । ଏକ ନିର୍ଜନ ନଦୀକୂଳରେ ଛିଡ଼ା ହୋଇଥିଲା ଗୋଟିଏ ପ୍ରକାଣ୍ଡ ଝଙ୍କାଳିଆ ବଟବୃକ୍ଷ । ଚଇତାଳି ପବନର ଆଘାତରେ ଶାଖା ପ୍ରଶାଖା ହଲାଇ, ପକ୍ଷୀମାନଙ୍କର କାକଳିରେ ସତେ ଯେପରି ସେ ନିମନ୍ତ୍ରଣ କରି ଆହ୍ୱାନ କଲା ଗୁରୁ ଅମେଧାନନ୍ଦଙ୍କୁ-ଆସ ଗୁରୁଦେବ, ଆସ । ମୋର ଶୀତଳ ଛାୟା ତଳେ କ୍ଷଣେ ମାତ୍ର ବିଶ୍ରାମ କରି ପଥଶ୍ରାନ୍ତି ଦୂରକର । ସଫଳ କର ମୋର ଜୀବନ । ସାର୍ଥକ କର ମୋର ଜନ୍ମ । ବହୁକାଳରୁ ତୁମରି ପ୍ରତୀକ୍ଷାରେ ମୁଁ ଯେ ଅପେକ୍ଷମାଣ । ଗୁରୁଦେବ, ମୋତେ ନିରାଶ କର ନାହିଁ ଗୁରୁଦେବ ! ଆସ । ବିଶ୍ରାମ କର । କ୍ଷଣେ ମାତ୍ର ଛିଡ଼ା ହୋଇ ଚିନ୍ତା କରିବା ପରେ ଅମେଧାନନ୍ଦ ହସହସ ବଦନରେ ଧିରେ ଧିରେ ଆଗେଇ ଗଲେ ବଟବୃକ୍ଷ ତଳକୁ । ଝୁଲାମୁଣି ରଖି, ନଦୀଜଳରେ ଗୋଡ଼, ହାତ, ମୁହଁ ଧୋଇ, ପେଟେ ନଦୀଜଳ ପାନ କରି ବଟବୃକ୍ଷର ଶୀତଳ ଛାୟାରେ ବିଶ୍ରାମ କରିବାକୁ ଲାଗିଲେ । ଏ ମଧ୍ୟରେ ବ୍ରାହ୍ମ ମୁହୂର୍ତ୍ତରୁ ଦ୍ୱିପ୍ରହର ପର୍ଯ୍ୟନ୍ତ ବହୁପଥ ଏକାଦିକ୍ରମେ ଅତିକ୍ରମ କରି ଆସିଛନ୍ତି ସେ । ବିଶ୍ରାମ ତାଙ୍କର ଲୋଡ଼ା ।

ଏ ମଧ୍ୟରେ କିଛି ସମୟ ବିତି ଯାଇଛି । ଗୁରୁ ଝୁଲାମୁଣିରେ ମଥାରଖି ଲମ୍ବ ହୋଇ ବରଗଛ ଛାଇରେ ଆଖିବନ୍ଦ କରି ବିଶ୍ରାମ ନେଉନେଉ ଭାବୁଛନ୍ତି - ତାଙ୍କର ଗନ୍ତବ୍ୟ ସ୍ଥାନ କେଉଁଠି ? ସେ କେଉଁଠାକୁ ଯାଉଛନ୍ତି ? କେଉଁଠି ତାଙ୍କର ଯାତ୍ରାର ଶେଷ ? କ'ଣ କରିବା ପାଇଁ ସେ ଯାଉଛନ୍ତି ? ତାଙ୍କର କର୍ତ୍ତବ୍ୟ କର୍ମ କ'ଣ ? ଭାବୁଭାବୁ ଛାଇ ନିଦ ଲାଗି ଯାଇଛି ତାଙ୍କୁ । ସୁଶୀତଳ ବୃକ୍ଷଛାୟା, ସୁଶୀତଳ ପବନର ସ୍ପର୍ଶ । ପଥକ୍ଳାନ୍ତି । ତନ୍ଦ୍ରାଭିଭୂତ ହୋଇପଡ଼ିଛନ୍ତି ସେ । ଏହି ସମୟରେ ସପ୍ତ ସ୍ୱର୍ଗଲୋକରୁ ସାତଜଣ ପରୀ ଏକ ସଙ୍ଗରେ ଆଗପଛ ହୋଇ ଛୁଟି ଆସିଲେ ସେହି ସ୍ଥାନକୁ ଚୈତ୍ରର ଅପରାହ୍ନରେ ନିର୍ଜନ ନଦୀକୂଳସ୍ଥ ସେହି ବଟବୃକ୍ଷ ତଳକୁ, ଗୁରୁ ଅମେଧାନନ୍ଦ ନିକଟକୁ ।

ସେମାନଙ୍କର ଆଗମନ ମାତ୍ରେ ତତ୍ତ୍ୱଗୁରୁଙ୍କର ତନ୍ଦ୍ରାବସ୍ଥା କଟିଗଲା । ସେ ସଜାଡ଼ି ହୋଇ ଚକାପାରି ବସିଲେ । ସପ୍ତ ସ୍ୱର୍ଗଲୋକର ସପ୍ତପରୀ ଗୁରୁଦେବଙ୍କୁ ଅଭିବାଦନ ଜଣାଇଲେ । ଗୁରୁ ସେମାନଙ୍କର ପରିଚୟ ପଚାରନ୍ତେ ସେମାନେ କହିଲେ - ଆମେ ସପ୍ତସ୍ୱର୍ଗ ଲୋକର ସପ୍ତପରୀ । ଆପଣଙ୍କୁ ଆମ୍ଭେ ପ୍ରତ୍ୟେକେ ଗୋଟିଏ କରି ପ୍ରଶ୍ନ ପଚାରିବୁ । ଆପଣ ଆମ୍ଭମାନଙ୍କର ଉତ୍ତର ଦେଲେ ଆମ୍ଭେମାନେ ସ୍ୱସ୍ଥାନକୁ ବାହୁଡ଼ି ଯିବୁ । ଆପଣ ସ୍ୱୀକୃତି ଦେଲେ ଆମ୍ଭେ ଜଣଜଣ ହୋଇ ଗୋଟିଏ ପରେ ଗୋଟିଏ ପ୍ରଶ୍ନ ପଚାରିବୁ ଓ ଆପଣ କ୍ରମାନ୍ୱୟରେ ଆମ୍ଭର ଉତ୍ତର ଦେବେ । ତତ୍ତ୍ୱଗୁରୁ ଅମେଧାନନ୍ଦ କିଛିକ୍ଷଣ ନୀରବ ରହି ଶେଷରେ ପ୍ରଶ୍ନ ପଚାରିବା ପାଇଁ ପରୀମାନଙ୍କୁ ସ୍ୱୀକୃତି ଦେଲେ । ନିମ୍ନରେ ଏହି ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମର ସଂକ୍ଷିପ୍ତ ବିବରଣୀ ଦିଆଗଲା -

***ସପ୍ତ ସ୍ୱର୍ଗଲୋକର ସପ୍ତପରୀଙ୍କର ଗୁରୁଙ୍କୁ ପ୍ରଶ୍ନ ଓ ଗୁରୁଙ୍କର ଉତ୍ତର ପ୍ରଦାନ :***

ପ୍ରଥମ ପରୀର ପ୍ରଶ୍ନ - ତୁମେ କିଏ ? ତୁମର ଗତି କ'ଣ ?

ଗୁରୁଙ୍କର ଉତ୍ତର - ଭଗବାନଙ୍କର ସନ୍ତାନ । ପରମାର୍ଥିକ ଗତି ।

ଦ୍ୱିତୀୟ ପରୀର ପ୍ରଶ୍ନ - ଭଗବାନଙ୍କର ସନ୍ତାନ ହେଉଛି କୈବଲ୍ୟଯୋଗ୍ୟ । ତୁମେ ?

ଗୁରୁଙ୍କର ଉତ୍ତର - (ଏ ପ୍ରଶ୍ନ ଶୁଣି ଗୁରୁ କିଛି ସମୟ ନୀରବ ରହିବା ପରେ କହିଲେ) ପୂର୍ବ ଜନ୍ମାନ୍ତରର ସଂସ୍କାର ବଶତଃ ପିଣ୍ଡତତ୍ତ୍ୱଜ୍ଞାନ ଜଣାଅଛି । କୈବଲ୍ୟ ନୁହେଁ ।

ତୃତୀୟ ପରୀର ପ୍ରଶ୍ନ - ସୁଧାନନ୍ଦ କେଉଁ ମଣ୍ଡଳର ଆତ୍ମା ?

ଗୁରୁଙ୍କର ଉତ୍ତର - (ଗୁରୁ ନୀରବ, ନିରୁତ୍ତର ।)

ଚତୁର୍ଥ ପରୀର ପ୍ରଶ୍ନ - ଆତ୍ମାର ଭୁବନ ବା ଆତ୍ମାର ମଣ୍ଡଳ ଦୃଶ୍ୟ କିପରି ?

ଗୁରୁଙ୍କର ଉତ୍ତର - ବିନ୍ଦୁ ହରିଦ୍ରା । ଗୈରିକ ପାର୍ଶ୍ୱ । ଗୋଲାକୃତି ଗୈରିକ ପାର୍ଶ୍ୱ ମଧ୍ୟରେ ହରିଦ୍ରାବିନ୍ଦୁ ଅବସ୍ଥିତ ।

ପଞ୍ଚମ ପରୀର ପ୍ରଶ୍ନ - ପଞ୍ଚଭୁବନରେ କେଉଁ ମାୟା ଅଛନ୍ତି ? ତାଙ୍କର ବର୍ଣ୍ଣ କ'ଣ ?

ଗୁରୁଙ୍କର ଉତ୍ତର - ମହାମାୟା । ଲାଲ ବର୍ଣ୍ଣ ।

ଷଷ୍ଠ ପରୀର ପ୍ରଶ୍ନ - ଜ୍ଞାନର କେଉଁ ଅବସ୍ଥାରେ ପହଞ୍ଚିଲେ ଶାନ୍ତି ମିଳେ ?

ଗୁରୁଙ୍କର ଉତ୍ତର - ବିଭୂତି ସୃତ୍ରୀୟ ଅବସ୍ଥାରେ ଶାନ୍ତିମିଳେ ।

ସପ୍ତମ ପରୀର ପ୍ରଶ୍ନ - ପିଣ୍ଡ ମଧ୍ୟରେ ଯୋଗର ବର୍ଣ୍ଣ ଭାବର ଦାୟିତ୍ୱରେ କିଏ ଅଛି ?

ଗୁରୁଙ୍କର ଉତ୍ତର - ଯୋଗମାୟା ।

ତୃତୀୟ ପରୀ ପ୍ରଶ୍ନର ଉତ୍ତର ନ ପାଇ ପୁଣିଥରେ ଗୁରୁଙ୍କୁ ଆସି ଭେଟିବ ବୋଲି ଜଣାଇ ଦେବା ପରେ ସପ୍ତପରୀ ଗୁରୁଙ୍କୁ ଅଭିବାଦନ କରି ବିଦାୟ ନେଇ ସ୍ୱସ୍ଥାନକୁ ବାହୁଡ଼ିଗଲେ । ଚୈତ୍ର ସୂର୍ଯ୍ୟଅସ୍ତ ହୋଇଯାଇଥିଲେ । ଗୋଧୂଳି ଲଗ୍ନ ଉପସ୍ଥିତ । ଚଇତାଳି ପବନ ମତାଣିଆ ହୋଇ ବହିଯାଉଥିଲା ॥ (କ୍ରମଶଃ)

OOO

ବିଶ୍ୱାସରେ ମିଶାଇ ବିଷ
ପୀୟୁଷ କିବା ଚାଖିବୁ ତୁହି ।
ଅନାଇ ଦେଖ ନିକଟେ ତୋର
ଅନବରତ ଜଳୁଛି ଜୁଇ ॥

OOOOOOOOOOOOOOOOOOOO

ଆପଣା ବଡ଼ପଣକୁ ରଖି
ଆପଣା ମନେ ସଂଗୋପନେ ।
ବଡ଼ କି କେବେ ହୁଏରେ କେହି
ଧରମ ପଥେ ଏହି ଭୁବନେ ??

# ଉତ୍ତିଷ୍ଠତଃ ! ଜାଗ୍ରତଃ !!

*ଭଗବାନ ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ବିଚାର, ବୁଦ୍ଧି, ବିବେକ ଆଦି ଦେଇଛନ୍ତି । ଏହାରି ବଳରେ ମନୁଷ୍ୟ ସାଧନା ମାର୍ଗରେ ପରିଚାଳିତ ହୁଏ । ସାଧନା ଜୀବନର ସର୍ବସ୍ୱ ଅଟେ । ଏହା ମନୁଷ୍ୟକୁ ଅନ୍ତର୍ମୁଖୀ ମାର୍ଗ ଓ ନିବୃତ୍ତି ମାର୍ଗ ଆଡ଼କୁ ନେଇଯାଏ । ଏହା ଇନ୍ଦ୍ରିୟାଦି ଦ୍ୱାରା ବିଭ୍ରାନ୍ତ ଓ ପଥଚ୍ୟୁତ ହେଉଥିବା ମାର୍ଗଠାରୁ ସଂପୂର୍ଣ୍ଣ ଭିନ୍ନ ଅଟେ । ଭୌତିକ ଜଗତଠାରୁ କ୍ରମଶଃ ବିଚ୍ଛିନ୍ନ ହୋଇ ଆଧ୍ୟାତ୍ମିକ ଜଗତ ମଧ୍ୟରେ ସାଧନା ବଳରେ ଥରେ ପ୍ରବେଶ କରିଗଲେ, ଜୀବନରେ ସୁଖ, ଶାନ୍ତି, ସନ୍ତୋଷ ଓ ଆନନ୍ଦର ଅଭାବ ରହେ ନାହିଁ । ଶ୍ରଦ୍ଧା ଓ ନିଷ୍ଠାର ସହିତ ସଂସାର ପଥରେ ଥରେ ସାଧନାର ସହାୟତା ଲୋଡ଼ିଲେ, ଦୁର୍ଗମ ଦୁସ୍ତର ପଥ ସୁଗମ ହୋଇଯିବ । ଅପ୍ରମିତ ଶକ୍ତିଧର ଯୁବ ସମ୍ପ୍ରଦାୟ ପାଇଁ ଶାନ୍ତି ସନ୍ତୋଷ ଓ ଆନନ୍ଦର ପଥ ନିର୍ଦ୍ଦେଶ କରି ଏଥରକ 'ଚରମ' ପୃଷ୍ଠାରେ ସେମାନଙ୍କ ପାଇଁ ଆମର ନିବେଦନ ।*

## ଭକ୍ତି ଓ ବିଶ୍ୱାସ

ବିଶ୍ୱାସ ଓ ଭକ୍ତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱଭଳି । ଯେଉଁଠି ବିଶ୍ୱାସ ଯେତେ ନିବିଡ଼, ସେଠାରେ ଭକ୍ତି ସେତେ ଦୃଢ଼ । ପୁଣି ଯେଉଁଠି ଭକ୍ତି ଦୃଢ଼ ହୋଇ ଉଠିଛି, ସେଠାରେ ବିଶ୍ୱାସ ଘନିଷ୍ଠ ହୋଇଯାଇଛି । ସାଧନା ଉପାସନାରେ ସଫଳତା ଏହା ଗୋଟିଏ ମହତ୍ତ୍ୱପୂର୍ଣ୍ଣ ରହସ୍ୟ । ଦ୍ୱାପର ସଂସ୍କୃତିରେ ପଞ୍ଚପାଣ୍ଡବ ସଫଳତାର ଏହି ରହସ୍ୟ ଭଲ ଭାବରେ ଜାଣିଥିଲେ ବୋଲି ଭଗବାନ ଶ୍ରୀକୃଷ୍ଣଙ୍କୁ ସବୁବେଳେ ପାଖେପାଖେ ପାଇ ପାରିଥିଲେ ।

ଆମ୍ଭେମାନେ ଏହି ସଫଳତାର ରହସ୍ୟ ଉଦ୍‌ଘାଟନ କରି ଠାକୁରଙ୍କ ଠାରେ ତାହା ପ୍ରୟୋଗ କରି ପାରିଲେ, ଠାକୁରଙ୍କୁ ମଧ୍ୟ ସର୍ବତ୍ର ସର୍ବଦା ସବୁଅବସ୍ଥାରେ ପାଖେ ପାଖେ ପାଇପାରିବା - ଏଥିରେ ଲବମାତ୍ର ସନ୍ଦେହ ହିଁ ନାହିଁ । ଏଠାରେ ସେହି ରହସ୍ୟ ଉଦ୍‌ଘାଟନ ଓ ତାହାର ସଫଳ ପ୍ରୟୋଗବିଧି ପ୍ରସଙ୍ଗରେ ସମ୍ୟକ୍ ସଂକ୍ଷିପ୍ତ ଆଲୋଚନାପାଇଁ ପ୍ରୟାସ କରାଯାଉଅଛି ।

ଦେଖ, ଅନେକ ଲୋକଙ୍କ ସହିତ ବହୁତ ମିଳାମିଶାରୁ ଭାବ ତରଙ୍ଗରେ ବୈତାଳିକତା ଜାତ ହୁଏ । ତୁମ୍ଭେମାନେ ସେତେବେଳେ ବିକଳ ହୋଇ କୁହ - ମୁଁ ଏତେ ପୂଜା ଉପାସନା କଲି, ସେ ସବୁ ମୋର ନିଷ୍ଫଳ ହୋଇଗଲା । ମୋର ସମସ୍ତ ନିଷ୍ଠା ଆନ୍ତରିକତା ବ୍ୟର୍ଥ ହୋଇଗଲା । ଠାକୁରେ ମୋତେ ଟିକିଏ ବୋଲି କଣେଇ କରି ମଧ୍ୟ ଚାହିଁଲେ ନାହିଁ । ଧାରା ନେବା ପୂର୍ବରୁ ବରଂ ମୁଁ ଯାହାଥିଲି ଭଲଥିଲି । ଯେଉଁମାନଙ୍କ ସହିତ ବହୁତ ମିଳାମିଶାରୁ ତୁମ ମନରେ ଏପରିଭାବ ଉଦୟ ହେଲା, ସେମାନେ ତୁମର ଏପରି କଥା ଶୁଣି ସମବେଦନା ଦେବା ତ ଦୂରର କଥା ବରଂ ତୁମ ଦୁଃଖଦୁର୍ଦ୍ଦଶାର କାହାଣୀ ଶୁଣି ସେମାନେ ମୁରୁକେଇ ହସି ହସି ତୁମ୍ଭମାନଙ୍କୁ ଲାଳସା ଦେଖାଇ ଅବିଶ୍ୱାସର ଧୂସର ମରୁବାଲି ମଧ୍ୟକୁ ଟାଣି ନେବା ପାଇଁ ଚେଷ୍ଟା କରନ୍ତି । ପ୍ରଥମତଃ ଏପରି ଲୋକଙ୍କ ସହିତ ବହୁତ ଭାବରେ ମିଳାମିଶା କରନାହିଁ କି ତୁମ ଦୁଃଖର କଥା ସେମାନଙ୍କ ଆଗରେ ବଖାଣି ବସ ନାହିଁ । ଏପରି ଦୁଷ୍ଟ ଲୋକଙ୍କ କଥାରେ ଆଦୌ କାନ ଦିଅ ନାହିଁ । ଠାକୁରଙ୍କ ପଦ୍ମପାଦରେ ଦୃଢ଼ ବିଶ୍ୱାସ ରଖ । ଅନୁତାପ ଓ ପ୍ରାର୍ଥନାରେ ତୁମ ବିଶ୍ୱାସକୁ ପରିପୁଷ୍ଟ କର । ତୁମ ଜୀବନରେ ଯେତେ ଦୁଃଖ ଯାତନା ଆସୁନା କାହିଁକି ପରମ ଉଦାସୀନତାର ସହିତ ସେ ସମସ୍ତ ଠାକୁରଙ୍କୁ ସମର୍ପଣ କରି ପରମ ସନ୍ତୋଷରେ ତାଙ୍କର ପ୍ରସାଦ ଗ୍ରହଣ କରିନେବା ପାଇଁ ଉନ୍ମୁଖ ହୋଇ ରୁହ । କଦାପି ବିମୁଖ ହୁଅ ନାହିଁ । ଅସନ୍ତୁଷ୍ଟ ନ ହୋଇ ବାଣୀଟିଏ ସବୁବେଳେ ସ୍ମରଣରେ ରଖ -

''ଜଞ୍ଜାଳରେ ଜଳି ଗଲେ ବି ଗୁରୁଙ୍କୁ ନ ଦିଅ ଦୋଷ ।
ସୂକ୍ଷ୍ମ ସତ୍ତା ସୂକ୍ଷ୍ମରେ ତୋର ଭରିଦେବ ସନ୍ତୋଷ ।।''

ଖାତରେ ମଞ୍ଜିଟିଏ ପକାଇ ଦେଇ ନିଜର କର୍ତ୍ତବ୍ୟ ସରିଗଲା ବୋଲି ଭାବ ନାହିଁ । ତା'ର ପୋଷଣା ଦିଅ । ଯତ୍ନ ନିଅ । ମଞ୍ଜିଟିର ଅଙ୍କୁର ଉଦ୍‌ଗମ ହେବ । ଗଛଟିଏ ହେବ । ପତ୍ର କଅଁଳିବ । ଶାଖା ପ୍ରଶାଖା ମେଲିବ । କଢ଼ି ହେବ । ଫୁଲ ଫୁଟିବ । ଫଳ ଧରିବ । ଫଳ ପାଚିଲେ, ନିଜ ହାତରେ ନିଜେ ତୋଳିନେବ। ଏହାକୁ କୁହାଯାଏ ସାଧନା । ସାଧନ ପାଇଁ ସ୍ଥିରତା, ଧୈର୍ଯ୍ୟ, ସହିଷ୍ଣୁତା ଆଦିଗୁଣର ପ୍ରୟୋଜନ । ପାଣ୍ଡବମାନେ ଏହି ସୂତ୍ର ବେଶ୍ ଭଲଭାବରେ ଜାଣିଥିଲେ । ବୁଝିଥିଲେ । ଦୁଃଖ ଆସୁ, ଯାତନା ଆସୁ, ଲାଞ୍ଛନା ଆସୁ, ଯାହା ଆସୁନା କାହିଁକି ସବୁ ପ୍ରଭୁଙ୍କର ପ୍ରସାଦ ବୋଲି ସନ୍ତୋଷରେ ଗ୍ରହଣ କରି ନେଉଥିଲେ । ବିଶ୍ୱାସ ରଖିଥିଲେ, ଭଗବାନ ଶ୍ରୀକୃଷ୍ଣ ତାଙ୍କୁ ଅବଶ୍ୟ ଯଥାକାଳରେ ରକ୍ଷା କରିବେ । ସେହି ଯଥା ସମୟକୁ ଧୈର୍ଯ୍ୟର ସହିତ ଅପେକ୍ଷା କରି ସବୁ ସହି ଯାଉଥିଲେ ହସି ହସି । ତେଣେ ଏପରି ଦୃଢ଼ ବିଶ୍ୱାସରେ ଭଗବାନ କୃଷ୍ଣଙ୍କର ଆସନ ଟଳମଳ ହେଉଥିଲା । ସେ ସ୍ଥିର ହୋଇ ବସି ରହି ପାରୁ ନଥିଲେ । ଧାଇଁ ଆସୁଥିଲେ ଅସମ୍ଭାଳ ହୋଇ ଭକ୍ତ ପାଖକୁ । ଅଭୟ ଦେଇ ରକ୍ଷା ମଧ କରୁଥିଲେ । ଦୃଢ଼ ବିଶ୍ୱସର ଫଳ ହିଁ ଏହିପରି । ତୁମେ ଥରେ ତୁମ ଜୀବନ ପଥରେ ଏହି ସୂତ୍ରକୁ ଅଭ୍ୟାସରେ ପରିଣତ କରି ଦେଖତ, ଠାକୁରେ ତୁମର ଦୃଢ଼ ବିଶ୍ୱାସ, ମାନସିକ ସ୍ଥିରତା, ଧୈର୍ଯ୍ୟ ଓ ସହିଷ୍ଣୁତାରେ ପରମ ସନ୍ତୋଷର ସହିତ ତୁମ ପାଖକୁ ଛୁଟି ଆସି ଅପରିମେୟ ଅଭୟ ଦେଇ ତୁମକୁ ସବୁ ଦୁଃଖ, ଯାତନା, ଲାଞ୍ଛନା ଓ କ୍ଷତିରୁ ଉଦ୍ଧାର କରି ରକ୍ଷା କରୁଛନ୍ତି କି ନାହିଁ ।

ତୋଷାମଦିଆ ମାନଙ୍କର ମିଛ ପ୍ରଶଂସାରେ ନିଜର ସ୍ଥିତାବସ୍ଥା ଭୁଲିଯାଇ ଯାହା ମନକୁ ଆସୁଛି, ତାହା ଠାକୁରଙ୍କ ଇଚ୍ଛା ମନେକରି ତାହା କର ନାହିଁ । ଆଧ୍ୟାତ୍ମିକ ଜୀବନରେ ଏହାଠାରୁ ବଡ଼ ଭ୍ରାନ୍ତି ଆଉକିଛି ନାହିଁ । ମନେରଖ, ତୁମ ଶରୀର ଠାକୁରଙ୍କର ମନ୍ଦିର । ସେ ତୁମ ହୃଦୟରେ ପ୍ରତିଷ୍ଠିତ । ଏହି ସତ୍ୟର ଉପଲବ୍ଧି ପାଇଁ ପ୍ରୟାସ କର । ଥରେ ଏହା ଆବିଷ୍କାର କରି ପାରିଲେ, ପ୍ରଚୁର ଆନନ୍ଦ ପାଇ ପାରିବ । ତୁମର ଭକ୍ତି ନିବିଡ଼ ହୋଇଯିବ । ତାହା କ୍ରମେ ପ୍ରେମରେ ରୂପାନ୍ତରିତ ହେବ । ପ୍ରେମ ସାଧନା ହିଁ ସର୍ବଶ୍ରେଷ୍ଠ ସାଧନା । ପ୍ରିୟତମ ପ୍ରେମମୟ ପରମ ପ୍ରେମାସ୍ପଦ ଠାକୁରଙ୍କୁ ମନପ୍ରାଣ ହୃଦୟ ଓ ଅନ୍ତର ଦେଇ ପ୍ରଚୁର ପ୍ରେମ କରେ । ଦେଖିବ, ତୁମ ଭକ୍ତି ତୁମକୁ ନିବିଡ଼ ଓ ଦୃଢ଼ ବିଶ୍ୱାସ ପଥରେ ବହୁଦୂରକୁ ଆଗେଇ ନେଉଛି । ଭକ୍ତି, ପ୍ରେମ ଓ ବିଶ୍ୱାସ ରୂପକ ରଜ୍ଜୁରେ ଠାକୁରେ ତୁମ ହୃଦୟ କକ୍ଷରେ ବାନ୍ଧି ହୋଇ ରହିଛନ୍ତି ।

ତେଣୁ ତୁମ ଧର୍ମଧାରା ଓ କର୍ମଯୋଗ ସାଧନା ଅଭ୍ୟାସ ନିୟମିତ ଚାଲୁରଖ, ଚଳାଇ ନିଅ, ତହିଁରେ ଅବହେଳା କର ନାହିଁ । ସାଧନ ଜୀବନରେ ବିଭିନ୍ନ ଦିଗରୁ ଅନେକ ବିରୋଧ ଓ ବିଘ୍ନ ଆସେ, ଅବଶ୍ୟ ଆସିବ । ସେ ସବୁ ପ୍ରତି ଲକ୍ଷ୍ୟ ରଖ ନାହିଁ । ପ୍ରଥମେ ଜ୍ଞାତିକୁଟୁମ୍ବଙ୍କ ତରଫରୁ ବିରୋଧ ଆସିବ । ପରିବାରରେ ଥିବା ନିନ୍ଦୁକ ଓ ସମାଲୋଚକଙ୍କ କଟୁ କଥାରେ ଦବି ଯାଅ ନାହିଁ । ଦ୍ୱିତୀୟ ଲୋକମତ ତୁମକୁ ଆଧ୍ୟାତ୍ମିକ ମାର୍ଗରୁ ବିଚ୍ୟୁତ କରିଦେଇ ପାରେ । ତେଣୁ ଲୋକମତକୁ ଗୁରୁତ୍ୱ ନଦେଇ ତୁମ ମତ ଓ ତୁମ ପଥରେ ଅଟଳ ରୁହ । ତୃତୀୟ ପ୍ରତିବନ୍ଧକ ନାମ ଓ ରୂପର ଉପାସକମାନଙ୍କ ଠାରୁ ଆସେ । ସେମାନେ ମଧୁର କଥା କହି ତୁମକୁ ରାମ, କୃଷ୍ଣ, ନୃସିଂହ, ବାମନ, ଦୁର୍ଗା, କାଳୀ, ମଙ୍ଗଳା, ଶୀତଳା ଏହିପରି ଯାହାର ଇଷ୍ଟ ଯିଏ, ସେହି ଦିଗକୁ ବଙ୍କେଇ ଭଙ୍ଗେଇ ନେବାକୁ ଚେଷ୍ଟା କରିବେ । ସେମାନଙ୍କ ଭେଳିକିରେ ଭୁଲିଯାଅ ନାହିଁ । ଠକି ଯିବ । ଠକି ଗଲେ, ଶେଷକୁ ଠାକୁରଙ୍କୁହିଁ ଦୋଷିବ । ରାମକୃଷ୍ଣ କି ମଙ୍ଗଳା ଶୀତଳାଙ୍କୁ ଦୋଷିବ ନାହିଁ । ତଦ୍ୱାରା ଠାକୁରଙ୍କର ଲବମାତ୍ର କ୍ଷତି ହେବ ନାହିଁ, ପ୍ରକୃତ କ୍ଷତି ହେବ ତୁମ ନିଜର ।

କସ୍ମିନ୍ କାଳେ ନିଜ ଭୂମିକାକୁ ଭୁଲିଯାଅ ନାହିଁ । ନିଜ ଭୂମିକାକୁ ଭଲ ଭାବରେ ଅଭିନୟ କରି ସଂସାର ରଂଗମଂଚରେ ପୁରସ୍କାର ପାଇବାହିଁ ତୁମର ସର୍ବଶ୍ରେଷ୍ଠ ସାଧନା । ଶିଷ୍ୟ/ଭକ୍ତ ଭୂମିକାରେ ତୁମେ ରଂଗମଂଚକୁ

ଓହ୍ଲାଇଛ । ତୁମ ଭୂମିକାକୁ ପାଶୋରି ଦେଇ ଏଣେ ଓସ୍ତାଦ୍ ବନି ଯାଉଛ ଯେ ! ନିଜକୁ ଓସ୍ତାଦ୍ ମନେ କରି ଅନ୍ୟର ଦୋଷତ୍ରୁଟି ବାଛିବାରେ ଲାଗିପଡିଛ । ତୁମେ କଣ ସତେ ଏତେ ପାକଳ ହୋଇଗଲଣି ? ଛୋଟ ବିଲୁଆକୁ ଗୁଳିମାରି ବାହାଦୂରୀ ଦେଖାଉଛ କାହିଁକି ? ତୁମ ସାମନାରେ ମହାବଳ ବାଘଟିଏ ଛିଡା ହୋଇଛି ପରା ! ତା' ସହିତ ଲଢେଇ କରି ଥରେ ନିଜକୁ ନିଜେ ପରଖି ନିଅତ !! ଶିଷ୍ୟ ଭଳି ରୁହ । ଅହଂକାର ଶୂନ୍ୟ ହୁଅ । ଅନ୍ୟ ବିଷୟରେ ସମାଲୋଚନା କରୁଛ, ଯାହା ବିରୁଦ୍ଧରେ ଚକ୍ରାନ୍ତ କରୁଛ, ଯାହାକୁ ଉପହାସ କରି ଉଡାଇ ଦେଉଛ, ଠାକୁରେ ତାହାରି ସାହାପକ୍ଷ ହୋଇ ଛିଡା ହେବେ ହିଁ ହେବେ ।

ରିକ୍ତ ହୁଏ ନାହିଁ କାହାରି ସାଧନା । ତୁମର ମଧ୍ୟ ସାଧନାର ଫଳ ଶୂନ୍ୟ ହେବ ନାହିଁ । ପ୍ରଥମେ ତୁମ ମନରେ ଠୁଳ ହୋଇଥିବା ଅହଂକାରକୁ ତରଳାଇ ଦିଅ । ବନ୍ଦନା, ପ୍ରାର୍ଥନା, ଜପ, ଧ୍ୟାନ, ସଂକୀର୍ତ୍ତନ, ସେବା ଆଦି ଦ୍ୱାରା ଜ୍ଞାନାଗ୍ନିରେ ତୁମ ମନକୁ ତରଳାଇ ଦିଅ । ବୈରାଗ୍ୟ ଧାରୁଆ ଅସ୍ତ୍ର ଦ୍ୱାରା ମନରେ ଠୁଳ ହୋଇଥିବା ଅହଂକାରକୁ ଖଣ୍ଡ ଖଣ୍ଡ କରିଦିଅ । ଦେଖ ତୁମେ ଅହଂକାର ଶୂନ୍ୟ ହୋଇଯାଇଛ । ସେତେବେଳେ ଠାକୁରେ କୃପା କରି ତୁମକୁ ତାଙ୍କ କୋଳକୁ ଟାଣି ନେବେ । ତୁମେ ତୁମ ସାଧନାର ଫଳ ଚାଖି ପାରିବ ।

ବିରକ୍ତ ନହୋଇ ଅନୁରକ୍ତ ହୁଅ । ଯେତେ ପାର ନୀରବତା ରକ୍ଷାକର । ନୀରବତାର ଭାଷା ଶୁଣି ପାରିବ । ନିଃଶବ୍ଦ ଘରୁ ବାହାରୁଥିବା ଧ୍ୱନୀ ଶୁଣି ପାରିବ । ନିଜର ଭୁଲତ୍ରୁଟି ନିଜେ ବୁଝି ତାକୁ ସଜାଡି ନେଇ ପାରିବ । ତୁମର ଦକ୍ଷତା ବଢ଼ିଯିବ । ମନର ଦଉଡିକୁ ଧରି ପାରିବ । ଏହାର ଗତିକୁ ସଙ୍କୁଚିତ କରି ପାରିବ । ମନକୁ ଶାନ୍ତ କରିପାରିବ । ବିଶ୍ୱାସକୁ ଦୃଢ଼ତର କରିପାରିବ । ଭକ୍ତି ନିବିଡରୁ ନିବିଡତର ହେବ । ମନକୁ ପଦ୍ମପାଦରେ ନିରବଛିନ୍ନ ଭାବରେ ଲୟରେ ରଖି ସାଂସାରିକ ସକଳ ପ୍ରକାର ଭୟକୁ ଜୟ କରି ନିର୍ଭୟ ହୋଇଯିବ । ବୈରାଗ୍ୟ, ବିଶ୍ୱାସ, ଭକ୍ତି ଏବଂ ପ୍ରେମ ହିଁ ଆଧ୍ୟାତ୍ମିକ ସୌଧର ସ୍ତମ୍ଭସ୍ୱରୂପ । ଏହି ସୌଧରେ ହିଁ ରହିଛି ଶାନ୍ତି ଏବଂ ଆନନ୍ଦ । ବିଶ୍ୱାସ ହିଁ ସାଧନା କ୍ଷେତ୍ରରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହାବିନା ସାଧନା ଶୂନ୍ୟଫଳ ହିଁ ଦେଇଥାଏ । ବିଶ୍ୱାସ ବିହୀନ ସାଧନା ହିଁ ଛଳନା । ତୁମର ଯାହା ଦରକାର ଓ ତୁମେ ଯେଉଁଥିପାଇଁ ଯୋଗ୍ୟ ଠାକୁରେ ତୁମକୁ ନିଶ୍ଚୟଦେବେ । ଧୈର୍ଯ୍ୟ ଧରି ସ୍ଥିର ରୁହ । ବିଶ୍ୱାସ କର । ଏହା ସତ୍ୟସିଦ୍ଧ ସିଦ୍ଧାନ୍ତ ।

୦୦୦

ଧନ ମାନ ଜ୍ଞାନ ଅବା ଯଉବନ
ସବୁ ଦିନେ ଯିବ ହଜି ।
ଗୁରୁବାକ୍ୟ ମାନି ଚଳି ଯା' ତୁରେ
ଦିବା ନିଶି ହରି ଭଜି ।।

# ଜିଜ୍ଞାସା : ଜିଜ୍ଞାସୁ

ଶ୍ରୀଶ୍ରୀଶ୍ରୀ ଗୁରୁସ୍ୱାମୀଙ୍କ ସହିତ ନାନା ପ୍ରସଙ୍ଗେ :

'ଚରମ' : ସପ୍ତମ ପୁଷ୍ପ : ତୃତୀୟ ପାଖୁଡ଼ା : ୩୪ଶ ସଂଖ୍ୟାର ଅନୁଶ୍ରୁତିରୁ :

''ଦଶମୋଦକ''ର 'ଏକମୁଖୀଭାବ' ସଂପର୍କରେ ପ୍ରଶ୍ନୋତ୍ତରୀ ବିବରଣୀର ପ୍ରବାହ -

ଜିଜ୍ଞାସୁ - ବେଳେବେଳେ ନିଜର ବିଦ୍ୟାଠାରୁ ବା ନିଜର କର୍ମଠାରୁ ଅନ୍ୟର ବିଦ୍ୟା ଓ କର୍ମ ଉଚ୍ଚ କୋଟିର ଓ ଅଧିକ ମାନର ବୋଲି ଭାବି ଆମେ ଅନ୍ୟର ବିଦ୍ୟା ବା କର୍ମ ବା ମାନକୁ ଧରିବାକୁ ଚେଷ୍ଟା କରୁ ବା ଅନ୍ୟ ପ୍ରତି ଲୋଭାସକ୍ତ ହେଉ । ଏପରି କାହିଁକି ହୁଏ ?

ଠାକୁର - ବେଳେ ବେଳେ କାହିଁକି ? ସବୁବେଳେ କୁହ । ତମମାନଙ୍କର ମୁଣ୍ଡ ଅନ୍ୟକୁ ଦେଖିବାରେ । ନିଜ ମୁହଁ କଣ ନିଜକୁ ଦେଖାଯାଏ କି ? ନାଁ ଅନ୍ୟ ମୁହଁକୁ ମଣିଷ ଦେଖିପାରେ ବୋଲି ସେ ନିଜକୁ ନ ଦେଖି ଅନ୍ୟକୁ ଦେଖିଥାଏ । ନିଜର ଅନ୍ତର୍ନିହିତ ଦୃଷ୍ଟିକୋଣ ଯଦି ନିଜକୁ ନେଇ ଆତ୍ମ ବିଶ୍ଳେଷଣ କରନ୍ତା, ତା ହେଲେ ଏପରି ଦୁର୍ଘଟଣା ଘଟନ୍ତା ନାହିଁ ଅନ୍ୟକୁ ଦେଖିବାର ଭାବ ମରୀଚିକା ଭଳି । ଜୀବ ତା' ପଛରେ ଧାଇଁ ଥାଏ । ଆଉ ମରୀଚିକା ପଛରେ ଧାଇଁଲେ ଶୋଷତ ମେଣ୍ଟେ ନାହିଁ, ଫଳରେ ତୃଷାର ମାତ୍ରାଧିକ୍ୟ ହେତୁ ମରଣ ନିକଟ ହୋଇଥାଏ । ଆମ ମତରେ ଏହା ବହିର୍ମୁଖୀ ଭାବ । ଆଉ ନିଜକୁ ଦେଖିବା ଅନ୍ତର୍ମୁଖୀ ବା ଏକମୁଖୀ ଭାବ ।

ଜିଜ୍ଞାସୁ - ଶରୀରର ଭୋଗାତ୍ମିକା କ୍ରିୟାର ଏକମୁଖୀ ଓ ବହିର୍ମୁଖୀ ଭାବ କିପରି ?

ଠାକୁର - ଶରୀରର ଭୋଗ କ୍ରିୟା କହିଲେ ତୁମେ କ'ଣ ବୁଝୁଛ ?

ଜିଜ୍ଞାସୁ - ଶରୀରରେ ବିଷୟ ଭୋଗର ଯେଉଁ କ୍ରିୟା ଗୁଡିକ ଯେପରି କ୍ଷୁଧା, ତୃଷା, ଦର୍ଶନ, ଶ୍ରବଣ, ଗମନ, ବଚନ, ଆଦାନ ପ୍ରଦାନ ଇତ୍ୟାଦି ଏସବୁ ଶାରିରୀକ କ୍ରିୟା ବୋଲି ଆମେ ବୁଝୁ ।

ଠାକୁର - ତା'ହେଲେ ତୁମର କହିବା କଥା ଏହି କ୍ରିୟା ଗୁଡ଼ିକର ବହିର୍ମୁଖୀ ଭାବ କିପରି ଓ ଏକ ମୁଖୀ ଭାବ କିପରି ?

ଜିଜ୍ଞାସୁ - ହଁ ଆଜ୍ଞା ।

ଠାକୁର - କ୍ଷୁଧା ହେଉଛି ଏକ ଶାରିରୀକ କ୍ରିୟା । ଏହା ବିଧିକୃତ । ଏହାର ବିଷୟ ହେଉଛି ଖାଦ୍ୟ । ଖାଦ୍ୟ ପାଇଲେ କ୍ଷୁଧାର ତୃପ୍ତି ଆସିଥାଏ । ଖାଦ୍ୟ କ'ଣ ଏକ ପ୍ରକାରର ? ବିଧାତା ଅନେକ ଖାଦ୍ୟ ପଦାର୍ଥ ଜଗତ କଲ୍ୟାଣ ପାଇଁ ନିର୍ମାଣ କରିଛନ୍ତି ଏବଂ ପ୍ରତ୍ୟେକ ଜୀବ ପାଇଁ ନିର୍ଦ୍ଦିଷ୍ଟ ଖାଦ୍ୟ ମଧ୍ୟ ନିର୍ଦ୍ଧାରିତ ହୋଇଅଛି । ହାତୀ ପାଇଁ ଡାଳପତ୍ର, ସିଂହ ପାଇଁ ମାଂସ । ଗଛର ଡାଳପତ୍ର ବି ଖାଦ୍ୟ ମାଂସ ମଧ୍ୟ ଖାଦ୍ୟ । ସେହିପରି ମଣିଷ ପାଇଁ ବିଧାତା ମଣିଷର ଖାଦ୍ୟ ତିଆରି କରିଛନ୍ତି । ମଣିଷ ତା' ନିଜର ଖାଦ୍ୟ ବ୍ୟତିରେକେ ଯଦି ଅନ୍ୟର ଖାଦ୍ୟ ପ୍ରତି ଲୋଭାସକ୍ତ ହୁଏ ତାହା ହେଲେ ଏହା ବହିର୍ମୁଖୀ ଭାବ । ଆଉ ମଣିଷ ପାଇଁ ଯେଉଁ ଖାଦ୍ୟ ଉଦ୍ଦିଷ୍ଟ ତହିଁରେ ପରିତୃପ୍ତ ହେଲେ ତାହା ଏକମୁଖୀ ଭାବ । ଏକଥା ମଣିଷ ଜାତି ଉପରେ ଆଲୋଚନା ହେଲା । ପୁନଶ୍ଚ ପ୍ରତ୍ୟେକ ମଣିଷ ପାଇଁ ନିର୍ଦ୍ଦିଷ୍ଟ ଖାଦ୍ୟ ଶରୀର ଗଠନ ସମୟରେ ନିର୍ଦ୍ଦିଷ୍ଟ ହୋଇଥାଏ । ଧରି ନିଅ ମୁଗ ଡାଲି, ତାହା ମଣିଷ ପାଇଁ

ଏକ ଡାଲି ଜାତୀୟ ଖାଦ୍ୟ । କିନ୍ତୁ ଦେଖାଯାଏ କେହି କେହି ମୁଗଡାଲି ଖାଇଲେ ତାଙ୍କ ଦେହରେ ଯାଏ ନାହିଁ । ପେଟ ଗଣ୍ଡଗୋଳ ହୋଇ ଦେହ ଖରାପ ହୋଇଥାଏ । ଆଉ କେହି କେହି ମୁଗ ଡାଲି ଖାଇଲେ ତାଙ୍କର ଭଲ ହଜମ ହୋଇଥାଏ । ଏପରି ହେବାର କାରଣ କଣ ? ଦେହର ଗଠନ ସମୟରେ କେଉଁ ଖାଦ୍ୟ କାହାପାଇଁ ସିଦ୍ଧ ତାହା ଗୃହିତ ହୋଇଥାଏ । ଗୃହୀତ ଖାଦ୍ୟ ପ୍ରାଣୀର ଅନୁକୂଳରେ ଯାଏ । ଏତଦ୍‌ଭିନ୍ନ ଅନ୍ୟ ଖାଦ୍ୟ ପ୍ରାଣୀର ପ୍ରତିକୂଳରେ ଯାଏ । ଏଣୁ ନିଜପାଇଁ କେଉଁ ଖାଦ୍ୟ ସିଦ୍ଧ ତାହା ଜାଣି ସେହି ଖାଦ୍ୟ ଗ୍ରହଣ କରିବା ଏକମୁଖୀ ଭାବର ଖାଦ୍ୟ । ଆଉ ଲୋଭାସକ୍ତ ହୋଇ ଅନ୍ୟର ଖାଦ୍ୟ ଖାଇ ଦେହ ଖରାପ କରିବା ବହିର୍ମୁଖୀ ଭାବର ଖାଦ୍ୟ ।

ଜିଜ୍ଞାସୁ - ଆମେ ଜାଣିବୁ କିପରି ଆମ ପାଇଁ କେଉଁ ଖାଦ୍ୟ ସିଦ୍ଧ ଓ କେଉଁ ଖାଦ୍ୟ ନିଷିଦ୍ଧ । ଏହା କଣ ମଣିଷ ପକ୍ଷେ ସମ୍ଭବ ।

ଠାକୁର - ମଣିଷ ଟିକେ ଅନୁଧ୍ୟାନ କଲେ କିଛି କିଛି ଜାଣି ପାରିବ । କିନ୍ତୁ ସଂପୂର୍ଣ୍ଣ ଜାଣିପାରିବ ନାହିଁ । ଆଉ ତାର ଜନ୍ମ କୁଣ୍ଡଳୀକୁ ବିଚାର କରି ତା' ପାଇଁ କେଉଁ ଖାଦ୍ୟ ସିଦ୍ଧ ଓ କେଉଁ ଖାଦ୍ୟ ନିଷିଦ୍ଧ ତାହା ବାହାର କରାଯାଇ ପାରିବ ।

ଜିଜ୍ଞାସୁ - ଜନ୍ମ କୁଣ୍ଡଳୀ ବା ଜାତକରୁ ଏକଥା ବାହାର କରାଯାଇ ପାରିବ ? ଅର୍ଥାତ୍ ଜ୍ୟୋତିଷ ଶାସ୍ତ୍ର ଦ୍ୱାରା କୁଣ୍ଡଳି ବାହାର କରାଯାଇ ପାରିବ ?

ଠାକୁର - ହଁ, କିଛି ଅଂଶରେ ବାହାର କରାଯାଇ ପାରିବ ସଂପୂର୍ଣ୍ଣ ନୁହେଁ ।

ଜିଜ୍ଞାସୁ - କାରଣ ?

ଠାକୁର - ଜନ୍ମ କୁଣ୍ଡଳି ଦ୍ୱାରା ସଞ୍ଚିତ ଫଳର ବିଚାର ଏବଂ ଜ୍ୟୋତିଷ ବିଦ୍ୟା ଦ୍ୱାରା ମଧ୍ୟ କରାଯାଇ ପାରିବ । ପ୍ରାରବ୍ଧର ବିଚାର ଜ୍ୟୋତିଷ ବିଦ୍ୟାର ବିଚାରରେ ବାହାରି ପାରିବ ନାହିଁ ।

ଜିଜ୍ଞାସୁ - ପ୍ରାରବ୍ଧ ବିଚାର କିପରି ବା କେଉଁ ବିଦ୍ୟାରେ ହୋଇ ପାରିବ ?

ଠାକୁର - କର, କପାଳ, କୋଷ୍ଠି ତିନୋଟିର ବିଚାର ଧାରା ହେଉଛି ଜନ୍ମ କୁଣ୍ଡଳୀ, କୋଷ୍ଠି ଜ୍ୟୋତିଷ ବିଦ୍ୟା, କପାଳ ଦର୍ଶନ ବିଦ୍ୟା ଆଉ କର ସାମୁଦ୍ରିକ ବିଦ୍ୟା ।

ଜିଜ୍ଞାସୁ - କପାଳର ବିଚାର କିପରି ହୁଏ ?

ଠାକୁର - କପାଳ ବିଦ୍ୟାରେ ଜନ୍ମ ଜନ୍ମାନ୍ତର ସଂସ୍କାରର ବିଚାର ହୋଇଥାଏ । ଏହା ଦର୍ଶନ ତତ୍ତ୍ୱ ଉପରେ ଆଧାରିତ । ଏହା ଶିକ୍ଷାର ପରିସର ଭୁକ୍ତ ନୁହେଁ । କପାଳ ବିଦ୍ୟା ସାଧନାର ସିଦ୍ଧି ବିଦ୍ୟା ହେତୁ, ଦର୍ଶନ ତତ୍ତ୍ୱରେ ଏହାର ଦର୍ଶନ ଆସିଥାଏ । ଏହି ଦର୍ଶନ ଜ୍ଞାନ ତୃତୀୟ ନୟନ ବା ଚେତନା ଜ୍ଞାନରେ ଦର୍ଶନ ହୋଇଥାଏ । ଏହି ବିଦ୍ୟା ଅଷ୍ଟାଙ୍ଗ ଯୋଗର ସମାଧି ପାଦରେ ଅନୁଭୂତ ଓ ଅନୁଭବ ହୋଇଥାଏ । ଦର୍ଶନ ଯୋଗୀମାନଙ୍କ ପାଇଁ ଏହି ବିଦ୍ୟା ସିଦ୍ଧ ଅଟେ । ଅର୍ଥାତ୍ ଗୁରୁମାନଙ୍କ ଦ୍ୱାରା କପାଳର ବିଚାର ହୋଇଥାଏ ।

ଜିଜ୍ଞାସୁ - ଆଉ କର ବା ହସ୍ତରେଖା ବିଚାର କିପରି ହୋଇଥାଏ ?

ଠାକୁର - କର ବା ହସ୍ତରେଖାର ବିଚାର କୁଣ୍ଡଳି ଚକ୍ରର କ୍ରିୟମାଣ କ୍ରମ ଉପରେ ଆଧାରିତ । ଏହି ବିଚାରଧାରା ସାମୁଦ୍ରିକ ବିଦ୍ୟାର ପରିସର ଭୁକ୍ତ । ଇହ ଜନ୍ମରେ ଜୀବର କ୍ରିୟମାଣ କର୍ମର ଐଶ୍ୱର୍ଯ୍ୟ ହସ୍ତର ଓ ପାଦର ରେଖାମାନଙ୍କ ଦ୍ୱାରା ସୂଚିତ ହୋଇଥାଏ । କର୍ମରେଖା ଅନୁଯାୟୀ ଜୀବ କର୍ମ କଲେ କର୍ମ ତାକୁ ସହାୟ ହୋଇ ଜୀବନ ଯାତ୍ରା ଅନୁକୂଳରେ ଗତି କରିଥାଏ । ଦେଖିବ ସମାଜରେ ଯେଉଁ କର୍ମ ଜଣକ ପାଇଁ ସହାୟକ, ସେହି କର୍ମ ଅନ୍ୟ ଜଣଙ୍କର ବିପଦର କାରଣ । ଜଣେ ବ୍ୟକ୍ତି

ଦୁନିଆରେ ଯେତେ କର୍ମ ଅଛି ସବୁ କର୍ମ ହାସଲ ବା ଅର୍ଜନ କରିପାରିବ ନାହିଁ । ଇହ ଜନ୍ମରେ ଜଣେ କେତେ ଓଳି କର୍ମ କରିପାରିବ ତାହା ତା'ର କୁଣ୍ଡଳି ଗଠନ ସମୟରେ ଗୃହିତ ହୋଇଥାଏ । ଜୀବ ତାହା ଜାଣି ଯଦି ସେହି ପ୍ରକାର କର୍ମ କରେ ଇହ ଜନ୍ମରେ ସେହି ଗୃହିତ କର୍ମଦ୍ୱାରା ଯଶସ୍ୱୀ ହୋଇଥାଏ । ଏହା ଏକମୁଖୀର ବିଚାର ଧାରା ।

ଜିଜ୍ଞାସୁ - ଜୀବନ ଚକ୍ରରେ ବହିର୍ମୁଖୀ ଭାବ କିପରି ?

ଠାକୁର - କହିଲି ପରା ନିଜକୁ ଛାଡ଼ି ଅନ୍ୟସବୁ ବହିର୍ମୁଖୀ । ସୃଷ୍ଟିରେ ସବୁ ଅଛି । ଏହି ସବୁରି ଭିତରୁ ଜୀବ ପାଇଁ ନିର୍ଦ୍ଦିଷ୍ଟ ଭୋଗ ଉଦ୍ଦିଷ୍ଟ ହୋଇଅଛି । ନିଜର ଐଶ୍ୱର୍ଯ୍ୟ ବା ଗୃହିତ କୁଣ୍ଡଳୀ ନିଜ ପାଇଁ ଏକମୁଖୀ ଆଉ ଅନ୍ୟର ଐଶ୍ୱର୍ଯ୍ୟ ଦେଖିବା, ବିଚାର କରିବା, ପ୍ରାପ୍ତିର ଉଦ୍ୟମ କରିବା ହେଉଛି ମୋ ମତରେ ବହର୍ମୁଖୀଭାବ ।

ଜିଜ୍ଞାସୁ - ଜଣେ ବ୍ୟକ୍ତିର କୁଣ୍ଡଳୀ ଚକ୍ର, ଦର୍ଶନ, ଜ୍ୟୋତିଷ, ସାମୁଦ୍ରିକ ଏହି ତିନୋଟି ବିଦ୍ୟାଦ୍ୱାରା କଷା ଯାଇ ଫଳାଫଳ ବାହାର କରାଯାଇଥାଏ । ତେବେ ଜଣେ ବ୍ୟକ୍ତି ଏହି ତିନୋଟି ବିଦ୍ୟାରେ ଦକ୍ଷଥିବା ଜଣେ ଗୁରୁ ପାଇବା ସମ୍ଭବ ନୁହେଁ । କେହି ଦର୍ଶନ ତତ୍ତ୍ୱର ଅଧିକାରୀତ କେହି ଜ୍ୟୋତିଷର ଅଧିକାରୀ, କେହି ସାମୁଦ୍ରିକ ବିଦ୍ୟାର ଅଧିକାରୀ । ଏପରି ବୈଷମ୍ୟ ଗୁରୁବାଦରେ ଥିବାରୁ ଏକମୁଖୀ ବିଚାର ମିଳିବା କଷ୍ଟକର । ଏପରି କ୍ଷେତ୍ରରେ ଆମର କର୍ତ୍ତବ୍ୟ କ'ଣ ?

ଠାକୁର - ସୃଷ୍ଟିର ତ ପୁଣି ଗୋଟାଏ ନିୟମ ଅଛି । ସେତ ପୁଣି ଗୋଟାଏ ନୀତି ନିୟମ ବ୍ୟବସ୍ଥା ଓ ବିଚାର ପୂର୍ବକ ସମସ୍ତ ସୃଷ୍ଟି କରୁଅଛି । ଯେତେବେଳେ ସୃଷ୍ଟିରେ ଯେଉଁ ନିୟମ ନୀତି ଚାଲୁଥିବ, ସେହି ନିୟମରେ ତୁମକୁ ଯିବାକୁ ପଡ଼ିବ । ଯେଉଁ ସମୟରେ ସୃଷ୍ଟିରେ ଯେଉଁ ବିଚାର ଧାରାଥିବ, ତୁମେ ସେହି ବିଚାରରେ ଯିବାକୁ ବାଧ ହେବ । ଆମ କହିବା କଥା ଯେଉଁ ସମୟରେ ଏକାଧାରାରେ ତିନୋଟି ବିଦ୍ୟାର ଅଧିକାରୀ ଗୁରୁ ଆସିଥିବେ, ସେହି ସମୟରେ ତାଙ୍କୁ ଆଶ୍ରୟ କରିବ । ଏପରି ଗୁରୁଙ୍କର ଆବର୍ତ୍ତମାନରେ ବିଦ୍ୟାସିଦ୍ଧ ଗୁରୁମାନଙ୍କଠାରୁ ପୃଥକ୍ ପୃଥକ୍ ବିଚାର ଗ୍ରହଣ କରିବ । ସୃଷ୍ଟିରେ ବିଦ୍ୟା ଅଛି, ଅଧିକାରୀମାନେ ମଧ୍ୟ ଅଛନ୍ତି । କେବଳ ମଣିଷର ଅଜ୍ଞାନତା ଓ ଅବୋଧତାରୁ ବୈଷମ୍ୟ ସୃଷ୍ଟି ହୋଇଥାଏ ।

ଜିଜ୍ଞାସୁ - ନିତି ଦିନର ଚଳନି ଭିତରେ ଏକମୁଖୀ ଭାବ କିପରି ?

ଠାକୁର - ନିତି ଦିନର ଚଳନି ତୁମେ କାହାକୁ କହୁଛ ?

ଜିଜ୍ଞାସୁ - ଯେପରି ଖାଇବା, ଶୋଇବା, ନିତ୍ୟକର୍ମ, ବୃତ୍ତିଗତ କର୍ମ ବା ପେଷାଦାର କର୍ମ, ଆଦାନ ପ୍ରଦାନ ବାକ୍ୟ, ପ୍ରତିଶ୍ରୁତି । ଏହିପରି ମଣିଷ ଯେଉଁ କର୍ମ ଗୁଡ଼ିକ କରୁଛି । ଏହାର ବହିର୍ମୁଖୀ ଆଉ ଏକମୁଖୀ ଭାବ କିପରି ?

ଠାକୁର - ଯଥା ସମୟରେ ଯଥା କାମ କରିବା ହେଉଛି ଏକମୁଖୀ ଭାବ । ଆଉ ଯଥା ସମୟରେ ଯଥା କାମ ନ କରି ଶୋଇ ପଡ଼ିବା ହେଉଛି ବହିର୍ମୁଖୀ ଭାବ ।


ଜିଜ୍ଞାସୁ - ଯଥା ସମୟରେ ଯଥା କାମ କିପରି ? ଉଦାହରଣ ଦେଇ ଟିକେ କୁହନ୍ତୁ ।

ଠାକୁର - ଉଦାହରଣ କ'ଣ ଦେବି ଅନୁଧାନ କର, ଜାଣିପାରିବ । ରାତି ପାହିଲେ ନିଦ ଭାଙ୍ଗେ । ଅର୍ଥାତ୍ ଯଥା ସମୟରେ ନିଦ ଭାଙ୍ଗେ । ତୁମେ ପୁଣି ଶୋଇ ପଡ଼ ୯ଟା ପର୍ଯ୍ୟନ୍ତ । ଏ କ'ଣ ଯଥା ସମୟରେ ଯଥା କାମ ? (କ୍ରମଶଃ)

ଠଠଠ

# ରହସ୍ୟବେଦୀ

## ସମ୍ବଳନି ଯୁଗେ ଯୁଗେ



*ଆଦି ପୁରୁଷ ହେ ପିଣ୍ଡତତ୍ତ୍ୱଜ୍ଞାନ ସାଗର ତରଙ୍ଗ ସମ । ଜଗତ କଲ୍ୟାଣେ ବିତରଣ କରି ଅଜ୍ଞାନତା ଉପଶମ*
*କରିଛ କରୁଛ ପ୍ରାଣ ଭରି ଭଲ ପାଉଛ ଦୀନ ସନ୍ତାନେ । ପଦ୍ମପାଦ ତଳେ ଜାଳୁଛୁ ପ୍ରଣତି ଯେନାକର ହୃଷ୍ଟ ମନେ ॥*

***ଆଦି ପୁରୁଷ ସୃଷ୍ଟିକର୍ତ୍ତାଙ୍କର ବିଚିତ୍ର ବିଧାନ । ଏହି ବୈଚିତ୍ର୍ୟର ସ୍ୱାକ୍ଷରବହନ କରେ ତାଙ୍କର ଏହି ରହସ୍ୟମୟ ସୃଷ୍ଟି । ଜୀବକୁ ଧରାପୃଷ୍ଠରେ ଜନ୍ମଦେଇ ସେ ମାୟା ଓ ମୋହ ଦ୍ୱାରା ଆଚ୍ଛନ୍ନ କରି ବୁଦ୍ଧି ବିଚାର ବିବେକ ହେତୁ ଇତ୍ୟାଦି ଦେଇ ସେହି ମାୟା ମୋହର ଜାଲ ଛିଣ୍ଡାଇ ମୁକ୍ତ ହେବାର ପଥ ନିର୍ଦ୍ଦେଶ କରି ଦିଅନ୍ତି । ଜୀବ ସତ୍ୟ, ଅସତ୍ୟ, ନିତ୍ୟ, ଅନିତ୍ୟ, ପାପ, ପୁଣ୍ୟ ମଧ୍ୟରୁ ଗୋଟିକୁ ବୁଝି ବିଚାରି ବାଛି ନିଏ । ଯେ ଯେପରି ପଥରେ ଆଗେଇ ଯାଏ, ସେ ସେହିପରି ଲକ୍ଷ୍ୟ ପ୍ରାପ୍ତ କରେ । ଏଥିପାଇଁ ତା'କୁ ତା'ର ଶରୀରସ୍ଥ ସ୍ନାୟୁ, କୋଷ ଆଦି ସହଯୋଗ କରିଥାଆନ୍ତି । ଏହି ତତ୍ତ୍ୱର ବ୍ୟାଖ୍ୟା ଧାରାବାହିକ ଭାବରେ 'ଚରମ'ର ଏହି ନିୟମିତ ସ୍ତମ୍ଭରେ ପର୍ଯ୍ୟାୟ କ୍ରମରେ କରାଯାଉଅଛି ।***

'ଚରମ' : ସପ୍ତମ ପୁଷ୍ପ : ତୃତୀୟ ପାଖୁଡ଼ା : ଚତୁଃତ୍ରିଂଶତମ (୩୪ଶ) ସଂଖ୍ୟାର ଅନୁସ୍ମୃତିରୁ :

### (୪୦) ରଜ୍ଜୁଗୁର୍ଜ୍ଜରୀ କୋଷ : (୩) ମୈତୀମାୟା ସ୍ନାୟୁ :

ନାଦ ଗର୍ଦ୍ଦଣ କୋଷର ଭୂଷୁଦ୍ଧି ପଦର ସୂକ୍ଷ୍ମ ସ୍ନାୟୁ ଶୁଣଭଙ୍ଗ ସହିତ ମିଶି ମସ୍ତିଷ୍କରେ ଛତ୍ରି ଭଳୀ ଆକାର ଧାରଣ କରି ରହିଛି । ଏହି ଛତ୍ରୀର ବର୍ଣ୍ଣ ଧବଳ । ମହାଶୂନ୍ୟରୁ ଶୁଣଭୃଙ୍ଗକୁ ଶବ୍ଦ ଆସି ବିଭିନ୍ନ ଶିରା ପ୍ରଶିରାରେ ସ୍ଥାନ ନେଇ କୋଷରେ ପରିଣତ ହୋଇଯାଏ । ମାଆ ପିଣ୍ଡରେ ଥିବା ଶବ୍ଦ ସୁଷୁମ୍ନାକାଣ୍ଡର ଉଦ୍ରମ୍ଭ ବାୟୁ ସହିତ ମିଶି ନିଶବ୍ଦ ଗୃହରେ ପହଞ୍ଚି ଲଲାଟରେ ଥିବା ଚେତା ଆଜ୍ଞା ସ୍ନାୟୁ ସାହାଯ୍ୟରେ ମହାଶୂନ୍ୟର ଶବ୍ଦ ସହିତ ମିଶି ପଦ୍ମନାଭିରେ ପହଞ୍ଚେ । ଏହାଦ୍ୱାରା ଗର୍ଭସ୍ଥ ଶିଶୁର ନାଭିସୂତ୍ରରେ ଥିବା ଶବ୍ଦ ପାବଚ୍ଛବିନ୍ଦୁକୁ ତା ଭେଦ କରି ହୃତ୍‌ପିଣ୍ଡରେ ଧୂସର ବର୍ଣ୍ଣର ନିଶବ୍ଦ ସ୍ନାୟୁକୋଷର ରୂପ ଧାରଣକରେ । ଏହି କୋଷ ସମଗ୍ର ଶରୀରର ସମସ୍ତ ଅବୟବକୁ ମଧ୍ୟ ଶବ୍ଦ ଦ୍ୱାରା ଆଚ୍ଛାଦନ କରେ । ଶିଶୁର ମସ୍ତିଷ୍କରେ ଶବ୍ଦକୋଷ ନୀଳବର୍ଣ୍ଣର ଶିରା ପ୍ରଶିରାରେ ବ୍ୟାପି ରହିଥାଏ । ପିଣ୍ଡ ଭୂମିଷ୍ଠ ହେବାପରେ ସେହି ଶବ୍ଦ କୋଷ ଗୁଡିକ ଧୂସର ବର୍ଣ୍ଣ ଧାରଣ କରେ । ଶବ୍ଦ କୋଷର ପ୍ରତ୍ୟେକଟି ଶବ୍ଦ ଇନ୍ଦ୍ରିୟାଦି ଜାଲଦ୍ୱାରା ସମଗ୍ର ଶରୀରରେ ବିଚ୍ଛୁରିତ ହୋଇ ରହିଥାଏ । ଅସ୍ଥିରେ ମଧ୍ୟ ଶବ୍ଦ ସ୍ନାୟୁ ମିଶ୍ରିତ ହୋଇ ୬୪ (ଚଉଷଠି) ଟି ସ୍ଥାନରେ ଆଭରଣ (ଅଳଂକାର) ଆକାରରେ ରହିଥାଏ । ଶିଶୁ ଉଦରରେ ଏହା ୭ (ସାତ) ଭାଗ ହୋଇ ଶବ୍ଦ ସ୍ନାୟୁକୋଷ ନେଇ ସକ୍ରିୟ ଅଂଶ ଗ୍ରହଣ କରିଥାଏ । ବକ୍ଷରେ ମଧ୍ୟ ଆଗୁଆ ହୋଇ ଏହା ତିନିଗୋଟି ସ୍ଥାନରେ କ୍ରିୟା କରୁଥାଏ । ଶିଶୁ ଜରାୟୁରେ ଥିବା ସମୟରେ ଏହି କୋଷର ବର୍ଣ୍ଣ ଲାଲ ହୋଇଥାଏ । ଭୂମିଷ୍ଠ ହେବା ପରେ ଗୈରିକ ବର୍ଣ୍ଣ ଧାରଣ କରେ । ଗୈରିକ ବର୍ଣ୍ଣ ଧାରଣ କରିବା ପରେ ସଦ୍ୟଜାତ ଶିଶୁ କାନ୍ଦିବା ଦ୍ୱାରା

ତାହା ନାଦ ଗର୍ଦ୍ଦଣ ସ୍ନାୟୁ ଦ୍ୱାରା ବାଧାପ୍ରାପ୍ତ ହୋଇ ଶିଶୁର ସମଗ୍ର ଶରୀରରେ ଖେଳେଇ ହୋଇ ବିସ୍ତାରିତ ହୋଇଯାଏ । ଏହି ଅବସ୍ଥାରେ ଶବ୍ଦ କୋଷ ଶିଶୁର ସମଗ୍ର ଅବୟବକୁ ଏହା ଶବ୍ଦ ସ୍ନାୟୁ ଦ୍ୱାରା ଚଳପ୍ରଚଳ କରୁଥାଏ । ପିଣ୍ଡରେ ମଧ୍ୟ ଶବ୍ଦ ବାୟୁ ସହ ମିଶ୍ରିତ ହୋଇ ରକ୍ତ ସଞ୍ଚାଳନ କାର୍ଯ୍ୟ ସମ୍ପନ୍ନ କରୁଥାଏ । ଏହି ସଞ୍ଚାଳନ କ୍ରିୟା ମହାଶୂନ୍ୟର ବୃଧ୍ରକ ଶବ୍ଦ ମଣ୍ଡଳରୁ ଆସି ଜରାୟୁସ୍ଥ ଶିଶୁର ପିଣ୍ଡରେ କାର୍ଯ୍ୟ ଆରମ୍ଭ କରି ଦେଇଥାଏ । ଏହି କୋଷ ଶୁଣଭୃଙ୍ଗରେ ମିଶି ଶବ୍ଦ ଓ ନାଦର ମିଶ୍ରଣରେ ଜୀବକୁ ସୂକ୍ଷ୍ମରେ ପୂର୍ବାପର ସମ୍ବନ୍ଧର କର୍ମ, ଭୋଗ ଏବଂ ଐଶ୍ୱର୍ଯ୍ୟକୁ ଗତି କରାଏ । ସତ୍ୟେନ୍ଦ୍ରିୟ ବୃତ୍ତି ଗୃହର ନିଷ୍କ୍ରିୟତାରେ ବିକେନ୍ଦ୍ରିୟ ବୃତ୍ତିଗୃହ ସକ୍ରିୟ ହୁଏ ଓ ଏହି କୋଷ ବିକେନ୍ଦ୍ରିୟ ଗୃହରେ ରହି ଶବ୍ଦ ଓ ନାଦ ତୋଳେ, ଯଦ୍ୱାରା ଶିଶୁର ବିକୃତ ଭାବ, ବୁଦ୍ଧି ଇତ୍ୟାଦି ପର୍ଯ୍ୟାୟକ୍ରମେ ବୟସ ବୃଦ୍ଧି ଅନୁପାତରେ ସମତାଳରେ ବଢ଼ି ବଢ଼ି ଯାଉଥାଏ । ବିକୃତ କର୍ମ ମଧ୍ୟ ବଳବତ୍ତର ହୁଏ ।

ଶୁଣଭୃଙ୍ଗ ସତ୍ୟେନ୍ଦ୍ରିୟ ଗୃହର ସଦ୍‌ବୃତ୍ତିଦ୍ୱାରା ସତେଜ ଓ ସକ୍ରିୟ ହେଲେ, ବିକୃତି ଭାବ, ବୁଦ୍ଧି, କର୍ମ ଆଦି କ୍ରମଶଃ ଦୁର୍ବଳ ହୋଇଯାଏ । ଏହି କୋଷ ଶବ୍ଦ ଓ ନାଦର ସହାୟତାରେ କାର୍ଯ୍ୟଶୀଳ ହୋଇ ରହିଥାଏ ।

ଶରୀରସ୍ଥ ଆତ୍ମା (ପିଣ୍ଡପୁରୁଷ) ପିଣ୍ଡପୁରୁଷ ମଣ୍ଡଳରେ ଥିବା ସମୟରେ ପୂର୍ବାପର ସମ୍ବନ୍ଧ ରକ୍ଷା କରି କର୍ମଫଳର ହିସାବ ଓ ମାୟାର ଭାବାଂଶ ନେଇ (ପିଣ୍ଡସ୍ଥ) ଜୀବାତ୍ମା ଏହି ମଣ୍ଡଳରେ ବୃତ୍ତାକାରରେ ଘୂର୍ଣ୍ଣନ କରୁଥାଏ । ବ୍ରହ୍ମ ଜୀବାତ୍ମାର କର୍ମଫଳ ହିସାବ ଦ୍ୱାରା ବିଚାର କରି ଘୂର୍ଣ୍ଣନର ସମୟ ସୀମା ନିର୍ଦ୍ଧାରଣ କରିଥାଆନ୍ତି । ଘୂର୍ଣ୍ଣନ କାଳରେ ଜୀବବ୍ରହ୍ମ ବା ଜୀବାତ୍ମା ପିଣ୍ଡପୁରୁଷ ମଣ୍ଡଳରେ ନୀଳବର୍ଣ୍ଣର ଜ୍ୟୋତିଃ ରୂପ ଧାରଣ କରି ମଣ୍ଡଳ ଭେଦ କରୁଥାଏ । ଜୀବାତ୍ମା ବା ଜୀବବ୍ରହ୍ମ ଏକ ଧୂସର ବର୍ଣ୍ଣର ଆଲୋକ ରେଖାରେ ରୂପାନ୍ତରିତ ହୋଇ ନିମ୍ନମୁଖୀ ଗତିଶୀଳ ହେଲେ ବ୍ରହ୍ମଙ୍କ ଦ୍ୱାରା ପ୍ରେରିତ ହେଲା ବୋଲି ଜାଣିପାରି ମାତୃ ଜରାୟୁ ମଧ୍ୟରେ ପ୍ରବେଶ କରି ବିନ୍ଦୁରେ ସ୍ଥାପିତ ହୁଏ । ପୂର୍ବରୁ ଯେଉଁସବୁ ତତ୍ତ୍ୱଗତ ତଥ୍ୟ ଜଣାଇ ଦିଆଯାଇଛି, ତାହା ଏହି କୋଷ ଦ୍ୱାରା ସମସ୍ତ ସ୍ନାୟୁ ବ୍ରହ୍ମଙ୍କ ରଶ୍ମିରେ ପଡ଼ି କୋଷ ଧାରଣ କରି ଜରାୟୁରେ ଜୀବାତ୍ମା ରୂପରେ ଶିଶୁ ଶରୀରକୁ ଆଚ୍ଛାଦନ କରିଥାଏ । ବ୍ରହ୍ମଙ୍କ ଆଶିଷରେ ମାତୃ ଜରାୟୁରେ ଗଠିତ ହେଉଥିବା ପିଣ୍ଡ ପୂର୍ବଜନ୍ମର ସମ୍ବନ୍ଧିତ ଗୃହୀତ କର୍ମକ୍ଷେତ୍ର ଅଟେ । ଗ୍ରହ, ନକ୍ଷତ୍ରାଦି ପ୍ରଭାବରେ ପିଣ୍ଡ ଗଠନ କାର୍ଯ୍ୟ ଜନନୀର ଜରାୟୁରେ ବ୍ରହ୍ମଙ୍କ ନିର୍ଦ୍ଦେଶମତେ ମାୟା ଦେବୀଙ୍କ ବଳରେ ଯଥାରୀତି ଚାଲିଥାଏ । ପୂର୍ବରୁ ମଧ୍ୟ ଏ ସମ୍ବନ୍ଧରେ କୋଷ ଦ୍ୱାରା ସମ୍ପାଦିତ କର୍ମର ସୂଚନା ଦିଆ ଯାଇଅଛି । ତନ୍ମଧ୍ୟରୁ ଏହି କୋଷ ଦ୍ୱାରା କେତେକ ପ୍ରାଧାନ୍ୟ ବ୍ରହ୍ମଙ୍କ ଠାରୁ ପ୍ରେରିତ ହୋଇଥାଏ ।

ମାତୃଗର୍ଭ ସ୍ୱଚ୍ଛ ଏବଂ ପବିତ୍ର ଥିବାରୁ ଜୀବାତ୍ମା ମାତୃଗର୍ଭରେ ଥିବା ସମୟରେ ପରମାତ୍ମାଙ୍କୁ ଦର୍ଶନ କରେ, ପ୍ରଣାମ କରେ ଓ ମୁକ୍ତି ପାଇଁ ପ୍ରାର୍ଥନା ମଧ୍ୟ କରେ । ସୃଷ୍ଟି ରହସ୍ୟର ନିୟମାନୁଯାୟୀ ସ୍ୱଚ୍ଛ ପବିତ୍ର ମାତୃଗର୍ଭସ୍ଥ ଜୀବାତ୍ମାକୁ ପରଂବ୍ରହ୍ମ ମୁକ୍ତି ଦେଇ ପାପମୁକ୍ତ କରି ପବିତ୍ର କରନ୍ତି । ପୁଣି ସୃଷ୍ଟି ରହସ୍ୟର ନିୟମାନୁବର୍ତ୍ତୀ ହୋଇ ମାୟାଦେବୀଙ୍କ ସହାୟତାରେ ମାୟା ମୋହ ଆସକ୍ତି ଦ୍ୱାରା ଆଚ୍ଛନ୍ନ କରି ଧରାପୃଷ୍ଠରେ ଭୂମିଷ୍ଠ କରାନ୍ତି । ଭୂମିଷ୍ଠ ହେବା ପରେ ମାୟାର ଭାବାଂଶ ପ୍ରଭାବରୁ ଶିଶୁ ସ୍ଥୂଳ ଜନନୀର ପଣତ ତଳେ ସୁକୋମଳ କୋଳରେ ମାୟାରଙ୍କ ହୋଇଯାଏ । ଶିଶୁ ପିଣ୍ଡରେ ବୈଷ୍ଣବୀମାୟାର ଭାବାଂଶ ଚିନ୍ତା, ଇନ୍ଦ୍ରିୟ, ପ୍ରକୃତି, ପ୍ରବୃତ୍ତିର ଅଂଶ ସହିତ ମାୟା ପ୍ରଭାବ ଯୋଗ କରିଦିଏ । ଏହାଫଳରେ ନବଜାତ ଶିଶୁ ମାତୃକୋଳରୁ ପିତାଙ୍କ କୋଳକୁ ଓ ଏହିପରି ପରିବାରର ଅନ୍ୟ ସମସ୍ତଙ୍କ କୋଳରୁ କୋଳକୁ ଓ କ୍ରମଶଃ ବନ୍ଧୁ, ସ୍ୱଜନ ପରିଜନ, ପାଖ ପଡ଼ିଶା ଇତ୍ୟାଦିଙ୍କର ମାୟା ଜାଲରେ କ୍ରମେ କ୍ରମେ ଛନ୍ଦି ହୋଇଯାଏ । ଆସକ୍ତି, ମୋହ ଓ ମାୟାର ଫାଶରେ ପଡ଼ି ସ୍ଥୂଳ ଜୀବ ଏହିପରି ଭାବରେ ବିଭିନ୍ନ ବ୍ୟକ୍ତି, ବସ୍ତୁ, ସ୍ଥାନ, ଘଟଣାଦି ଦ୍ୱାରା ଦୃଢ଼ ଭାବରେ ବାନ୍ଧି ହୋଇଯାଏ । ବୟସ ବଢ଼ିବା ସହିତ ଏହି ବନ୍ଧନ ଦୃଢ଼ରୁ ଦୃଢ଼ତର ହୁଏ । ଜୀବାତ୍ମା ପିଣ୍ଡ ମଧ୍ୟରେ ରହି ପରମାତ୍ମାଙ୍କୁ କରିଥିବା ପୂର୍ବ ପ୍ରାର୍ଥନା ଭୁଲିଯାଏ । ମୁକ୍ତିର ଦ୍ୱାର ନିଜେ

ନିଜେ ରୁଦ୍ଧ କରି ଦେଇ ବଦ୍ଧଜୀବ ହୋଇଯାଏ । ତାହାର ଚିତ୍ତ, ମନ, ଚିନ୍ତା, ଚେତନା ଆଦିରେ ମାୟା ଭାବାଂଶମାନଙ୍କ ଦ୍ୱାରା ମୋହର ରଂଗ ଲେପିଦିଏ । ଅନିତ୍ୟତାରେ ବିମୁଗ୍ଧ ଜୀବ ନିତ୍ୟ, ସନାତନଙ୍କୁ ପାଶୋରି ଦିଏ । ଇନ୍ଦ୍ରିୟ, ପ୍ରକୃତି ପ୍ରବୃତ୍ତି ଓ ରିପୁଗଣଙ୍କୁ ନିଜର ଲୀଳା ଖେଳାର ପ୍ରିୟ ସହଚର, ସହଚରୀ ମନେ କରି ବିଜେନ୍ଦ୍ରିୟ ବୃତ୍ତିକୁ ସତେଜ, ସବଳ ଓ ସକ୍ରିୟ କରି ମଣିଷର ଧର୍ମ, କର୍ମ ଆଦି ଭୁଲିଯାଏ । ଫଳତଃ ସତ୍ୟେନ୍ଦ୍ରିୟ ବୃତ୍ତି ସଂପୂର୍ଣ୍ଣ ରୂପେ ନିସ୍ତେଜ, ଦୁର୍ବଳ ଓ ନିଷ୍କ୍ରିୟ ହୋଇ ରହିଯାଏ । ମାନବ ଶରୀରରେ ଆସୁରିକ ଶକ୍ତିର ପ୍ରବଳ ପରାକ୍ରମଶାଳୀ ପ୍ରତିକ୍ରିୟାରୁ ଦିବ୍ୟଭାବ ସବୁ ଲୁଚି ଛପି ରହିଯାଆନ୍ତି । ଶୁଣଭୃଙ୍ଗ, ନାଦଗର୍ଦ୍ଦଣ, ରକ୍ତଗୁଞ୍ଜରୀ ଆଦି କୋଷ ଜୀବର ଆଭିମୁଖ୍ୟ, କର୍ମଧାରା, ଚିନ୍ତାଧାରା ଆଦିକୁ ଅନୁସରଣ କରି ଭାବ ଓ ବୃତ୍ତି ଯୋଗାଇ ଦିଅନ୍ତି । ଏହାହିଁ ସ୍ରଷ୍ଟାପୁରୁଷଙ୍କର ସୃଷ୍ଟିର ରହସ୍ୟ, ସୃଷ୍ଟିର ବୈଚିତ୍ର୍ୟ ଏଥିରେ ହିଁ ନିହିତ ।

ପରଂବ୍ରହ୍ମ ପିଣ୍ଡବ୍ରହ୍ମାଣ୍ଡରେ ଜୀବାତ୍ମାକୁ ମାୟାର ଭାବାଂଶ ଦ୍ୱାରା ଶୀଳାକୃତିର ଚିତ୍ତ, ଚେତନା ବର୍ଣ୍ଣ ପ୍ରଦାନ କରିଥାଆନ୍ତି । ପିଣ୍ଡ ପୁରୁଷ ମଣ୍ଡଳରେ ଜୀବାତ୍ମା ଖେଳୁଥିବା ସମୟରେ ଗ୍ରହନକ୍ଷତ୍ରାଦି ଜୀବର ପୂର୍ବଜନ୍ମର କର୍ମ ଓ ଫଳ ଅନୁରୂପ ବିବିଧ ବର୍ଣ୍ଣରେ ରଙ୍ଗୀନ ଫଳ ଦ୍ୱାରା ତା'କୁ ପ୍ରଭାବିତ କରନ୍ତି । ଜୀବର ପୂର୍ବଜନ୍ମର କର୍ମ ଅନୁରୂପ ଫଳର ହିସାବ ଅନୁସାରେ ସୂକ୍ଷ୍ମ ଶରୀର ଧାରଣ କରି ପିଣ୍ଡପୁରୁଷ ମଣ୍ଡଳରେ ଜ୍ୟୋତିଃ ରୂପରେ ପରବର୍ତ୍ତୀ ଜନ୍ମକୁ ଅପେକ୍ଷା କରି ରହିଥାଏ । ଧରାପୃଷ୍ଠରେ ସ୍ଥୂଳ ଜନନୀ ଗର୍ଭରେ ସ୍ଥାନ ପାଇବା ମୁହୂର୍ତ୍ତରୁ ପୂର୍ବକଥିତ କର୍ମଫଳର ହିସାବ ଅନୁଯାୟୀ ବର୍ଣ୍ଣ ଜୀବ ଭୋଗ କରେ । ଏହି ଫଳିତ ବର୍ଣ୍ଣରେ ଶିଶୁ ଧରାଧାମରେ ଭୂମିଷ୍ଠ ହେବାପରେ ବୟସ ଅନୁପାତରେ ବିକାଶଶୀଳ ହୋଇ ପୂର୍ବ ଐଶ୍ୱର୍ଯ୍ୟ ପ୍ରକାଶ କରେ । ଏହି ଐଶ୍ୱର୍ଯ୍ୟ ମାଧ୍ୟମରେ ମହାଶୂନ୍ୟରେ ବ୍ରହ୍ମଙ୍କର ଲୀଳା ସୂକ୍ଷ୍ମସୂତ୍ରରେ ପ୍ରକଟ ହୋଇଥାଏ । ଧରାଧାମରେ ଜୀବ ଭୂମିଷ୍ଠ ହୋଇ ପୂର୍ବ ନିଷ୍ପତ୍ତି ଅନୁସାରେ ନିଜ ବୁଦ୍ଧିରେ କାର୍ଯ୍ୟକରି ଧନୀ, ଦରିଦ୍ର, ଜ୍ଞାନୀ, ଅଜ୍ଞାନ, ପଣ୍ଡିତ ମୂର୍ଖ, ବିବେକୀ ଅବିବେକୀ ଇତ୍ୟାଦି ବିଚାର ଧାରାରେ କର୍ମମୟ ଜୀବନ ଆରମ୍ଭ କରେ । (କ୍ରମଶଃ)

୦୦୦

ପିତା ମାତା ଭାଇବନ୍ଧୁ
କେ' ନୁହଁନ୍ତି ତୋହରି ।
ଦି'ଦିନ ନାଟକ ଏ ଯେ
ଦେ'ରେ ସବୁ ପାଶୋରି ।।
ତୋର ଯିଏ ଆପଣାର
ରହିଛି ସେ ତୋ' ପାଶେ ।
ଚୈତନ୍ୟକୁ ପଚାରିତୁ'
ମାତି ଯା'ରେ ତା' ଆଶେ ।।



# କଲ୍ୟାଣ ହେଉ ତୋତେ

ପ୍ରେମ ଏବଂ ସେବା ଦ୍ୱାରା ମୁକ୍ତି ଓ ଭକ୍ତି ଲାଭ ହୋଇଥାଏ । ପୁଣି ଭକ୍ତି କ୍ରମଶଃ ପୁଷ୍ଟ ହୋଇ ପରିପକ୍ୱ ହେଲେ, ପ୍ରେମ ପବିତ୍ର, ଇନ୍ଦ୍ରିୟାତୀତ ଏବଂ ଆତ୍ମିକ ହୋଇଯାଏ । ଅତିନ୍ଦ୍ରିୟ ପ୍ରେମ ଭଗବତ୍ କୃପା, କରୁଣା ଓ କଲ୍ୟାଣ ଲାଭ କରିବାରେ ସହାୟକ ହୁଏ । ବିଶ୍ୱପିତା ଚରମପାଦ ଠାକୁରେ ଆମକୁ କ'ଣ ଦେଇ ନାହାନ୍ତି ସତେ ! ମାତ୍ର ସବୁ ପାଇବା ପରେ ମଧ ଆମର ପାଇବାର ଆଶା ପରିପୂର୍ଣ୍ଣ ହୋଇନାହିଁ । କାରଣ ସବୁ ପାଇବା ମଧ୍ୟରେ ଆମେ ଅନ୍ଧ ହୋଇ ତାଙ୍କୁ ଏପର୍ଯ୍ୟନ୍ତ ସାର୍ଥକ ଭାବରେ ପାଇପାରିନାହୁଁ । ତେଣୁ ଅସନ୍ତୋଷ ବିଷ ଆମର ଅମୃତକୁ ବିଷାକ୍ତ କରି ତୋଳିଛି । ତାଙ୍କରି ଅପାର କରୁଣାରୁ ଆମେ ଯାହାକି ଏ ଯାବତ୍ ପାଇଛୁ/ପାଉଛୁ, ସେସବୁର କେନ୍ଦ୍ର (ମଧ୍ୟସ୍ଥଳ)ରେ ଶ୍ରୀଗୁରୁସ୍ୱାମୀ ଠାକୁରଙ୍କର ଦିବ୍ୟସତ୍ତା ଉପଲବ୍ଧ କଲେ ଆମର ସକଳ ଆଶା ଆକାଂକ୍ଷା/କାମନା ବାସନା ନିଃଶେଷ ହୋଇଯିବ, ଦିବ୍ୟ ଶାନ୍ତି ମିଳିବ, ପରିପୂର୍ଣ୍ଣ ଆନନ୍ଦ ମିଳିବ, ମୁକ୍ତି ମିଳିବ, ଭକ୍ତି ମିଳିବ, ଭଗବତ୍ ପ୍ରେମରେ ପ୍ରାଣ ଓ ହୃଦୟ ପରିପୂର୍ଣ୍ଣ ହୋଇଯିବ । ଏହା ଅନୁଭୂତି ସିଦ୍ଧ, କେବଳ ବାକ୍ୟାଡ଼ମ୍ବର ନୁହେଁ । ଏ ସବୁ ଅବ୍ୟକ୍ତ ମଣ୍ଡଳର ଆଦି ଅନାଦି ଜଗତର ଚରମ ଅନୁଭୂତି ପ୍ରତ୍ୟେକଙ୍କୁ ଦେବାପାଇଁ ଠାକୁରେ କଳିଯାଉ ତୁଳ ତୋଳି ଦିନରାତି ଅପେକ୍ଷା କରି ରହିଛନ୍ତି ସିନା, ମାତ୍ର ଆମେ ଏ ପର୍ଯ୍ୟନ୍ତ ତାହା ତାଙ୍କ ଶ୍ରୀକରକମଳରୁ ଗ୍ରହଣ କରିନେବା ପାଇଁ ଯୋଗ୍ୟତା ଅର୍ଜନ କରିପାରିନାହୁଁ । ଏହାହିଁ ଆମର କର୍ମ ବିପାକ, ବିଧି ବିଡ଼ମ୍ବନା । ଏହା ନୁହେଁ ତ ଆଉ କ'ଣ ? ଠାକୁରେ କହିଛନ୍ତି ପରା !

'ମନ ନିର୍ମଳ ହୃଦ ପବିତ୍ର । ହେଲେ ତୁମ ସଙ୍ଗେ ହେବୁ ଏକତ୍ର ।।'

ପୁଣି,

'ମୁଁ ମୋର ମୋତେ ମାରିବୁ ଯେବେ । ଧନରେ ଆମକୁ ପାଇବୁ ତେବେ ।।'

ଯାହା ଦେଇଅଛ    ସେସବୁ ଭିତରେ
ତୁମକୁ ପାଇବା ପାଇଁ
କରହେ କରୁଣା    କଲ୍ୟାଣ କଣା
ତିଳେ ଊଣା କର ନାହିଁ ।।
କଲ୍ୟାଣର ଧାରା    ବରଷି ଦିଅହେ
ସିକ୍ତ କର ମୋ' ପ୍ରାଣ ।
କରୁଣା କରହେ    ହେ କରୁଣାକର
ଭକ୍ତବନ୍ଧୁ ଆର୍ତ୍ତତ୍ରାଣ ।।

'ଚରମ'ରେ ଧର୍ମନନ୍ଦନ ମୋର ଅନ୍ଧ-ଲଉଡି !
କରୁଣା କଲ୍ୟାଣ ଦେଉଛି ତୋର ଶିରେ ଅଜାଡି ॥
ଚାହୁଁନାହିଁ ଧନରତନ ଟଙ୍କା ସୁନା କଉଡି ।
ଚାହୁଁଛି ସନ୍ଦେଶ ପଥରେ ଚାଲ ପଥ ନହୁଡି ॥
ନିଃସ୍ୱାର୍ଥ ମାନବ ସେବାରେ କେବେ ନ କରି ହେଳା ।
ନିଜକୁ ମାଧବ ସେବାରେ ନିତି ନିୟତ ଢଳା ॥
ଆତ୍ମସ୍ୱାର୍ଥ ତେଜି ପାରିଲେ ସେବା ହୁଏ ସଫଳ ।
ସ୍ୱାର୍ଥ ବିଜଡିତ ସେବାର କିଛି ନହୁଏ ଫଳ ॥
ନିଷ୍ଫଳ ତୋ' ସେବାଧରମ କର୍ମ ବିପାକ ଆସେ ।
ସେବା କରି ଯିଏ ପ୍ରତ୍ୟାଶା ମନ କୋଣରେ ପୋଷେ ॥
ଗାଉ ଏ ଜଗତ ତୋ' ନିନ୍ଦା ତହିଁ ନିଘା ନକର ।
ମାନବ ସେବାରେ ତୋହର ସବୁ କିଛି ବିତର ॥
ପରଆପଣାର ଭେଦକୁ ମନୁ କରି ନିର୍ମୂଳ ।
ମନ ପ୍ରାଣ ହୃଦ ପବିତ୍ର ପୁଣି କର ନିର୍ମଳ ॥
ମନ ପ୍ରାଣଭରି ନିର୍ମଳ ପ୍ରେମ ଆନକୁ କର ।
ପଦ୍ମପାଦ ନିତି ନିୟମ ଲୟ ଧ୍ୟେୟରେ ଧର ॥
ସେବା ଆଉ ପ୍ରେମ ଦିଅଇ ବନ୍ଧନରୁ ମୁକତି ।
ମୁକତି ଲଭିଲେ ଧନରେ ସଂଚରଇ ଭକତି ॥
ଭକତି ପାଚିଲେ ପ୍ରେମରେ ତାହା ବଦଳି ଯାଇ ॥
କରୁଣା କଲ୍ୟାଣ ଲାଭରେ ସହାୟକ ହୁଅଇ ॥
ପବିତ୍ର ପ୍ରେମର ବିଶ୍ୱରେ ନାହିଁ ପଟାନ୍ତର ।
ମନ ନିରିମଳ କରରେ ସ୍ୱଚ୍ଛ କର ଅନ୍ତର ॥
ଦୁଇ ଭୁଜ ଟେକି କହୁଛି ତୋତେ କଲ୍ୟାଣ, ଧନ ।
ଆମ ପ୍ରତି ପ୍ରତିନିୟତ ଢାଳି ଦିଅ ତୋ' ମନ ॥

୦୦୦

# କେଶବ କୈବଲ୍ୟ କଣିକା

୧. ଜଣଜଣଙ୍କର ଆନୁମାନିକ ପଚାଶ ପ୍ରକାର ଭାବ ରହିଛି । ତୁମେ କେବେହେଲେ ସବୁ ଭାବର ସ୍ମରଣ କରି ପାରିବ ନାହିଁ । ସୃଷ୍ଟିରେ ସେହିପରି ଅନେକ ଅମୀମାଂସିତ ବିଷୟ ରହିଛି । ତା'ର ମୀମାଂସା ମଧ୍ୟ ତୁମେ କରିପାରିବ ନାହିଁ ।

୨. ପ୍ରହ୍ଲାଦ ଭଳି ସବୁ ପିଲା ହେବେ ନା ସମସ୍ତେ ବିଦ୍ୟାଧରଙ୍କୁ ଖୋଜିବେ ? ପ୍ରହ୍ଲାଦ ଗୁରୁଙ୍କ ଆଶ୍ରମରେ ଯେତେବେଳେ ବିଦ୍ୟାରମ୍ଭ କଲେ, ପ୍ରତ୍ୟେକ ପ୍ରତ୍ୟକ୍ଷ ଅକ୍ଷରର ସୃଷ୍ଟି କିପରି ଓ ଅକ୍ଷର ସୃଷ୍ଟିକର୍ତ୍ତାଙ୍କର ପରିଚୟ ଗୁରୁଙ୍କୁ ପଚାରୁଥିଲେ । ତୁମେମାନେ ଶିକ୍ଷାଲାଭ କରି କିଏ କିଏ ବି.ଏ, ଏମ୍.ଏ ପାଶ୍ କଲଣି, କିଏ ମଧ୍ୟ ତହିଁରୁ ଅଧିକ ଶିକ୍ଷା ଅର୍ଜନ କରି ଚାକିରୀ କଲଣି, କିନ୍ତୁ ତୁମର ବିଦ୍ୟାର୍ଜ୍ଜନ କେବଳ ବୈଷୟିକ କର୍ମ ବା ସଂସାର ଚଳାଇବା ଅର୍ଥରେ ବିନିଯୋଗ କରିବା ପାଇଁ ଉଦିଷ୍ଟ, ନୁହେଁ କି ? ତୁମେ ବିଦ୍ୟାଧରଙ୍କୁ ଖୋଜିବା ବା ପାଇବା ପାଇଁ ବ୍ୟଗ୍ର ହେବ ବା କିପରି ??

୩. ଯୁଗେ ଯୁଗେ ସମାଲୋଚନା ରହିଛି । ସମାଲୋଚନା ହିଁ ସମାଧାନର ପନ୍ଥା ।

୪. ଆଲୋଚନା କରିବାର ସ୍ଥାନ, କାଳ, ପାତ୍ର ବିବେଚନା ରହିଛି । କାରଣ, ମସ୍ତିଷ୍କ ବା ବ୍ରେନ୍‌ର ମୌସୁମୀ ଅଛି ।

୫. ଧର୍ମ ଧାରା ପଥ ଯନ୍ତ୍ରଣା ଦାୟକ । ସଂସାର ପଥ ଶାନ୍ତି ଦାୟକ । ଯେ ପର୍ଯନ୍ତ ଧର୍ମଧାରା ପଥରେ ବାସ୍ତବ ଅନୁଭୂତି ନ ପାଇଛ ବା ତହିଁରେ ମଜ୍ଜି ନ ଯାଇଛ, ସେ ପର୍ଯ୍ୟନ୍ତ ଧର୍ମଧାରା ପଥରେ ଶାନ୍ତି ପାଇ ପାରିବ ନାହିଁ ।

୬. କିଏ କ'ଣ କରୁଛି ନ କରୁଛି, ସେଥିପ୍ରତି ନଜର ନଦେଇ ତୁମେ ତୁମ ନିଜର କର୍ତ୍ତବ୍ୟ କରିଚାଲ । ଅନ୍ୟର କଥା ଶୁଣିଲେ କି ଲାଭ ପାଇବ ? ନିଜକୁ ନିଜେ ମାପୁନା, ହଜାରେ ଲୋକ ଖରାପ ବୋଲି କହିଲେ, ତୁମେ କଣ ଖରାପ ହୋଇଯିବ ??

୭. ପ୍ରାପ୍ତ ଧନର ବୃଦ୍ଧି ନିମନ୍ତେ ଅଧିକ ଆଶାରଖି ଧନକୁ କାର୍ଯ୍ୟତଃ ଧର୍ମ, କାମ, ମୋକ୍ଷ ସମ୍ବନ୍ଧରେ କିଛି ହିଁ ଧାରଣା ନ ଥାଇ ବ୍ୟୟ କରୁଥିବା ବ୍ୟକ୍ତିଙ୍କୁ ଧନୀ ଶ୍ରେଣୀରେ ମୂଢ଼ ବୋଲାଯାଏ ।

୮. ଜିଜ୍ଞାସୁ, ଜ୍ଞାନୀ, ଗୁଣୀ, ବୟସ୍କ, ଅନୁଭୂତି ସମ୍ପନ୍ନ, ପରିଶ୍ରମୀ, ଧିରସ୍ଥିର, ନ୍ୟାୟବନ୍ତ ଆଦି ଗୁଣ ସମ୍ପନ୍ନ ବ୍ୟକ୍ତିମାନଙ୍କ ସହିତ ବିଚାର ପରାମର୍ଶ କଲେ, ଜ୍ଞାନ ବଢ଼େ । ସେହିପରି ରାଜ କର୍ମଚାରୀ ଭାବରେ ନିଯୁକ୍ତି ପାଇଲେ, ମର୍ଯ୍ୟାଦା ବଢ଼େ । ସଂଚିତ ଧନ ଦାନ କଲେ, ପୁଣ୍ୟ ଓ ଯଶ ବଢ଼େ ଏବଂ ବ୍ୟବସାୟ ବାଣିଜ୍ୟ କଲେ ଧନବୃଦ୍ଧି ହୁଏ ।

୯. ଯେଉଁ ସ୍ତ୍ରୀ ପତିବ୍ରତା ହୁଏ ନାହିଁ ଏବଂ ଯେଉଁ ପୁରୁଷ ବ୍ୟବସାୟ କରି ପାରେନା, ସେମାନେ ସମୟକ୍ରମେ ନିର୍ଦ୍ଧନ ହୁଅନ୍ତି ଓ ନାନା କ୍ଲେଶ ଭୋଗ କରନ୍ତି ।

୧୦. କୋଟିପତି ହୋଇ ମଧ୍ୟ ଉପାର୍ଜନ ପ୍ରତି ଦୃଷ୍ଟି ନ ଦେଇ ଗଚ୍ଛିତ ଧନରୁ ବ୍ୟୟ କରି ଚାଲିଲେ. କାଳକ୍ରମେ ସେ ମଧ୍ୟ ନିର୍ଦ୍ଧନ ହେବା ଅସମ୍ଭବ ନୁହେଁ ।

୧୧. କୋଟିପତି ନିର୍ଦ୍ଧନ ହୋଇଗଲେ, ତା'ର ବୁଦ୍ଧି ବିବେକ ଠିକ୍ ରହେ ନାହିଁ । ପୂର୍ବ ଅଭ୍ୟାସ ବଶତଃ ଅନୁଚିତ ବ୍ୟୟରୁ ବିରତ ନ ହୋଇ ମହାଦରିଦ୍ରର ଦଶା ଭୋଗକରେ । ଧନୀମାନଙ୍କ ମଧ୍ୟରେ ଏପରି ଧନର ଅପବ୍ୟୟୀ ବ୍ୟକ୍ତିକୁ ମୂଢ଼ କୁହାଯାଏ ।

୧୨. ପ୍ରାପ୍ତ ଧନରେ ତୃପ୍ତ ନ ହୋଇ ସର୍ବଦା ପ୍ରଚୁର ଧନ ଲାଳସାରେ ଯେଉଁ ବ୍ୟକ୍ତି ବ୍ୟସ୍ତରହେ ତାକୁ ବହ୍ମାଶ ବୋଲି କୁହାଯାଏ । ଏତାଦୃଶ ବହ୍ମାଶର ଅତିଲୋଭହେତୁ ଅକାଳରେ ମୃତ୍ୟୁ ହେବା ମଧ୍ୟ ଅସମ୍ଭବ ନୁହେଁ ।

୧୩. ଗୁରୁଙ୍କୁ ତୁମର ସ୍ନେହ ବନ୍ଧନରେବାନ୍ଧିବାକୁ ଚେଷ୍ଟାକର ନାହିଁ, ହାରିଯିବ । ଗୁରୁଙ୍କର ସ୍ନେହ ବନ୍ଧନରେ ନିଜେ ବାନ୍ଧି ହୋଇଯାଅ, ଜିତିଯିବ ।

୧୪. ପାତକ ବତିଶ ପ୍ରକାର । ଗୁରୁଜନଙ୍କ ପ୍ରତି କଟୁବାକ୍ୟ ପ୍ରୟୋଗ କରିବା ତନ୍ମଧ୍ୟରୁ ଏକ ପାତକ । କେତେଗୁଡିଏ ପାତକର ସମଷ୍ଟିରେଗୋଟିଏ ମହାପାତକ ହୋଇଥାଏ । ଘରପୋଡି, ଗୋବଧ ଇତ୍ୟାଦି ଗୋଟିଏ ଗୋଟିଏ ମହାପାତକ । ପୂର୍ବଜନ୍ମରେ ପରଘରବୁଡା ନୀତିରୁ ସର୍ପାଘାତ ଭଳି ପାତକ ଲାଗିଥାଏ ।

୧୫. ଅନୁଭବ ଏକ ବିବର୍ତ୍ତନ ସୂତ୍ର । ଅନୁଭୂତି ଏପରି ଯେ, ତାହା ଠିକ୍ ଭାବରେ ଭାଷା ମାଧ୍ୟମରେ ପ୍ରକାଶ କରିହୁଏ ନାହିଁ ॥

୧୬. ହେତୁ ବାର ପ୍ରକାର । ଆଠ ପ୍ରକାର ହେତୁ ବୋଧଗମ୍ୟ । ବାକି ଚାରିପ୍ରକାର ଅବୋଧ । ତେଣୁ ବୁଝିହୁଏ ନାହିଁ ।

୧୭. ଉତ୍ତର ଦେବା ବ୍ୟକ୍ତି ଠାରୁ ପ୍ରଶ୍ନ ପଚାରୁ ଥିବା ବ୍ୟକ୍ତି ବଡ । କାରଣ, ପ୍ରଶ୍ନଦ୍ୱାରା ବୁଦ୍ଧିର ମନ୍ଥନ ହୋଇଥାଏ । ବ୍ୟକ୍ତିର ବୁଦ୍ଧି ଆପେ ଆପେ ବିକଶିତ ହୋଇପାରେ ନାହିଁ ॥

୧୮. ହଠାତ୍ ପ୍ରଶ୍ନର ଉତ୍ତର ଯାହା ଆସେ, ତାହା ପରାଶକ୍ତିରୁ ଆସିଥାଏ ।

୧୯. ଶିବଙ୍କର ଅଷ୍ଟାଙ୍ଗ ଯୋଗ, ତପଲୋକ ।

OOO

ମିଥ୍ୟା କପଟତା ଛଳ ତୁ ଛାଡ଼ ।
ଦିବ୍ୟ ଗୁଣେ ଦିବ୍ୟ ଆତ୍ମାକୁ ଗଢ଼ ॥
ଯେଉଁମାନେ ପର କଲୁ ଆପଣାର
ଆପଣାକୁ କଲୁ ପର ।
ଆପଣାର ଯିଏ ତା'କୁ ବରି ନେଇ
ଧନ, ଆପଣାର କର ॥




## ଧାରା ଗ୍ରହଣ ପରେ

**'ଚରମ' : ସପ୍ତମ ପୁଷ୍ପ : ତୃତୀୟ ପାଖୁଡ଼ା : ଚତୁଃତ୍ରିଂଶତମ (୩୪ଶ) ସଂଖ୍ୟାର ଅନୁସ୍ମୃତିରୁ.....**

ପୂର୍ବ ସଂଖ୍ୟାରେ ତୁମମାନଙ୍କୁ ଅର୍ଘ୍ୟ ଫଳ ଓ ଅର୍ଘ୍ୟତିଥି ନିର୍ବାଚନ ସଂପର୍କରେ ସୂଚନା ଦେଇଥିଲି । ଜିନ୍ ବା ସୂକ୍ଷ୍ମଶରୀର ପୂର୍ବ ଜନ୍ମ ଜନ୍ମାନ୍ତରର ସଂସ୍କାର ଧରି ଏ ଜନ୍ମରେ ପିଣ୍ଡ ବା ଶରୀରରେ (ସ୍ଥୂଳଶରୀର) ଅବସ୍ଥାନ କରେ । ଏହି ସଂସ୍କାର ଅନୁରୂପ କର୍ମ ଏହି ଧରା ଧାମରେ ଭୂମିଷ୍ଠ ହୋଇ ଜୀବ କରେ । ଜୀବର କର୍ମ ଅନୁଯାୟୀ ଏ ଜନ୍ମରେ କ୍ରିୟମାଣ ଫଳ ଜୀବକୁ ଭୋଗ କରିବାକୁ ହୁଏ । ପୂର୍ବ ଜନ୍ମ ଜନ୍ମାନ୍ତରର କର୍ମ ଫଳ ପୂର୍ବ ଜନ୍ମମାନଙ୍କରେ ସଂପୂର୍ଣ୍ଣ ଭୋଗ ନ ହୋଇ ଜୀବ ଦେହତ୍ୟାଗ କଲେ, ସେହି ଅବଶିଷ୍ଟ କର୍ମଫଳ ସଞ୍ଚିତ ହୋଇ ପରଜନ୍ମରେ ହିଁ ଭୋଗ ହୁଏ । ଏତଦ୍ ବ୍ୟତୀତ ମାତୃ ଜରାୟୁରେ ବିନ୍ଦୁ ସ୍ଥାପନ ସମୟର ଗ୍ରହନକ୍ଷତ୍ରାଦିର ଚଳନଗତ ପ୍ରଭାବରୁ ମଧ୍ୟ ଜୀବକୁ କିଛି କର୍ମଫଳ ଭୋଗ କରିବାକୁ ହୁଏ । ଏହାକୁ ମଧ୍ୟ ସଞ୍ଚିତ ଫଳ କୁହାଯାଏ । କ୍ରିୟମାଣ ଓ ସଞ୍ଚିତ ଫଳ ମଧ୍ୟରୁ ଯେଉଁଟି ଭୋଗ ହେଉଥାଏ, ସେହି ଫଳଭୋଗ ପର୍ଯ୍ୟାୟକୁ ପ୍ରାରବ୍ଧ କୁହାଯାଏ । ପ୍ରାରବ୍ଧ ବୋଲି ଏକ ସ୍ୱତନ୍ତ୍ର କର୍ମଫଳ ନ ଥାଏ । ତୁମମାନଙ୍କ ମଧ୍ୟରୁ ଅନେକେ ପ୍ରାରବ୍ଧ ସଂପର୍କରେ ସ୍ପଷ୍ଟ ଧାରଣା ନରଖି କଥାକଥାକେ ପ୍ରାରବ୍ଧ ଶବ୍ଦଟିକୁ ଉଚ୍ଚାରଣ କରୁଥିବାର ଆମେ ଶୁଣୁଛୁ ।

ତମମାନଙ୍କ ମଧ୍ୟରୁ ପ୍ରାୟ ସମସ୍ତଙ୍କର ଧାରଣା ଯେ, ଯାହାର ଯେତେ ପାପ କର୍ମ, ସେହି ପରିମାଣକୁ ଲକ୍ଷ୍ୟରେ ରଖି ଆମେ ଫଳ ସଂଖ୍ୟା (ଅର୍ଘ୍ୟଫଳ) ଦେଇ ଥାଉଁ । ଏ ଧାରଣା ସଂପୂର୍ଣ୍ଣ ଭୁଲ । ଫଳ ନିର୍ବାଚନ ଓ ସଂଖ୍ୟା ନିର୍ଦ୍ଧାରଣ କେବଳ ପାପଫଳ ନୁହେଁ ପୁଣ୍ୟ ଫଳକୁ ମଧ୍ୟ ବିଚାର କରି ଦିଆଯାଏ । ତା' ବ୍ୟତୀତ ତୁମମାନଙ୍କର ସତ୍ତ୍ୱ, ରଜ, ତମ ଏହି ତ୍ରିଗୁଣର ବୈଷମ୍ୟର ଅନୁପାତକୁ ବିଚାର କରି ହିସାବରଖି ଫଳ ନିର୍ବାଚନ, ସଂଖ୍ୟା ନିର୍ଦ୍ଧାରଣ ଓ ତିଥି ନିର୍ଦ୍ଧାରଣ କରାଯାଇଥାଏ ।

ପୂର୍ବ ସଂଖ୍ୟାମାନଙ୍କରେ ଏହି ପ୍ରସଙ୍ଗରେ ଆଲୋଚନା କରି ଆମେ ମୂଳରୁ କହିଅଛୁ, ଅର୍ଘ୍ୟତିଥି (ପୂର୍ଣ୍ଣିମା, ଅମାବାସ୍ୟା, ସଂକ୍ରାନ୍ତି ଇତ୍ୟାଦି), ଅର୍ଘ୍ୟଫଳ (ନଡ଼ିଆ, ଗୁଆ, ହରିଡା, ବାହାଡ଼ା ଇତ୍ୟାଦି), ଅର୍ଘ୍ୟଫଳର ସଂଖ୍ୟା (ନଡ଼ିଆ୧, ଗୁଆ୧, ହରିଡା୨, ବାହାଡ଼ା୩ ଇତ୍ୟାଦି), ଅର୍ଘ୍ୟପ୍ରଦାନ ମନ୍ତ୍ର, ଅର୍ଘ୍ୟ ପ୍ରଦାନ ମୁଦ୍ରା ଇତ୍ୟାଦି ନିର୍ବାଚନ କରିବାର ଅନେକ ସୂତ୍ର ରହିଛି । ସେ ସବୁ ସୂତ୍ର ଏତେ ସୂକ୍ଷ୍ମାତିସୂକ୍ଷ୍ମ ଯେ, ତାହା ଭାଷାରେ ଲେଖି 'ଚରମ' ପୃଷ୍ଠାରେ ଛପାଇବା ବା ମୁହଁରେ କହି ବୁଝାଇବା ବଡ଼ କଷ୍ଟକର ଓ ଅସୁବିଧାଜନକ । ତଥାପି ତୁମର ମୋଟାମୋଟି ସ୍ଥୂଳଧାରଣା ପାଇଁ 'ଚରମ'ର ଗତ ସଂଖ୍ୟାରେ ଅମାବାସ୍ୟା ଅର୍ଘ୍ୟତିଥି ଓ ଆମାବାସ୍ୟା ଅର୍ଘ୍ୟଫଳ ସଂକ୍ରାନ୍ତରେ ଲେଖିଥିଲି । ମୁଁ ଜାଣିଛି, ସେଥିରୁ ତୁମେ ସେପରି କିଛି ଅଧିକ ଜାଣିପାରି ନଥିବ । ଜାଣିବା ମଧ୍ୟ ତୁମ ପକ୍ଷରେ ସମ୍ଭବ ନୁହେଁ । କେବଳ ସ୍ଥୂଳ ଧାରଣା ରଖି ଭୁଲଧାରଣାକୁ ମନରୁ ତଡ଼ି ଦେବାକୁ ଚେଷ୍ଟା କର । ଏଥର ପୂର୍ଣ୍ଣିମା ଅର୍ଘ୍ୟ ତିଥିରେ ଅର୍ଘ୍ୟଫଳ ବିଷୟରେ ନିମ୍ନରେ ଲେଖୁଛି ।

୧. ପିଣ୍ଡପୁରୁଷ ମଣ୍ଡଳର କୁଚ୍ଛେୟ ଗୃହରୁ ଆସିଥିବା ଆତ୍ମାର ଅର୍ଘ୍ୟତିଥି ପୂର୍ଣ୍ଣିମା ଓ ତାହାର ଅର୍ଘ୍ୟଫଳ ୧ ଗୁଆରୁ ୭ଗୁଆ ପର୍ଯ୍ୟନ୍ତ । ସେହି ଏକମଣ୍ଡଳରୁ ଆସିଥିବା ଆତ୍ମାଗୁଡ଼ିକର ସତ୍ତ୍ୱଗୁଣର ପରିମାଣକୁ ଲକ୍ଷ୍ୟ କରି, ପୂର୍ବ ଜନ୍ମର ସଂସ୍କାରକୁ ବିଚାର କରି, ବିନ୍ଦୁସ୍ଥାପନ ସମୟର ଗ୍ରହନକ୍ଷତ୍ରର ଚଳନକୁ ହିସାବ କରି କାହାକୁ ଗୋଟିଏ, କାହାକୁ ଦିଓଟି, କାହାକୁ ତିନୋଟି - ଏହି କ୍ରମରେ ସାତୋଟି ପର୍ଯ୍ୟନ୍ତ ଗୁଆ ନିର୍ବାଚନକରି ପୂର୍ଣ୍ଣିମା ତିଥିରେ ଅର୍ଘ୍ୟ ପ୍ରଦାନ କରିବାକୁ ବ୍ୟବସ୍ଥା କରାଯାଇଥାଏ ।

୨. ପିଣ୍ଡପୁରୁଷ ମଣ୍ଡଳର ଅରୁଧୀ ଗୃହରୁ ଆସିଥିବା ଆତ୍ମାର ଅର୍ଘ୍ୟତିଥି ପୂର୍ଣ୍ଣିମା । ତାହାକୁ ୮ ଗୁଆରୁ ୧୪ଗୁଆ ପର୍ଯ୍ୟନ୍ତ ଫଳ ନିର୍ବାଚନ କରି ଦିଆଯାଏ ।

୩. ପିଣ୍ଡପୁରୁଷ ମଣ୍ଡଳର ଆଦୃଶିକ ଗୃହରୁ ଆସିଥିବା ଆତ୍ମାର ଅର୍ଘ୍ୟ ତିଥି ପୂର୍ଣ୍ଣିମା । ଗୁଣ, ସଂସ୍କାର, ଗ୍ରହନକ୍ଷତ୍ରର ଚଳନ ଅନୁସାରେ ସେମାନଙ୍କୁ ୧ଗୁଆ, ୧ ହରିଡ଼ା/୨ଗୁଆ, ୨ ହରିଡ଼ା/୫ରୁ୭ ଗୁଆ, ୫ରୁ୭ ହରିଡ଼ା/୩ଗୁଆ, ୧ ହରିଡ଼ା-ଏହି କ୍ରମାନୁସାରେ ଫଳ ନିର୍ଦ୍ଧାରଣ କରି ଦିଆଯାଏ ।

୪. ପିଣ୍ଡ ପୁରୁଷ ମଣ୍ଡଳର କୃଶୀଧାନି ଗୃହରୁ ଆସିଥିବା ଆତ୍ମାକୁ ତାମ୍ରପାତରେ ଲେଖାଯନ୍ତ ରୌପ୍ୟପାତରେ ଲେଖାଯନ୍ତ ଦିଆଯାଏ । ସେମାନଙ୍କର ଅର୍ଘ୍ୟତିଥି ପୂର୍ଣ୍ଣିମା ଓ ଅର୍ଘ୍ୟଫଳ ୮ବା୯ ବା ୧୨ ବା ୨୧ ହରିଡ଼ା/୧ଗୁଆ, ୪ ହରିଡ଼ା/୪ଗୁଆ, ୧ହରିଡ଼ା/ଗୁଆ ୧ରୁ ୫ ପର୍ଯ୍ୟନ୍ତ ଓ ହରିଡ଼ା ୨ରୁ ୫ ପର୍ଯ୍ୟନ୍ତ/୧ଗୁଆ, ୩ ହରିଡ଼ା/୭ବାହାଡ଼ା ଇତ୍ୟାଦି ନିର୍ବାଚନ ଓ ନିର୍ଦ୍ଧାରଣ କରି ଦିଆଯାଏ ।

୫. ପିଣ୍ଡପୁରୁଷ ମଣ୍ଡଳର ମୃଣାର୍ଣ୍ଣି ଗୃହରୁ ଆସିଥିବା ଆତ୍ମାର ଅର୍ଘ୍ୟତିଥି ମଧ ପୂର୍ଣ୍ଣିମା । ସେମାନଙ୍କର ଅର୍ଘ୍ୟଫଳ ୫ଗୁଆ, ୫ହରିଡ଼ା/୭ଗୁଆ, ୭ହରିଡ଼ା/୨ହରିଡ଼ା/୧ଗୁଆ, ୧ହରିଡ଼ା/୨ଗୁଆ, ୨ହରିଡ଼ା/୧ଗୁଆ, ୫ହରିଡ଼ା/୫ଗୁଆ, ୧ହରିଡ଼ା-ଏହି କ୍ରମାନୁସାରେ ଫଳ ନିର୍ବାଚନ ଓ ସଂଖ୍ୟା ନିର୍ଦ୍ଧାରଣ କରାଯାଏ ।

ପିଣ୍ଡପୁରୁଷ ମଣ୍ଡଳର ଗୋଟିଏ ଗୃହରୁ ଯେତେ ଆତ୍ମା ଆସିବେ, ସମସ୍ତଙ୍କର ଅର୍ଘ୍ୟତିଥି, ଅର୍ଘ୍ୟଫଳ ଓ ଫଳସଂଖ୍ୟା, ମୁଦ୍ରା, ମନ୍ତ୍ର ମଧ ଯେ ସମାନ ହେବ, ତାହାର କୌଣସି ଧରାବନ୍ଧା ନିୟମ ନାହିଁ । ବିଭିନ୍ନ ସୂକ୍ଷ୍ମସୂତ୍ରୀୟ ବିଚାର ଓ ହିସାବକୁ ଲକ୍ଷ୍ୟରେ ରଖି ସେ ସବୁ ନିର୍ବାଚନ ଓ ନିର୍ଦ୍ଧାରଣ ଆମେ କରିଥାଉଁ । (କ୍ରମଶଃ)

ଠଠଠ

ଯା' ଅନ୍ତରେ ପ୍ରଭୁ ବିଜେ
ତା' ଅନ୍ତର ନିର୍ମଳ ।
ତା'ବାକ୍ୟ ଅମୀୟବାଣୀ
ତା'ହୃଦୟେ ଉଜ୍ଜ୍ୱଳ ।।

## ପୂର୍ବବର୍ତ୍ତୀ ସଂଖ୍ୟାରେ ପତ୍ରସ୍ଥ ''ରଙ୍ଗମାଟିଲୋ ! ତୋତେ'' କବିତାର ଭାବାର୍ଥ :

*ପିଣ୍ଡତତ୍ତ୍ୱଜ୍ଞାନ ସମ୍ବଳିତ କବିତା ରଚନାରେ ମହାପୁରୁଷ ଅଚ୍ୟୁତାନନ୍ଦ ଥିଲେ ସିଦ୍ଧହସ୍ତ ଏବଂ ଅଦ୍ୱିତୀୟ । ତାଙ୍କ ରଚନାରେ ଛତ୍ରେ ଛତ୍ରେ ସାଧନ ଭଜନ ପ୍ରକ୍ରିୟାର ସୂକ୍ଷ୍ମସୂତ୍ର ସାଙ୍କେତିକତାର ସହିତ ସୂଚିତ । ଆଲୋଚ୍ୟ କବିତାର ଅନ୍ତର୍ଗତ ଭାବ ଅତ୍ୟନ୍ତ ନିଗୂଢ଼ ତତ୍ତ୍ୱଗର୍ଭକ ॥*

ରଙ୍ଗମାଟି ବୋଇଲେ ମହାପୁରୁଷ ଅଚ୍ୟୁତାନନ୍ଦ ଏଠାରେ ମାୟା ଶରୀରକୁ ବୁଝାଇ ଅଛନ୍ତି । ପଞ୍ଚଭୂତର ପଞ୍ଚ ରଂଗରେ ଏହି ଶରୀର ଗଢ଼ା । ତହିଁରେ ମାୟା ଖେଳ ଖେଳୁ ଅଛି । ଏହି ଶରୀରକୁ ପଞ୍ଜୁରୀ ବୋଲି ଏଠାରେ କଳ୍ପନା କରାଯାଇ ତତ୍ତ୍ୱଶିକ୍ଷା ପ୍ରଦାନ କରାଯାଇଅଛି । ଏହି ଶରୀରରୂପକ ପଞ୍ଜୁରୀରେ ଦୁଇଟି ଶାରୀ ଛାଡି ଦିଆଯାଇଛି । ଗୋଟିଏ ହେଉଛି ଜୀବାତ୍ମା ଓ ଅନ୍ୟଟି ହେଉଛି ପରମାତ୍ମା । ଉଭୟ ଶାରୀ ପାଇଁ ସମାନ ପ୍ରକାରର ଆହାର ଅର୍ଥାତ୍ 'ରୂପ, ରସ, ଗନ୍ଧ, ଶବ୍ଦ ଓ ସ୍ପର୍ଶ' ଖଞ୍ଜି ଦିଆଯାଇଛି ।

ମାତ୍ର ପଞ୍ଜୁରୀରେ ଥିବା ଦୁଇଟି ଶାରୀ ମଧ୍ୟରୁ ଜୀବାତ୍ମା ଆହାର ଭୋଜନ କଲା, ମାତ୍ର ପରମାତ୍ମା ନୀରବ ଦ୍ରଷ୍ଟା ଓ ସାକ୍ଷୀ ସ୍ୱରୂପ ରହି ସେ ଆହାର ଆଦୌ ଭୁଞ୍ଜିଲା ନାହିଁ ।

ପଚିଶ କୁମର ବୋଇଲେ ପଚିଶ ପ୍ରକୃତି । ଏହି ପଚିଶ କୁମର ବା ପ୍ରକୃତିକୁ ଚେତା ପୁରୁଷ ଜ୍ଞାନ ଦେବାକୁ ବସିଲେ । ଚାଟଶାଳୀ ଘର ଶୂନ୍ୟରେ ଅର୍ଥାତ୍ ଚେତା ପୁରୁଷ ସର୍ବଦା ଶୂନ୍ୟମଣ୍ଡଳରେ ବିରାଜି ଥାଆନ୍ତି ଓ ମଧ୍ୟେ ମଧ୍ୟେ ଶରୀର ମଧ୍ୟକୁ ପ୍ରବେଶ କରି ଆସିଥାଆନ୍ତି । ଚେତା ପୁରୁଷ ପିଣ୍ଡରେ ଥିବା ସମୟରେ ପ୍ରକୃତି ଗଣ ନିୟନ୍ତ୍ରଣରେ ରହିଯାଆନ୍ତି । ଏଠାରେ ଶିଷ୍ୟ ଜୀବାତ୍ମା ଓ ଜୀବାତ୍ମାର ପଚିଶ ପ୍ରକୃତି ଏବଂ ଗୁରୁ ହେଉଛନ୍ତି ଚେତା ପୁରୁଷ ବା ପରମାତ୍ମା । ଜୀବ ପରମ ସର୍ବଦା ଅଲଗା ଅଲଗା ହୋଇ ରହିଥାଆନ୍ତି । ଏହିପରି ଭାବରେ ପିଣ୍ଡ ବା ଶରୀର ରୂପକ ପଞ୍ଜୁରୀରେ ଜୀବପରମ ନିତ୍ୟଲୀଳା ଚାଲିଥାଏ । କ୍ରମେ ଆୟୁ ସରି ଆସେ ।

ବେଳ ଅସ୍ତ ହେଲାର ଅର୍ଥ ଆୟୁଷ ସରିଗଲା । ମରୁତ ବହିଲାର ଅର୍ଥ ପ୍ରାଣ ପବନ (ବାୟୁ) ବହିଲା । ଅଣଚାଶ ରୂପ ଧରି ବୋଇଲେ, ମୃତ୍ୟୁ ସନ୍ନିକଟ ହେଲେ ଅଣଚାଶ ପବନ ବହେ ଓ ହିକ୍କା ଉଠେ । ସିନ୍ଧୁ ଉଚ୍ଛୁଳିଲାର ଅର୍ଥ ଶରୀର ତ୍ୟାଗ କରି ଆତ୍ମା ଉଡିଗଲା । ହଂସାଉଡିଗଲା । ପ୍ରାଣ ଚାଲିଗଲା । କୂଳ ବୁଡିଗଲାର ଅର୍ଥ ଜୀବ ଶରୀର ନିର୍ଜ୍ଜୀବ ହୋଇଗଲା । ଜୀବର ମୃତ୍ୟୁ ହେଲା । ଜୀବ ନୁହେଁ ''କା'ର - ଏହାର ଅର୍ଥ ଏ ଆତ୍ମା କାହାରି ନୁହେଁ । ଏହା ଶରୀର ନୁହେଁ'' କି ପ୍ରକୃତିର ନୁହେଁ କିମ୍ବା ଇନ୍ଦ୍ରିୟର ନୁହେଁ କି ଭୋଗ ବିଳାସର ମଧ୍ୟ ନୁହେଁ । ଆଲୋଚ୍ୟ କ୍ଷୁଦ୍ର କବିତାଟିରେ ମହାପୁରୁଷ ଅଚ୍ୟୁତାନନ୍ଦ ଜୀବନର ଅନିତ୍ୟତା ଦର୍ଶାଇବା ସହିତ ଆତ୍ମଜ୍ଞାନ ପ୍ରଖ୍ୟାପନ କରି କଳିହତ ଜୀବଗଣଙ୍କୁ ଭୋଗ ମାର୍ଗରୁ ଯୋଗମାର୍ଗକୁ ନେବା ପାଇଁ ଉପଦେଶ ପ୍ରଦାନ କରିଅଛନ୍ତି ।

○○○

ସବୁଠି ଥାଏ କାହିଁ ନଥାଏ
ସବୁତ ପାଏ କିଛି ନ ପାଏ ।
ସର୍ବସ୍ୱ ଖାଏ ନଖାଏ ଯାହା
ମୋତେ ସମର୍ପୁଛ କିପାଇଁ ତାହା ??

# ଉତ୍ସବ ପରିଚିତି

## ତ୍ରିଶକ୍ତି କରୁଣା

**୧୪୦୭ ସାଲ, କୁମ୍ଭ ଦି୪ନ ଶୁକ୍ଳ ଏକାଦଶୀ ଗତ ଦ୍ୱାଦଶୀ ତିଥି, ଇଂରାଜୀ ୨୦୦୦ ମସିହା ଫେବୃୟାରୀ ୧୬ତାରିଖ**

**ସ୍ଥାନ : ଷଡ଼ଙ୍ଗୀ (ଜ୍ୟୋତିପୁର) କେନ୍ଦୁଝର**

ଜୟ ମାଗୋ ମହାଲକ୍ଷ୍ମୀ ସନ୍ତାନ ବତ୍ସଳା । କ୍ଷୀରାବ୍ଧି ତନୟା ମାଗୋ ଦୟା କ୍ଷମାଶିଳା ॥
ତୁହି ମାଗୋ ଯୋଗ ମାୟା ମହାମାୟା ରୂପେ । ନିତ୍ୟ ଖେଳା କରୁଥାଉଁ ଜୀବର ସମୀପେ ॥
ମହାସରସ୍ୱତୀ ନାମେ ଜ୍ଞାନଦାତ୍ରୀ ହୋଇ । ଢାଳିଦେଉ କୃପାବାରୀ ଭକ୍ତ ଦ୍ୱାରେ ଯାଇ ॥
ଯିଏ ଯେଉଁ ଭାବେ ମାଗୋ ଡାକିଥାଏ ତୋତେ । ସେହିରୂପେ ଅବତରି ଆସୁ ଇଚ୍ଛାମତେ ॥
ଆଜି ଏ ପ୍ରଳୟକାଳେ ହୁଏ ତୋ ବନ୍ଦନା । ରୋଷ ତେଜି ଜନନୀଗୋ ଘେନ ପୂଜାର୍ଚ୍ଚନା ॥
ଶାନ୍ତ ହୋଇ ଅଶାନ୍ତିକୁ ପ୍ରଳୟରେ ଦିଅ । ମୂଢ଼ ମତି ସନ୍ତାନକୁ ସ୍ନେହେ କୋଳେ ନିଅ ॥

ପରମବ୍ରହ୍ମଙ୍କ ଚରମ ଲୀଳା ସର୍ବଦା ଅବୋଧ, ଅଗମ୍ୟ, ଅଚିନ୍ତ୍ୟ, ଅବର୍ଣ୍ଣନୀୟ ହୋଇ ରହି ଆସିଅଛି । ସେ ଅରୂପା, ଅନାମ, ଅସୀମ ଓ ଅନନ୍ତ ଅଟନ୍ତି । ତେଣୁ ତାଙ୍କର ଇଚ୍ଛା ମଧ ଠିକ୍ ସେହିପରି ଜୀବ ଚିନ୍ତନ ଶକ୍ତିର ଅନେକ ଊର୍ଦ୍ଧ୍ୱରେ । କେତେବେଳେ, କେଉଁ ଭାବରେ, କେଉଁ ସ୍ଥାନରେ, କିପରି ତାଙ୍କର ମହିମା ପ୍ରକଟିତ ହୁଏ, ତାହା କଳନା କରିବା ଆଦୌ ସମ୍ଭବ ହୋଇନାହିଁ । କେବଳ ତାଙ୍କର ଅହେତୁକ କୃପା ହିଁ ସମ୍ବଳ । ଇଚ୍ଛାର ପ୍ରତିରୂପ ଏହି ସୃଷ୍ଟିରେ ସେ ହିଁ ପ୍ରକୃତି ହୋଇ ମହାଲକ୍ଷ୍ମୀ, ମହାକାଳୀ ଓ ମହାସରସ୍ୱତୀ ନାମରେ ଭକ୍ତର ଇଚ୍ଛା, ସୃଷ୍ଟିର ଆବଶ୍ୟକତାକୁ ଗ୍ରହଣ କରି ଆବିର୍ଭୂତା ହୁଅନ୍ତି ଏବଂ କାର୍ଯ୍ୟ ସମାପ୍ତ କରି ପୁନଶ୍ଚ ଅଚିନ୍ତ୍ୟ ସ୍ତରକୁ ଚାଲିଯାଆନ୍ତି । ସେହି କ୍ରମରେ ଜଣେ ଭକ୍ତ ସନ୍ତାନର ମନସ୍କାମନା ପୂର୍ଣ୍ଣ କରିବାକୁ ଯାଇ ସେ ଯେଉଁ କମନୀୟ ଲୀଳା ପ୍ରକଟ କରି ଶେଷରେ ସନ୍ତାନ ଇଚ୍ଛା ନିକଟରେ ବନ୍ଦୀ ହୋଇ ରହିଯାଇଛନ୍ତି ତାହାରି ଏକ ସଂକ୍ଷେପ ବର୍ଣ୍ଣନା ହିଁ ଏହି ସ୍ମରଣିକାର ବିଷୟବସ୍ତୁ ।

ସତ୍ୟ ଯୁଗର ଅନ୍ତିମ ପର୍ବ । ଏକ ଧାନାଢ୍ୟ, ପ୍ରତିପତି, ଆଭିଜାତ୍ୟ ପରିବାରର କର୍ତ୍ତାହୋଇ ସମସ୍ତ ଐଶ୍ୱର୍ଯ୍ୟ ଉପଭୋଗରେ ବିଭୋର ହୋଇ ରହିଥା'ନ୍ତି ବିକ୍ରମଦେବ । ନିଜର କୌଣସି କୃତିତ୍ୱ ନ ଥାଇ ଉତ୍ତରାଧିକାରୀ ସୂତ୍ରରେ ସେ ସମ୍ପଦର ମାଲିକାନା ପ୍ରାପ୍ତ ହୋଇଥାନ୍ତି । ତେଣୁ ଐଶ୍ୱର୍ଯ୍ୟର ମର୍ଯ୍ୟାଦା ସମ୍ପର୍କରେ ସଂପୂର୍ଣ୍ଣ ଅଚେତନ ଥାଆନ୍ତି । ସଦୁପଯୋଗ ଜ୍ଞାନର ଅଭାବରେ କ୍ରମଶଃ ଐଶ୍ୱର୍ଯ୍ୟ ଉଣା ହେବାକୁ ଲାଗିଲା । ତଥାପି ଜ୍ଞାନର ବିକାଶ ଘଟିଲା ନାହିଁ । ଦେବା ଦେବୀ ପୂଜନ, ଅପହୃତ ହୋଇ ଅତ୍ୟନ୍ତ ଦରିଦ୍ର ଅବସ୍ଥା ପ୍ରାପ୍ତ ହେଲା । ପତ୍ନୀ, କନ୍ୟା, ପୁତ୍ରାଦିଙ୍କର ଭରଣ ପୋଷଣ କରିବା ଅସମ୍ଭବ ହୋଇଗଲା । ସାଧ୍ୱୀ ପତ୍ନୀ ଇଚ୍ଛାବତୀଙ୍କ ସୁପରାମର୍ଶ ହେୟଜ୍ଞାନ କରି ଅସତ୍ ପଥରେ ଅର୍ଥ ବିନିଯୋଗ କରିଥିବାରୁ ଅନୁତାପରେ ମ୍ରିୟମାଣ ହୋଇ ଅତି ଦୀନ ହୀନ ଭାବରେ ଜୀବନ ଅତିବାହିତ କଲେ । ମାତ୍ର ଯୁଗର ସତ୍ୟ ପ୍ରଭାବରେ ଖୁବ୍ ଶୀଘ୍ର ସମାଧାନର ପଥ ପ୍ରାପ୍ତ ହୋଇଗଲେ । ସହଧର୍ମିଣୀ ଇଚ୍ଛାବତୀଙ୍କ ସହ ସମସ୍ତ ପରିବାରକୁ ସଂଗରେ ଧରି ଭିକ୍ଷା କରିବାକୁ ଯିବା ସମୟରେ ପଥପ୍ରାନ୍ତରେ ଏକ ତେଜସ୍ୱୀ ଋଷିଙ୍କ ସାନିଧ ଲାଭ କଲେ । ବିନମ୍ର ଭାବରେ ନିଜର କୃତକର୍ମ ବର୍ଣ୍ଣନା କରି ସମାଧାନ ପାଇଁ ଆଶୀର୍ବାଦ ଭିକ୍ଷାକଲେ । ଋଷିବର ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ମହାଲକ୍ଷ୍ମୀଙ୍କ ବୀଜମନ୍ତ୍ର ପ୍ରଦାନ କରି ଉଜ୍ଜୟିନୀ ନଗ୍ରରେ ଗୃହସ୍ଥାଶ୍ରମ ପ୍ରତିଷ୍ଠା କରି ସାଧନ କରିବାକୁ ନିର୍ଦ୍ଦେଶ ଦେଲେ । ସ୍ୱଗୃହ ତ୍ୟାଗ କରି ଗୁରୁଦେବଙ୍କ ନିର୍ଦ୍ଦେଶମତେ ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚି

ସାଧନ ଆରମ୍ଭ କଲେ । କିନ୍ତୁ କଲ୍ୟାଣମୟୀଙ୍କ କୃପାପ୍ରାପ୍ତ ହେବା ପୂର୍ବରୁ ଦେହତ୍ୟାଗ କରିଗଲେ । ପରଜନ୍ମରେ ଏକ ଦରିଦ୍ର ପରିବାରରେ ଜନ୍ମଗ୍ରହଣ କରି ପ୍ରଥମରୁ ହିଁ ପିତା, ମାତାଙ୍କ ପ୍ରେରଣା ଓ ପୂର୍ବ ଜନ୍ମର ସଂସ୍କାରରୁ ସେ ମାଆଙ୍କ ଚରଣାରବିନ୍ଦରେ ମନ ପ୍ରାଣ ଉତ୍ସର୍ଗ କଲେ । ମାତ୍ରବାର ବର୍ଷ ବୟସରେ ଶ୍ରୀଗୁରୁଦେବଙ୍କ ଦର୍ଶନ ଲାଭ କରି ମହାଲକ୍ଷ୍ମୀ ବୀଜ ପୁନଶ୍ଚ ଗ୍ରହଣ କଲେ । କଠୋର ତପ, ଅନନ୍ୟ ଭକ୍ତି ଓ ଅବିଚଳିତ ଏକାଗ୍ରତାରେ ମାଆଙ୍କ ପୂଜାର୍ଚ୍ଚନା, ବନ୍ଦନା କରି ତାଙ୍କରି ପ୍ରେମରେ ପାଗଳ ପ୍ରାୟ ହୋଇଗଲେ । ଶେଷରେ ତାଙ୍କର ଅଭିଳାଷ ପୂର୍ଣ୍ଣ ହେଲା । ସନ୍ତାନ ବତ୍ସଳା ମାଆ 'ମହାଲକ୍ଷ୍ମୀ' ଶୂନ୍ୟବାଣୀ ମାଧ୍ୟମରେ ମନ୍ତ୍ର ସିଦ୍ଧି ପ୍ରଦାନ କଲେ ଓ ଅଜସ୍ର ଐଶ୍ୱର୍ଯ୍ୟ, ବିଭବର ଅଧିକାରୀ କରାଇ ଦେଲେ । ଲକ୍ଷ୍ମୀପୁତ୍ର ହେବାର ସୌଭାଗ୍ୟ ଅର୍ଜନ କରି ଜୀବନର ଅବଶିଷ୍ଟାଂଶ ତାଙ୍କରି ସେବାରେ ଅତିବାହିତ କରିଗଲେ ।

ତ୍ରେତୟା ଯୁଗର ମଧ୍ୟଭାଗରେ ସେହି ସୌଭାଗ୍ୟବାନ୍ କୋଶଳ ରାଜ୍ୟର ପାଟଣାଗଡ଼ ଠାରେ ପୂର୍ବଜନ୍ମର ସଂସ୍କାର ଓ ଆଶୀର୍ବାଦ ପ୍ରଭାବରୁ ଜନ୍ମ ଗ୍ରହଣ କଲେ ଓ କୀର୍ତ୍ତିଚନ୍ଦ୍ର ନାମରେ ପରିଚିତ ହେଲେ । ସମ୍ପଦ, ଐଶ୍ୱର୍ଯ୍ୟର ଚରମ ସୋପାନରେ ଥାଇ ମଧ୍ୟ ମାତୃ କୃପାବଳରୁ ତାଙ୍କର ସମସ୍ତ ଆସକ୍ତି ଲୋପ ପାଇଥିଲା । ତେଣୁ ଧୀରେଧୀରେ ସେ ଯୋଗ କ୍ରିୟାରେ ନିଜକୁ ହଜାଇଦେଲେ । ଗୃହତ୍ୟାଗ କରି ନିକଟସ୍ଥ ଜଙ୍ଗଲକୁ ଯାଇ ସେଠାରେ ଏକ ପର୍ଣ୍ଣକୁଟିର ନିର୍ମାଣ କରି ସେହିଠାରେ ମାତୃ ଧ୍ୟାନରେ ମଗ୍ନ ରହିଲେ । ସନ୍ତାନର ଅଚଳା ଭକ୍ତି ଦେଖି ତାଙ୍କୁ ବ୍ରହ୍ମବିଦ୍ କରାଇ ପୂର୍ଣ୍ଣାଙ୍ଗ କରାଇବାକୁ ମାଆ ମନ ବଳାଇଲେ । ନିଜର ଅଭିନବ ଲୀଳା ପର୍ଯ୍ୟାୟରେ ବ୍ରହ୍ମର୍ଷି ଭଦ୍ରାଚାର୍ଯ୍ୟଙ୍କୁ ମାନସ ପ୍ରେରଣା ଦେଲେ । ଭଦ୍ରାଚାର୍ଯ୍ୟ ମାଆଙ୍କ ଇଚ୍ଛାରେ କୀର୍ତ୍ତିଚନ୍ଦ୍ରଙ୍କ ନିକଟକୁ ଆସି ତାଙ୍କୁ ମହାକାଳୀଙ୍କ ବୀଜ ପ୍ରଦାନ କରିବାକୁ କହିଲେ । ମାତ୍ର କୀର୍ତ୍ତିଚନ୍ଦ୍ର ବ୍ରହ୍ମର୍ଷିଙ୍କ ଉପଦେଶକୁ ଗ୍ରହଣ କରିବା ପାଇଁ ରାଜି ହେଲେ ନାହିଁ । ବ୍ରହ୍ମର୍ଷିଙ୍କ ବାଧ ବାଧକତାରେ ସେ ସର୍ତ୍ତ ବାଢ଼ିଲେ, ''ମୁଁ ପ୍ରଥମେ ମୋ ମାଆଙ୍କୁ ନ ପଚାରିଲେ ଏହି ବୀଜ ଗ୍ରହଣ କରିବି ନାହିଁ ।'' ସେଥିରେ ମଧ୍ୟ ଋଷିବର ସ୍ୱୀକୃତି ଦାନ କଲେ । ଯୋଗାରୂଢ଼ ହୋଇ ଧ୍ୟାନରେ ଯେତେବେଳେ ମାଆ ''ମହାଲକ୍ଷ୍ମୀ''ଙ୍କୁ କାଳୀ ବୀଜଗ୍ରହଣ ସଂପର୍କରେ ସ୍ପଷ୍ଟୀକରଣ ଜିଜ୍ଞାସା କଲେ, ମାଆ ପୁନର୍ବାର ଶୂନ୍ୟବାଣୀ ମାଧ୍ୟମରେ କହିଲେ, ''ମୋର ନିର୍ଦ୍ଦେଶରେ ବ୍ରହ୍ମର୍ଷି ଭଦ୍ରାଚାର୍ଯ୍ୟ ତୋତେ ସେହି ବୀଜ ପ୍ରଦାନ କରିବାକୁ ଯାଇଛନ୍ତି । ମନରେ କୌଣସି ଦ୍ୱନ୍ଦ, ଦ୍ୱିଧା ନ ରଖି ବୀଜ ଗ୍ରହଣ କର ଓ ତପସ୍ୟା ଆରମ୍ଭକର ।'' ତାପରେ ଋଷିଙ୍କୁ ଗୁରୁଭାବରେ ଗ୍ରହଣ କରି ଯୋଗମାୟା  ବୀଜ ଗ୍ରହଣ କଲେ । ଏହିଠାରୁ ଆରମ୍ଭ ହେଲା ଭକ୍ତ ପ୍ରବରଙ୍କର ପ୍ରକୃତ ସାଧନ ଓ ପରୀକ୍ଷା ପ୍ରକ୍ରିୟା । ଯୋଗମାୟା ସାଧନାର ପ୍ରଥମ ସୋପାନରୁ ହିଁ ତାଙ୍କ ଦୁଃଖର ସୀମା ରହିଲା ନାହିଁ । ପ୍ରାକୃତିକ ବିପର୍ଯ୍ୟୟରେ ପର୍ଣ୍ଣକୁଟୀରଟି ଧ୍ୱଂସ ହୋଇଗଲା । ଜନପଦକୁ ପ୍ରତ୍ୟାବର୍ତ୍ତନ କରି ରହିବାକୁ ସ୍ଥାନଟିଏ ମଧ୍ୟ ପାଇଲେ ନାହିଁ । ତାଙ୍କର ଭାବ ବିହ୍ୱଳ ଅବସ୍ଥାକୁ ଠିକ୍ ଭାବରେ ବୁଝି ନପାରି ଲୋକମାନେ ତାଙ୍କୁ ଥଟ୍ଟା, ପରିହାସ କରିବା ସଂଗେ ସଂଗେ ଅକଥନୀୟ ଶାରିରୀକ ଯନ୍ତ୍ରଣା ଦେଲେ । ତେଣୁ ଗ୍ରାମ ପରେ ଗ୍ରାମ, ଜଙ୍ଗଲ ପରେ ଜଙ୍ଗଲ ଅତିକ୍ରମ କରି ଶେଷରେ ପୂଣ୍ୟତୋୟା ବୈତରଣୀ ତୀରରେ ଥିବା ହିଂସ୍ରଜନ୍ତୁ ଘେରା ଘଞ୍ଚ ଅରଣ୍ୟରେ ପ୍ରବେଶ କଲେ । ସେଠାରେ ଜନବସତି ନ ଥିବାରୁ ସ୍ଥାନଟି ଉପଯୁକ୍ତ ବିବେଚନା କରି ସେହିଠାରେ ହିଁ ମା' ଜଗଦମ୍ବାଙ୍କୁ ଆରାଧନା କରିବା ସ୍ଥିର କରିନେଲେ । ଆହାର, ନିଦ୍ରା ପରିହାର କରି ଏକାଗ୍ର ଚିତ୍ତରେ ଯୋଗାରୂଢ଼ ହୋଇ ମା'ଙ୍କର ନିକଟବର୍ତ୍ତୀ ହେବାକୁ ଲାଗିଲେ । ଏହି ସମୟରେ ଜଙ୍ଗଲ ନିକଟସ୍ଥ ଏକ ପଲ୍ଲୀର ଜଣେ ପ୍ରାପ୍ତ ବୟସ୍କା ଯୁବତୀ କାଷ୍ଠସଂଗ୍ରହ ଅଭିପ୍ରାୟରେ ଜଙ୍ଗଲ ଭ୍ରମଣ କରୁଥିବା ସମୟରେ ତପସ୍ୱୀଙ୍କର ଦୃଷ୍ଟି ଗୋଚର ହେଲା । ଯୋଗମାୟାଙ୍କର ମାୟାଚକ୍ରରେ ମୋହିତ ହୋଇ ସେହି କନ୍ୟାପ୍ରତି ସେ ଆକୃଷ୍ଟ ହୋଇ ପ୍ରେମ ନିବେଦନ କଲେ । ପ୍ରତ୍ୟୁତ୍ତରରେ ଯୁବତୀ ସର୍ତ୍ତ ବାଢିଲା, ''ହେ ତପସ୍ୱୀ ! ଆମର ଲୌକିକ ପ୍ରଥା ଅନୁଯାୟୀ ତୁମକୁ ପ୍ରଥମେ ବିବାହ କରିବାକୁ ହେବ ।'' ମାୟା ଜାଲରେ ଛନ୍ଦିତ ଇନ୍ଦ୍ରିୟମାନଙ୍କର

ପ୍ରରୋଚନାରେ ତପସ୍ୱୀ ନିଜର ସ୍ଥିତି ଭଲିଯାଇ ଯୁବତୀର ପ୍ରସ୍ତାବକୁ ଗ୍ରହଣ କରି ତା ସହିତ ଜଙ୍ଗଲ ତ୍ୟାଗ କଲେ । ପୂର୍ବାର୍ଜିତ ମାତା ଲକ୍ଷ୍ମୀଙ୍କ ବର ପ୍ରଭାବରୁ ଅଚାନକ ଭାବରେ ପୁନଶ୍ଚ ଐଶ୍ୱର୍ଯ୍ୟ ପ୍ରାପ୍ତି ହୋଇଗଲା । ତପ କ୍ରିୟାରୁ ବିରତ ହୋଇଗଲେ । ଧୀରେ ଧୀର ସଂସାର ମାୟା, ମୋହରେ ଜଡିତ ହୋଇ ମାତୃ ଆଶୀର୍ବାଦକୁ ଅପବ୍ୟବହାର କରିବାକୁ ଲାଗିଲେ । ପରିବାର, ପ୍ରତିବେଶୀମାନଙ୍କର ଅହେତୁକ ଆବଶ୍ୟକତା ପୂର୍ଣ୍ଣ କରି ନପାରିବାରୁ ସେମାନଙ୍କ ଦ୍ୱାରା ଘୃଣିତ ହୋଇ ବିତାଡିତ ହେଲେ । ଦିନକୁ ଦିନ ଶରୀର ଜୀର୍ଣ୍ଣ ହେବାକୁ ଲାଗିଲା । ଇତସ୍ତତଃ ହୋଇ ଘୁରିବୁଲିଲେ । ପୁତ୍ରର ପରୀକ୍ଷା ଜନିତ କଷ୍ଟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିବା ପରେ କରୁଣାମୟୀଙ୍କର ବାତ୍ସଲ୍ୟ ପ୍ରେମଧାରା ନିର୍ଗତ ହେବାକୁ ଲାଗିଲା । ଯୋଗୀବର ନିଜ ପୂର୍ବସ୍ଥିତିର ସ୍ମରଣ ଫେରିପାଇଲେ । ନିଜ କୃତକର୍ମ ପାଇଁ ଅନୁତାପ କରି ପୁନଶ୍ଚ ପୂର୍ବ ନିର୍ଦ୍ଧାରିତ ଜଙ୍ଗଲକୁ ପ୍ରତ୍ୟାବର୍ତ୍ତନ କରି ଯୋଗାଭ୍ୟାସ ଆରମ୍ଭ କଲେ । ଏଥରକ କିନ୍ତୁ କଠୋର ଓ ନିଷ୍ଠୁର ସଂକଳ୍ପ ନେଲେ । ''ହେଉ ମୋର ମନ୍ତ୍ରର ସାଧନ, ନତୁବା ଶରୀର ପତନ ।'' ତଥାପି ବ୍ରହ୍ମମୟୀଙ୍କର ପରୀକ୍ଷା ଶେଷ ହୋଇନାହିଁ । ପ୍ରାକୃତିକ ଭିଷଣତାରେ ସନ୍ତାନର ନିଷ୍ଠା ପରୀକ୍ଷା ନେଲେ । ସମସ୍ତ କଷ୍ଟ, ଯନ୍ତ୍ରଣା, ଦୁଃଖ ସହ୍ୟକରି ଅବିଚଳିତ ରହି ଯୋଗକ୍ରମ ଅକ୍ଷୁର୍ଣ୍ଣ ରଖିଲେ । ଫାଲଗୁନ ମାସର ପବିତ୍ର ପୂର୍ଣ୍ଣିମା ତିଥି । ସଂଧ୍ୟା ଆକାଶରୁ ପୂର୍ଣ୍ଣଚନ୍ଦ୍ର ତାଙ୍କର ସୁଶୀତଳ କିରଣ ଢାଳିବା ପାଇଁ ତତ୍ପର ହେଉଛନ୍ତି । ଶୂନ୍ୟବାଣୀ ହେଲା, ''ବତ୍ସ ! ଚକ୍ଷୁ ମେଲି ନିରୀକ୍ଷଣ କର ।'' ଆଖି ଖୋଲିଲେ ତପସ୍ୱୀ । ଦେଖିଲେ, ପୂର୍ବ ଆକାଶରେ ବାଳସୂର୍ଯ୍ୟ ରଙ୍ଗର ଏକ ଜ୍ୟୋତିପିଣ୍ଡ । ଶରୀରରେ ଅଦ୍ଭୂତ କମ୍ପନ ଅନୁଭବ କରି ଏକାଗ୍ର ଚିତ୍ତରେ, ନିର୍ନିମେଷ ନୟନରେ ଚାହିଁ ରହିଲେ ତପସ୍ୱୀ । ଶୂନ୍ୟବାଣୀ ହେଲା, ''ରେ ମୋର ପ୍ରିୟ ପୁତ୍ର । ତୋର ମନ୍ତ୍ରସିଦ୍ଧି ହୋଇଛି । ଶରୀରରୁ ଇନ୍ଦ୍ରିୟମାନେ ପରାଭୂତ ହୋଇ ତୁ ଜିତେନ୍ଦ୍ରିୟ ହୋଇଛୁ । ଆଶୀର୍ବାଦ ସହ ପୂର୍ଣ୍ଣ ବୈରାଗ୍ୟ ଦାନ କରୁଛି । ନିର୍ଭୟରେ ଚରମ ପଥରେ ଅଗ୍ରସର ହୋଇ ଲକ୍ଷ୍ୟ ଭେଦ କର ।'' ତାପରେ ଧୀରେ ଧୀରେ ଜ୍ୟୋତିପିଣ୍ଡ ଆକାଶରୁ ଅପସରିଗଲା କିନ୍ତୁ ଅଖଣ୍ଡଭାବରେ ଜଳି ଉଠିଲା ତ୍ରିକୁଟ ସନ୍ଧିରେ । ପୂର୍ଣ୍ଣ ବୈରାଗ୍ୟତା ସହ ଜିତେନ୍ଦ୍ରିୟ ହୋଇ ଯୋଗୀ ପ୍ରବରଙ୍କର ଅନ୍ତରାତ୍ମା ଜଗତ୍‌ଜନନୀ କଲ୍ୟାଣମୟୀଙ୍କ ଦର୍ଶନ ପାଇଁ କାନ୍ଦି ଉଠିଲା । ଶାନ୍ତ, ସରଳ, ଅବୋଧ ଶିଶୁଟି ପରି ଅହରହ କାନ୍ଦି ଭୂମିରେ ଧୂଳି, ଧୂଷରିତ ହୋଇ ପଡି ରହିଲେ । ସାଧନ ସ୍ତର ଧୀରେ ଧୀରେ ବ୍ରହ୍ମମୟୀଙ୍କ ନିକଟବର୍ତ୍ତୀ ହେବାକୁ ଲାଗିଲା । ଯୋଗମାୟା ଜ୍ୟୋତି ଦର୍ଶନର ତିନିବର୍ଷ ଏଗାର ମାସ ପରେ କୁମ୍ଭମାସ ଚାରିଦିନ ଶୁକ୍ଳ ଏକାଦଶୀ ଗତ ପବିତ୍ର ଦ୍ୱାଦଶୀ ତିଥି ଆର୍ଦ୍ରା ନକ୍ଷତ୍ର ମିଥୁନ ଚନ୍ଦ୍ର ବାସରେ କରୁଣାମୟୀଙ୍କର କରୁଣାଧାରା ପ୍ଲାବିତ ହେବାକୁ ଲାଗିଲା । ଯୋଗୀନ୍ଦ୍ର ଧୀରେ ଧୀରେ ମହାସମାଧିରେ ମଗ୍ନ ହୋଇ ଗଲେ । ସନ୍ତାନର ଦୃଢ଼ତା, ଏକାଗ୍ରତା, ନିଷ୍ଠାରେ ସନ୍ତୁଷ୍ଟା ମାଆ ଜ୍ଞାନମୟୀ ମହାସରସ୍ୱତୀ ଜ୍ୟୋତିର୍ମୟୀ ରୂପରେ ଦର୍ଶନ ଦାନ କରି ପୁତ୍ରକୁ ପୂର୍ଣ୍ଣାଙ୍ଗପ୍ରାପ୍ତିର ଆଶୀର୍ବାଦ ପ୍ରଦାନ କରି ବରମାଗିବା ପାଇଁ ନିର୍ଦ୍ଦେଶ ଦେଲେ । ପୂର୍ଣ୍ଣ ବୈରାଗ୍ୟ ପ୍ରାପ୍ତ, ଜିତେନ୍ଦ୍ରିୟ, ସ୍ଥିତପ୍ରଜ୍ଞ ମହାସାଧକ ଏକ ଅପୂର୍ବ ଜିଜ୍ଞାସା ପ୍ରକାଶ କରି କଲ୍ୟାଣମୟୀଙ୍କୁ ସ୍ତମ୍ଭୀଭୂତ କରିଦେଲେ । କହିଲେ, ''ହେ ମାଆ 'ଯଦି ଏ ଅକିଞ୍ଚନ ପୁତ୍ର ପ୍ରତି ଏତେ କରୁଣା - ତେବେ ଯୁଗ ଯୁଗ ଧରି ପ୍ରକୃତି ଓ ପୁରୁଷଙ୍କୁ ନେଇ ଯେଉଁ ଦ୍ୱନ୍ଦ ଲାଗି ରହିଛି ତାର ନିରାକରଣ ଓ ମୋ ଦ୍ୱନ୍ଦର ସମାଧାନ ନିମନ୍ତେ ମୋତେ ସୃଷ୍ଟି ଚକ୍ରର ରହସ୍ୟ ଦର୍ଶନ ମାଧ୍ୟମରେ ଦାନ କର । ତୁମେ କିଏ କେଉଁଠୁ କିପରି ଆସିଛ ? ତାଙ୍କୁ କିପରି ଦେଖିବି ?'' ପୁତ୍ରର ଜ୍ଞାନ ଗର୍ଭକ ଜିଜ୍ଞାସାରେ ଅତ୍ୟନ୍ତ ପ୍ରୀତ ହୋଇ କହିଲେ, ''ରେ ବାତାଳ ! ଅବ୍ୟକ୍ତ ମଣ୍ଡଳରେ ଯିଏ ପୁରୁଷ, ସେ ହିଁ ପ୍ରକୃତି । ପୁରୁଷ ଭିନ୍ନ ପ୍ରକୃତି ନାହିଁ ବା ପ୍ରକୃତି ବ୍ୟତୀତ ପୁରୁଷ ନାହିଁ । ସ୍ରଷ୍ଟା ତାଙ୍କ ଲୀଳା ପର୍ଯ୍ୟାୟର ଅଂଶ ସ୍ୱରୂପ ନିଜେ ନିଜକୁ ''ପ୍ରକୃତି ଓ ପୁରୁଷ'' ଭାବରେ ଦୁଇ ଭାଗ କରି ତାଙ୍କର ଅଭିନବ ଇଚ୍ଛା ପୂର୍ଣ୍ଣ କରି ଚାଲିଛନ୍ତି । ତୋର ବ୍ୟାକୁଳତାର ସମାଧାନ ପାଇଁ ତୋତେ ମୋର ଭିନ୍ନ ରୂପ ସହ ଅବ୍ୟକ୍ତ ମଣ୍ଡଳ, ହିରଣ୍ୟଗର୍ଭ, ଓଁକାର ମଣ୍ଡଳ ଇତ୍ୟାଦି ସମ୍ପୂର୍ଣ୍ଣ ସୃଷ୍ଟିଚକ୍ର ଦେଖାଇ ଦେଉଛି । ଆନନ୍ଦ ମନରେ, ସ୍ଥିର ଚିତ୍ତରେ ଦର୍ଶନ କର ।'' ଏହାପରେ ଗୋଟିକ ପରେ ଗୋଟିଏ ପର୍ଯ୍ୟାୟ, ଭିନ୍ନ ଭିନ୍ନ ରୂପ ଦର୍ଶନ କରାଇ ପ୍ରତ୍ୟେକ ରୂପର ଜ୍ଞାନ ସମ୍ଭାର ଅଜାଡି ଦେଲେ ବ୍ରହ୍ମମୟୀ । ସତ୍ୟ, ନିତ୍ୟ

ଜ୍ଞାନର ଅଧିକାରୀ ହୋଇ ଋଷିବର ପୁନଶ୍ଚ ବରଭିକ୍ଷା କଲେ, ''ହେ ଜନନୀ ! ନରତନୁରେ ପୁରୁଷ ରୂପ ଦର୍ଶନ କରି ତାଙ୍କର ପ୍ରତିଯୁଗର ଲୀଳା ଦର୍ଶନ କରିବା ପାଇଁ ମନ ବ୍ୟାକୁଳ ହେଉଛି ।'' ବରପ୍ରଦାନ କରି ମାଆ ବଚନ ଦେଲେ - ''ଏହି ଯୁଗର ଅନ୍ତିମ ଚରଣରେ ଧରାପୃଷ୍ଠରେ ଖେଳୁଥିବା ମର୍ଯ୍ୟାଦା ପୁରୁଷ ରଘୁବୀରଙ୍କୁ ତୋର ଏହି ଆଶ୍ରମରେ ଦର୍ଶନ କରି, ଆଗାମୀ ଯୁଗ ଦ୍ୱାପର ଓ କଳି ପାଇଁ ବରମାଗି ନେବୁ ।'' ମାଆଙ୍କ ବରକୁ ସାର୍ଥକ କରିବାପାଇଁ ରାଘବେନ୍ଦ୍ର ଶ୍ରୀରାମ ତାଙ୍କର ଆଶ୍ରମକୁ ସ୍ୱୟଂ ବିଜେ କରି ଯତିବରଙ୍କର ସେବା ଗ୍ରହଣ କରିଥିଲେ ଏବଂ ଦ୍ୱାପରରେ ଗୋପୀମନଭୁଲା ବାଲ୍ୟକୃଷ୍ଣ ରୂପରେ ଦର୍ଶନ ଦେବାର ବର ପ୍ରଦାନ କରିଥିଲେ । ଏହାପରେ ଯୋଗୀବର ଦେହ ତ୍ୟାଗ କଲେ ଓ ଦ୍ୱାପରର ଅନ୍ତିମ ଚରଣରେ ପ୍ରଭୁଙ୍କ ଅବତାର ପରେ ପୁନଶ୍ଚ ଦେହଧାରଣ କରି ଲୀଳାବିଧୃତ ସୁନ୍ଦର ରୂପଶ୍ରୀ ଦର୍ଶନ ପାଇଁ ତ୍ରେତୟାର ପ୍ରତିଷ୍ଠିତ ବୈତରଣୀ ତୀରସ୍ଥ ଆଶ୍ରମରେ ଅପେକ୍ଷାକରି ରହିଲେ । ଇଚ୍ଛାପୂର୍ଣ୍ଣ ହେଲା । ଦ୍ୱାପରପତିଙ୍କୁ ଦର୍ଶନ କରି ବରଭିକ୍ଷାକଲେ । ''ହେ ପ୍ରଭୁ ! କଳିଲୀଳା ଉଦ୍ଦେଶ୍ୟରେ ମର୍ତ୍ତ୍ୟାବତରଣ କରିବା ପରେ ଆପଣ ସ୍ୱୟଂ ନରତନୁରେ ସୂକ୍ଷ୍ମସତ୍ତାର ପୂର୍ଣ୍ଣ ଭାବଗ୍ରହଣ କରି ମୋର ଏହି ପୀଠ ସ୍ପର୍ଶ କରିବେ । ମୋର ଜ୍ଞାନଦାତ୍ରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ତ୍ରିଶକ୍ତି ''ମହାଲକ୍ଷ୍ମୀ, ମହାକାଳୀ, ମହାସରସ୍ୱତୀ''ଙ୍କର ପୂଜାର୍ଚ୍ଚନା କରାଇ ମାତୃଯଜ୍ଞ ଓ ସତ୍‌ସଂଗ ମାଧ୍ୟମରେ ମୋର ସାଧନସ୍ତର ପୂର୍ଣ୍ଣ କରିବେ । କଳିର ପ୍ରଭାବରେ ଶରୀର, ମନ କଳୁଷିତ ହେବ । ତେଣୁ ସେହିଦିନ ପର୍ଯ୍ୟନ୍ତ ମୁଁ ଶୂନ୍ୟସତ୍ତାନେଇ ଆପଣଙ୍କ ନରତନୁ ଦର୍ଶନ ପାଇଁ ଅପେକ୍ଷାକରି ରହିବି । ତ୍ରେତୟା ଓ ଦ୍ୱାପର ଯୁଗର ଯେତିକି ଅଂଶ ଭୋଗପରେ ମୁଁ ଜନନୀରୂପ ଓ ଆପଣଙ୍କ ପୁରୁଷରୂପ ଦର୍ଶନ ପ୍ରାପ୍ତ ହୋଇ ଆଶୀର୍ବାଦ ଲାଭ କଲି, କଳିର ଠିକ୍ ସେତିକି ଅଂଶ ଭୋଗ ପରେ ମାତୃଦର୍ଶନର ପବିତ୍ର ତିଥି ଓ ଲଗ୍ନରେ ମୋର ଏହି ଅଭିଳାଷ ପୂର୍ଣ୍ଣ କରିବେ ।'' ପ୍ରିୟ ଭକ୍ତର ପ୍ରାର୍ଥନା ରକ୍ଷାକରି ବଚନ ଦେଇଥିଲେ ।

ଏଠାରେ କହିବା ବାହୁଲ୍ୟ ଯେ, ଯତିବରଙ୍କ ଜ୍ୟୋତିଦର୍ଶନର ସ୍ମାରକରେ ନାମିତ ହୋଇଥିବା ଜ୍ୟୋତିପୁର ହିଁ ସେହି ତପସ୍ୱୀଙ୍କର ପବିତ୍ର ଆଶ୍ରମ ଥିଲା । ସେହି ପୀଠରେ ସେ ପ୍ରକୃତି ଓ ପୁରୁଷ ଉଭୟଙ୍କର ଯଥାକ୍ରମେ ସୂକ୍ଷ୍ମ ଓ ସ୍ଥୂଳରୂପ ଦର୍ଶନ କରିଥିଲେ । ଉକ୍ତ ଜ୍ୟୋତିପୁର ଜଙ୍ଗଲ ସୀମାର ଦୈର୍ଘ୍ୟ ଓ ପ୍ରସ୍ଥ ଯଥାକ୍ରମେ ଷୋହଳ ଓ ବାର ମାଇଲ ଥିଲା । ଯୁଗର ପ୍ରଳୟ ଓ କାଳର ପ୍ରଭାବରେ ଜଙ୍ଗଲ ଚାଲିଯାଇଛି, ଜନବସତି ସ୍ଥାପନ ହୋଇ ଗ୍ରାମରେ ରୂପାନ୍ତରିତ ହୋଇଛି । କିନ୍ତୁ ଜ୍ୟୋତିପୁର ନାମ ଅପରିବର୍ତ୍ତନୀୟ ହୋଇ ରହିଛି । ତାହାକୁ ପ୍ରଳୟ କିମ୍ବା କାଳ ସ୍ପର୍ଶ କରିପାରି ନାହିଁ ।

ଭବିଷ୍ୟ କଳିଲୀଳା ସୂଚନା ପ୍ରାପ୍ତ ହେବା ପାଇଁ ପ୍ରିୟ ଶିଷ୍ୟ ରାମଦାସ ଗୁରୁଦେବ ଅଚ୍ୟୁତଙ୍କର ନିକଟରେ ଅର୍ଜି କରିଥିଲେ । ତା'ର ଉତ୍ତରରେ ମହାପୁରୁଷ ଉପରୋକ୍ତ ମହାମିଳନ ସଂପର୍କରେ ସଂକ୍ଷେପ ସୂଚନା ଦେବାକୁ ଯାଇ ତାଙ୍କର 'ମହାଭବିଷ୍ୟ ଗ୍ରନ୍ଥ....'ରେ କହିଛନ୍ତି -

ଶୁଣ ରାମଦାସ କହୁଛି ତୋତେ । ଯାଗ ଜ୍ୟୋତିପୁର ବାହିବୁ ସେତେ ।।
କଳିକାଳ ଲୋକ ଧରମ ଛଡା । ବାଛି ବାଛି ନେବୁ ପଥ ଅମଡା ।।
ଥଟ୍ଟା ପରିହାସେ ଦିନ ବାହିବେ । ଗୁପତ ଖେଳରେ କାଳ ସହିବେ ।।
''ମାତୃଯଜ୍ଞ'' ହେବ ଜ୍ୟୋତିପୁରରେ । ପୁରୁଷ ଆସିବ, ଗୁପ୍ତ ବେଳାରେ ।।
ସେହିଠାରେ ରାମ ଯଗି ରହିବୁ । ଗୋପନେ ସୂକ୍ଷମେ ମୋତେ ଭେଟିବୁ ।।

ଏହି ପଦ୍ୟାଂଶରେ ମହାପୁରୁଷ କଳିଯୁଗରେ ଲୋକ ଚରିତ୍ରର ସମ୍ୟକ ସୂଚନା ଦେଇ ସତର୍କ କରାଇଦେଇଛନ୍ତି ଯେ, ''ଜ୍ୟୋତିପୁରରେ ମାତୃଯଜ୍ଞ ହେବ । ସେଠାରେ ଅନେକ ଥଟ୍ଟା ପରିହାସ କରି ଯାଗକୁ ବିଫଳ କରାଇବାକୁ ଚେଷ୍ଟା କରିବେ । ତେଣୁ ବାଛି ବାଛି ଖୁବ୍ ସାବଧାନତା ସହ କାର୍ଯ୍ୟ ବାହି ନେବୁ । ସେହି ଯଜ୍ଞ ସମୟରେ ପୁରୁଷ ଅର୍ଥାତ୍ ପରମ ପୁରୁଷ ସେଠାକୁ ଗୁପ୍ତ ବେଳାରେ ଆସିବେ । ମୁଁ ସେଠାରେ ସୂକ୍ଷ୍ମସତ୍ତା ନେଇ ଉପସ୍ଥିତ ଥିବି । ମୋତେ ତୁ ଦେଖିପାରିବୁ ।''

ପୁନଶ୍ଚ ମହାଯୋଗୀ ଅଚ୍ୟୁତ ଚକଡା ମତାଣ ଦ୍ୱିତୀୟଭାଗରେ ବର୍ଣ୍ଣନା କରିଛନ୍ତି -

କୋଶଳ ରାଇଜ ଯତି ପୁରୁଷ ସେ ମାତୃପାଦେ ସଦା ମନ ।
ସତ୍ୟରୁ ତ୍ରେତୟା ଛାଡି ପାତି ଦେଲା ଘୁରି ଘୁରି ବନୁ ବନ ॥
ମାଆ କଇଲାଣ ଲଭିଲା ଶେଷରେ ଅମର ହୋଇ ରହିଲା ।
ପୁରୁଷ ଦର୍ଶନ ମାଗି ସେ ରହିଲା ଅଚ୍ୟୁତିର କିସ ଗଲା ॥

ଏଠାରେ ଉପର ଆଲୋଚିତ ମହାତ୍ମା ବିକ୍ରମଦେବ (କୀର୍ତ୍ତିଚନ୍ଦ୍ର)ଙ୍କ ସମ୍ପର୍କରେ ଓ ତାଙ୍କର ଯୁଗାନ୍ତକାରୀ ମାତୃ ସାଧନ ବିଷୟରେ ସୂଚନା ମିଳେ ।

ମହାପୁରୁଷ ପୁନଶ୍ଚ ଗୁପ୍ତଟୀକା ଦ୍ୱିତୀୟ ଖଣ୍ଡରେ ଲେଖିଛନ୍ତି -

ମକର ସାରି ଏକାଦଶୀ କରି ।
ଦ୍ୱାଦଶୀ ତିଥିରେ ବରତ ଧରି ॥
ଯଗି ରହୁଥିବୁ ବରଜ ସୁତ ।
ଆସିବ ପୁରୁଷ ଦେଖିବ ନେତ ॥

ଉକ୍ତ ପଦ୍ୟାଂଶରେ ମହାପୁରୁଷ ଏହି ଉତ୍ସବର ତିଥି ସଂପର୍କରେ ସୂଚନା ଦେଇ କହିଛନ୍ତି ମକର ମାସ ସରିଯାଇଥିବ । ଅର୍ଥାତ୍ କୁମ୍ଭ ମାସ ଆରମ୍ଭ ହୋଇଥିବ । କୁମ୍ଭର ପ୍ରଥମାର୍ଦ୍ଧ ଏକାଦଶୀ ତିଥି ଭୋଗ ହୋଇ ଗୋଟିଏ ଦିନରେ ଦ୍ୱାଦଶୀ ତିଥି ଆସିଥିବ । ରେ ବ୍ରଜସୁତ (ରାମଦାସ) ! ତୁ ବ୍ରତ ଉପାସନା କରି ସେହି ଦିନକୁ ଜଗି ରହିଥିବୁ । ସେହି ଦିନ ପୁରୁଷ ଏଠାକୁ ଆସିବ । ତାଙ୍କୁ ନେତ୍ର ଦେଖିବ ।

ବଡ ନିଠୁର ସେ ବିକ୍ରମ ଯତି ।
କୀରତି ଚନ୍ଦ୍ରମା କୋଶଳେ ଗତି ॥
ତିନି ଶକତିକୁ ଥରକେ ବନ୍ଦି ।
ମାଗିନେଲା ବର ମନକୁ ଛନ୍ଦି ॥

ଏଠାରେ ଉତ୍ସବର କାରଣ ମହାତ୍ମା ବିକ୍ରମଦେବ (ତ୍ରେତୟାରେ କୀର୍ତ୍ତିଚନ୍ଦ୍ର)ଙ୍କ ନାମରେ ସ୍ପଷ୍ଟ ସୂଚନା ଦେଇ ସେ ତ୍ରିଶକ୍ତିଙ୍କୁ ଏକାଧାରରେ ଦର୍ଶନ କରି ବରପ୍ରାପ୍ତି ହୋଇଥିବାର ପ୍ରମାଣ ଦେଇଛନ୍ତି ।

ସେହି ''ଗୁପ୍ତଟୀକା''ର ତୃତୀୟ ଖଣ୍ଡରେ ପୁନର୍ବାର କହିଛନ୍ତି -

ଷୋଳ ମାଇଲର ଆଡରେ ବାଡ଼ ।
ବ୍ରହ୍ମରେ ପୁରିଛି ସେ ଯତିପୁର ॥
ବଇତରଣୀର କୂଳକୁ ଲାଗି ।
ରହିଛି ଅନାଇ ସେ ସିଦ୍ଧଯୋଗୀ ॥

ଏହି ପଦ୍ୟାଂଶରେ ଜ୍ୟୋତିପୁର ସ୍ଥିତି ଓ ଆକାର ସମ୍ପର୍କରେ ସୂଚନା ମିଳେ । ସ୍ଥାନଟିର ଦୈର୍ଘ୍ୟ ଷୋଳ ମାଇଲ ପ୍ରସ୍ଥ ବାର ମାଇଲ । ବୈତରଣୀ ନଦୀର ତୀରଦେଶରେ ଅବସ୍ଥିତ । ସେହି ବ୍ରହ୍ମପୁରିତ ସ୍ଥାନରେ ସେ ସିଦ୍ଧଯୋଗୀ ଏହି ନିର୍ଦ୍ଧାରିତ ଦିବସର ମହାମିଳନକୁ ଅପେକ୍ଷା କରି ରହିଛନ୍ତି ।

''ଚଉଦ ଭୁବନ ଶହେ ଗୁଣନ ।

ସପ୍ତଲୋକ ଦେଇ କର ମିଶାଣ ॥

କଳସ ବସାଇ ଚାରି ଗଣିବୁ ।

ଆକାଶେ ଚନ୍ଦ୍ରମା ଜଗି ରହିବୁ ॥

ଯତିପୁର ଯାଇ ଗୋପନେ ରହି ।

ମାତୃଯାଗ, ସତସଂଗକୁ ଚାହିଁ ॥''

ଉକ୍ତ ଅଂଶରେ ମହାପୁରୁଷ ପଦଟିରେ ସାଲ ଦିନର ସ୍ପଷ୍ଟ ଚିତ୍ର ଦେଇଛନ୍ତି । ''ଚଉଦ ଭୁବନ ଶହେ ଗୁଣନ'' ଅର୍ଥାତ୍ ୧୪x୧୦୦=୧୪୦୦ ''ସପ୍ତଲୋକ ଦେଇ କର ମିଶାଣ'' ଅର୍ଥାତ୍ ୧୪୦୦ରେ ୭ ମିଶାଇ ଦିଅ =୧୪୦୭ । ''କଳସ ବସାଇ ଚାରିଗଣିବୁ'' ଅର୍ଥ କଳସ କହିଲେ 'କୁମ୍ଭ' । କୁମ୍ଭ ମାସର ୪ ଦିନ ହୋଇଥିବ । ''ଆକାଶେ ଚନ୍ଦ୍ରମା ଜଗି ରହିବୁ'' ଅର୍ଥ: ପୂର୍ଣ୍ଣିମାର ପୂର୍ଣ୍ଣଚନ୍ଦ୍ରକୁ ଅପେକ୍ଷା କରିବୁ - ଏହାର ସାଙ୍କେତିକ ଅର୍ଥ - ପୂର୍ଣ୍ଣିମା ଆସି ନ ଥିବ । କିନ୍ତୁ ଆକାଶକୁ ଚନ୍ଦ୍ର ଆସୁଥିବ ଅର୍ଥାତ୍ ଶୁକ୍ଳପକ୍ଷ ହୋଇଥିବ । ଏହିଦିନ ମାତୃଯଜ୍ଞ ଓ ସତ୍‌ସଂଗ ଉତ୍ସବ ଅନୁଷ୍ଠିତ ହେବ ।

ଉପରୋକ୍ତ ସମସ୍ତ ଉଦ୍ଧୃତାଂଶର ଅର୍ଥକୁ ଏକତ୍ର କରିଲେ - ୧୪୦୭ ସାଲ କୁମ୍ଭ ଦି୪ନ ଶୁକ୍ଳପକ୍ଷ ଏକାଦଶୀ ଗତ ଦ୍ୱାଦଶୀତିଥିରେ କୋଶଳ ରାଜ୍ୟ ଅନ୍ତର୍ଗତ ବୈତରଣୀ ନଦୀ ତୀରରେ ଅବସ୍ଥିତ ଷୋଳମାଇଲ ଦୈର୍ଘ୍ୟ ବାରମାଇଲ ପ୍ରସ୍ଥ ପରିମିତ ଯତିପୁର (ଜ୍ୟୋତିପୁର) ନାମକ ସ୍ଥାନରେ ସତ୍ୟଯୁଗର ବିକ୍ରମଦେବ ଓ ତ୍ରେତୟାର କୀର୍ତ୍ତିଚନ୍ଦ୍ରଙ୍କ ବରପ୍ରାପ୍ତି ଅନୁସାରେ ଶ୍ରୀମନ ନାରାୟଣଙ୍କ ଉପସ୍ଥିତିରେ ମାତୃଯଜ୍ଞ ଓ ସତ୍‌ସଂଗ ଉତ୍ସବ ଅନୁଷ୍ଠିତ ହେବ ।

ଆଜି ସେହି ଅବିସ୍ମରଣୀୟ ଦିବସ ଓ ମହାମିଳନର ଦୃଶ୍ୟ ସମସ୍ତଙ୍କ ସମ୍ମୁଖରେ ଅନୁଷ୍ଠିତ ହୋଇଅଛି । କଲ୍ୟାଣମୟଙ୍କ ଅପାର କରୁଣାର ଏ ଦୃଶ୍ୟର ଦର୍ଶକ, ଶ୍ରୋତା, ବକ୍ତା ପ୍ରତ୍ୟେକଙ୍କର କଲ୍ୟାଣ ହେଉ । ବିଶ୍ୱର ମଙ୍ଗଳ ହେଉ । ଇଚ୍ଛାମୟଙ୍କ ଇଚ୍ଛାହିଁ ପୂର୍ଣ୍ଣ ହେଉ ।

ଓଁ ଶାନ୍ତିଃ ! ଓଁ ଶାନ୍ତିଃ !! ଓଁ ଶାନ୍ତିଃ !!!

ooo

ମୁହୂର୍ତ୍ତ ସାଧନା କରୁଛୁ କିରେ ?
ଚଳୁଛୁ କି ଯୋଗ ପଥରେ ଧିରେ ??
ଅଯଥାରେ କାଳ ବିତେଇ ଦେଉ ।
ହେଲୁ ଛେଳି ଦିବ୍ୟାତ୍ମା ହେଉ ହେଉ ॥

# ଆଶ୍ରମ ସନ୍ଦେଶ

ତା୧୯.୧୨.୧୯୯୯ରିଖ - ରବିବାର-କେନ୍ଦୁଝର ଜିଲ୍ଲାର ଚାହାଳି ଶାଖାର କେତନ ବାର୍ଷିକ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଯାଇଛି ।

ତା୨୧.୧୨.୧୯୯୯ରିଖ - ମଙ୍ଗଳବାର-କେନ୍ଦୁଝର ସଦର ଶାଖାର କେତନ ବାର୍ଷିକ ସତ୍‌ସଙ୍ଗ ପାଳିତ ହୋଇଅଛି ।

ତା୨୬.୧୨.୧୯୯୯ରିଖ - ରବିବାର- ଆଜିଠାରୁ ବିଭିନ୍ନ ଶାଖାର ପୂଜକ/ସହ ପୂଜକମାନଙ୍କୁ ସ୍ୱର୍ଣ୍ଣକ୍ଷେତ୍ରକୁ ଡକାଯାଇ ଦ୍ୱିତୀୟ ପର୍ଯ୍ୟାୟ ପୂଜାଶିକ୍ଷା ପ୍ରଦାନ କରାଯାଇଅଛି ।

ତା୨୮.୧୨.୧୯୯୯ରିଖ - ମଙ୍ଗଳବାର - ପ୍ରହରାଜପୁର ଶାଖାର କେତନ ବାର୍ଷିକ ଉତ୍ସବ ଯଥାବିଧି ପାଳିତ ହୋଇଅଛି ।

ତା୦୧.୦୧.୨୦୦୦ରିଖ - ଶନିବାର - ହାଟପଡ଼ାର ଗୁରୁଭାଇ ଧ୍ରୁବାନନ୍ଦ ବିଶ୍ୱାଳଙ୍କ ବାର୍ଷିକ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଅଛି ।

ତା୧୩.୦୧.୨୦୦୦ରିଖ - ଗୁରୁବାର- ପର୍ଶୁରାମପୁର ଶାଖାର ବାର୍ଷିକ ଉତ୍ସବ ନିରାଡ଼ମ୍ବର ଭାବରେ ପାଳନ କରାଯାଇଅଛି ।

ତା୧୪.୦୧.୨୦୦୦ରିଖ - ଶୁକ୍ରବାର - ସନାତନ ଆଧ୍ୟାତ୍ମିକ ବିଦ୍ୟା ନିକେତନର ବାର୍ଷିକ ଉତ୍ସବ, ରତାଦିଆ ଶାଖାର କେତନ ବାର୍ଷିକ ଉତ୍ସବ ଏବଂ ପ୍ରହରାଜପୁର ଗୁରୁଭାଇ ଭୀମସେନ ସାମଲଙ୍କ ବାର୍ଷିକ ନାମଯଜ୍ଞ ଯଥାବିଧି ଅନୁଷ୍ଠିତ ହୋଇ ଯାଇଅଛି ।

ତା୧୫.୦୧.୨୦୦୦ରିଖ - ଶନିବାର-ରେଢ଼ିଆ ଶାଖାର ଗୁରୁଭାଇ ଶ୍ରୀକାନ୍ତ କିଶୋର ପରିଡ଼ାଙ୍କ ବାର୍ଷିକ ନାମଯଜ୍ଞ ପାଳିତ ହୋଇଛି ।

ତା୧୭.୦୧.୨୦୦୦ରିଖ - ସୋମବାର-ପୂଜ୍ୟ ଠାକୁରବା' ଯଦୁନାଥଙ୍କର ଜନ୍ମଜୟନ୍ତୀ ନିରାଡ଼ମ୍ବର ଭାବରେ ପାଳିତ ହୋଇଅଛି ।

ତା୨୧.୦୧.୨୦୦୦ରିଖ - ଶୁକ୍ରବାର - ବାଲିଆ ପ୍ରସ୍ତାବିତ ଶାଖାର ବାର୍ଷିକ ଉତ୍ସବ ଓ ମାଟିଆଗୁନି ଶାଖାରକେତନ ବାର୍ଷିକ ଉତ୍ସବ ଯଥାବିଧି ପାଳନ କରାଯାଇଅଛି ।

ତା୨୬.୦୧.୨୦୦୦ରିଖ - ବୁଧବାର - ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ସାଧାରଣତନ୍ତ୍ର ଦିବସ ଯଥାବିଧି ପାଳନ କରାଯାଇଅଛି ।

ତା୨୯.୦୧.୨୦୦୦ରିଖ - ଶୁକ୍ରବାର-ମାହାଳ ଗୁରୁଭାଇ ଭ୍ରମରବର ନାୟକଙ୍କ ବାର୍ଷିକ ନାମଯଜ୍ଞ ଅନୁଷ୍ଠିତ ହୋଇଅଛି ।

ତା୩୧.୦୧.୨୦୦୦ରିଖ ଓ ତା୧.୨.୨୦୦୦ରିଖ - ସୋମବାର ଓ ମଙ୍ଗଳବାର - ଦୁଇଦିନ ବ୍ୟାପୀ ବାରିପଦାସ୍ଥ ମହାରାଣୀ ଧର୍ମଶାଳାରେ ମାସାଧିକ ବ୍ୟାପୀ ବିଶ୍ୱମାନବ ଧର୍ମ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ଶ୍ରୀଗୁରୁପାଦ, ଶ୍ରୀଗୁରୁସ୍ୱାମୀ ଓ ସଂଘର କର୍ମକର୍ତ୍ତାବୃନ୍ଦ ଯୋଗଦାନ କରି ଉତ୍ସବକୁ ସରସ ସୁନ୍ଦର କରିଥିଲେ । ଠାକୁରେ ଦୁଇଦିନ ମଞ୍ଚରେ ସିଂହାସନରୂଢ଼ ହୋଇ ବିଭିନ୍ନ ଆଧ୍ୟାତ୍ମିକ ପ୍ରଶ୍ନର ସମାଧାନ ଦେଇଥିଲେ ।

ତା୧.୦୨.୨୦୦୦ରିଖ - ମଙ୍ଗଳବାର - ଓଳାଶୁଣି ଗୁମ୍ଫାର ପ୍ରତିଷ୍ଠାତା ସନ୍ଥ ଅରକ୍ଷିତ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ଖଞ୍ଜଣି ଭଜନ ସମାରୋହ ଓ ଶ୍ରୀଗୁରୁସ୍ୱାମୀଙ୍କ ପଦ୍ମପାଦପୀଠରେ ପୋଡ଼ପିଠା ନୈବେଦ୍ୟ କରାଯାଇଅଛି ।

" ଆଜିଠାରୁ ଗୁରୁଭ୍ରାତା ରମେଶଚନ୍ଦ୍ର ରାଉତରାୟ କ୍ଷିତିଜ୍ୟୋତିଃ ଆଶ୍ରମର ପ୍ରତ୍ୟେକ ଶାଖା, ପ୍ରସ୍ତାବିତ ଶାଖା, ଅଣଆନୁଷ୍ଠାନିକ ଶାଖାକୁ ନିର୍ଦ୍ଧାରିତ ଗସ୍ତ କାର୍ଯ୍ୟକ୍ରମ ଅନୁସାରେ ଗସ୍ତ କରି ଆଚରଣ ଶିକ୍ଷା ସମ୍ବନ୍ଧରେ ଆଲୋଚନା ଆରମ୍ଭ କରି ଅଛନ୍ତି ।

ତା୩.୦୨.୨୦୦୦ରିଖ - ଗୁରୁବାର - ଭଟିମୁଣ୍ଡା ଶାଖାର କେତନ ବାର୍ଷିକ ଉତ୍ସବ ଯଥାବିଧି ପାଳିତ ହୋଇଯାଇଛି ।

ତା୪.୦୨.୨୦୦୦ରିଖ - ଶୁକ୍ରବାର - ଗୋବିନ୍ଦପୁର ଶାଖାର ବାର୍ଷିକ ଉତ୍ସବ ଯଥାବିଧି ପାଳନ କରାହୋଇଅଛି ।

ତା୬.୦୨.୨୦୦୦ରିଖ - ରବିବାର - ନାଲ୍ଲକୋର ଗୁରୁଭ୍ରାତା କନ୍ଦର୍ପ ସାମଲଙ୍କ ବାସଭବନ ପରିସରରେ ଅଚ୍ୟୁତ ଗୁପ୍ତ ବ୍ରହ୍ମସଂଘ ତରଫରୁ ପାରିବାରିକ ସତ୍‌ସଙ୍ଗ ଅଧିବେଶନ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି ।

ତା୮.୦୨.୨୦୦୦ରିଖ - ମଙ୍ଗଳବାର-ଗୋପାଳପୁରର ଗୁରୁଭାଇ କୈଳାଶ ମହାନ୍ତିଙ୍କର ବାର୍ଷିକ ନାମ ସଂକୀର୍ତ୍ତନ ଯଥାବିଧି ପାଳିତ ହୋଇଅଛି ।

ତା୯.୦୨.୨୦୦୦ରିଖ - ବୁଧବାର-ଶବଳଙ୍ଗର ଗୁରୁଭାଇ ଅନନ୍ତ ଚରଣ ଦାଶଙ୍କ ବାସଭବନ ପରିସରରେ ଅଚ୍ୟୁତ ଗୁପ୍ତବ୍ରହ୍ମ ସଂଘ ତରଫରୁ ପାରିବାରିକ ସତ୍‌ସଙ୍ଗ ଅଧିବେଶନ ମହାସମାରୋହରେ ଅନୁଷ୍ଠିତ ହୋଇ ଯାଇଛି ।

ooo

ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି